بِسْمِ اللّٰهِ الرَّحْمٰنِ الرَّحِيْمِ   نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ   وَعَلٰى عَبْدِهِ الْمَسِيْحِ الْمَوْعُوْدِ


ମସିହ ମଉଦ ସଂଖ୍ୟା

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ସାପ୍ତାହିକ କାଦିୟାନ


# ବଦର

The Weekly
**BADAR** Qadian
**ODIA**

ସଂଖ୍ୟା
**9-10**
ବାର୍ଷିକ ଦେୟ
500 ଟଙ୍କା

ବର୍ଷ
**6**
ସମ୍ପାଦକ
କମ୍‌ରୁଲ ହକ୍ ଖାନ
ସହ ସମ୍ପାଦକ
ମକ୍‌ସୁଦ୍ ଅଲୀ ଖାନ
(ଏଚ.ଏ. ଏମ୍.ଏ.)

**Postal Reg. No. GDP/40/2020-22** • **4-11 ମାର୍ଚ୍ଚ 2021** • **4-11 ଅମାନ 1400** ହିଜ୍ରି ଶମ୍‌ସୀ • **19-26 ରଜବ 1442** ହିଜ୍ରି କମରୀ

اِذْ بَعَثَ اللّٰهُ تَعَالٰى الْمَسِيْحَ ابْنَ مَرْيَمَ
فَيَنْزِلُ عِنْدَ الْمَنَارَةِ الْبَيْضَاءِ شَرْقِيَّ دِمَشْقَ

ଅଲ୍ଲାଃତାଲା ମରିୟମ ପୁତ୍ର ଯୀଶୁ ମସିହଙ୍କୁ ଆବିର୍ଭାବ କରିବେ, ଯଦ୍ୱାରା ସେ ଦାମସ୍କର ପୂର୍ବ ଦିଗରେ ଅବସ୍ଥିତ ଏକ ଶୁଭ୍ର ମିନାରା ନିକଟରେ ଅବତୀର୍ଣ୍ଣ ହେବେ ।
(ମୁସଲିମ କିତାବୁଲ ଫିତ୍‌ନ, ଭାଗ:ଜିକରୁଦ୍ ଦଜ୍‌ଜାଲୁ)

ପୁଣ୍ୟଶ୍ଳୋକ ହଜରତ ମସିହ ମଉଦ[ଅସ] କହିଛନ୍ତି:
"ଧର୍ମପାଠ କାଦିୟାନ ଯାହା ପଞ୍ଜାବ ଅନ୍ତର୍ଗତ ଗୁରୁଦାସପୁର ଜିଲ୍ଲାରେ ଅବସ୍ଥିତ, ଦାମସ୍କର ଠିକ ପୂର୍ବଦିଗକୁ ରେଖାଙ୍କିତ କରୁଛି । ଏଥିରୁ ପ୍ରମାଣିତ ହେଉଛି ଯେ ଏହି 'ମିନାରତୁଲ୍ ମସିହ' ମଧ୍ୟ ଦାମସ୍କର ପୂର୍ବ ଦିଗରେ ରହିଛି ।"(ମଜ୍‌ମୁଆ ଇସ୍ତେହାର, ଖଣ୍ଡ ୩)



ମସଜିଦ ମୁବାରକ (କାଦିୟାନ)



ମସଜିଦ ଅକ୍‌ସା (କାଦିୟାନ)



ମସଜିଦ ଡାରୁସ୍ ସଲାମ (ସାଉଥ ହଲ, ୟୁ.କେ)



ବୈତୁଲ ଆଫିୟତ (ଅଲ୍‌ମେରେ, ହଲାଣ୍ଡ)



ମସଜିଦ ବୈତୁଲ ନସୀର (ଆଗସବର୍ଗ, ଜର୍ମାନୀ)



ମସଜିଦ ମହମୁଦ (ସ୍ୱିଡେନ)




ମସଜିଦ ମୁବାରକ (ୱିଜବାଦନ, ଜର୍ମାନୀ)



ମସଜିଦ ବୈତୁଲ୍ ମୁକୀତ୍ (ୱାଲ୍‌ସାଲ, ୟୁ.କେ)

ବିଶ୍ୱବ୍ୟାପ୍ତ ଜମାଅତ ଅହମଦୀୟା ଆଜି ପୃଥିବୀର ୨୧୩ ଗୋଟି ଦେଶରେ ପ୍ରତିଷ୍ଠା ହୋଇସାରିଛି ।
ପୃଥିବୀର ବିଭିନ୍ନ ଦେଶମାନଙ୍କରେ ଜମାଅତ ଅହମଦୀୟା ତରଫରୁ ନିର୍ମିତ କେତେକ ମସଜିଦର ମନୋରମ ଦୃଶ୍ୟ

# ସୂଚୀପତ୍ର


| | | |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ନବୀ ସ:ଆ:ସଙ୍କ ବାଣୀ | ୨ |
| ୩ | ସୟଦନା ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ୍ ଆ:ସଙ୍କ ପବିତ୍ର ବାଣୀ | ୩ |
| ୪ | ମିନାରତୁଲ ମସିହ୍ ନିର୍ମାଣର ଇତିହାସ ଏବଂ ଏଥି ସକାଶେ ଆର୍ଥିକ ତ୍ୟାଗ କରିଥିବା ଦାତାମାନଙ୍କର ନାମ | ୪ |
| ୫ | ପୁସ୍ତକ ରଚନା ଏବଂ ଧର୍ମସମ୍ବନ୍ଧୀୟ ବିତର୍କ ବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସପକ୍ଷରେ ଅଲ୍ଲାଃଙ୍କ ସମର୍ଥନ | ୯ |
| ୬ | ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାର ପ୍ରମାଣ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ଭବିଷ୍ୟତବାଣୀ ଆଲୋକରେ | ୧୨ |
| ୭ | ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସତ୍ୟତାର ପ୍ରମାଣ ପୂର୍ବବର୍ତ୍ତୀ ବୁଜୁର୍ଗ (ଅର୍ଥାତ ସିଦ୍ଧପୁରୁଷମାନଙ୍କ) ଭବିଷ୍ୟତବାଣୀ ଆଧାରରେ | ୧୪ |
| ୮ | ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ହକମ୍ ଓ୍ଵ ଅଦଲ୍ ଅର୍ଥାତ ନ୍ୟାୟ ବିଚାରକ ଓ ମିମାଂସାକାରୀ ଆଇନାରେ | ୧୬ |


ସମ୍ପାଦକୀୟ

لَا إِلٰهَ إِلَّا اللّٰهُ مُحَمَّدٌ رَسُولُ اللّٰهِ

## ହଜରତ ମସିହ୍ ମଉଦ[ଅସ]ଙ୍କର ଅର୍ଥ ପୁରସ୍କାର ଭିର୍ତିକ ଆହ୍ଵାନ

'ହର୍ ମୁଖାଲିଫ୍ କୋ ମୁକାବିଲ୍ ପେ ବୁଲାୟା ହମ୍‌ନେ'
'ବିରୋଧି ମୋହର ନ ଆସନ୍ତି କେହି
ମୁକାବିଲା ପାଇଁ ଡାକୁଅଛୁ ଭାଇ'

إِنَّ السُّمُوْمَ لَشَرُّ مَا فِي الْعَالَمِ ✿ شَرُّ السُّمُوْمِ عَدَاوَةُ الصُّلَحَاءِ

### ପୁସ୍ତକ 'ସିର୍‌ରୁଲ୍ ଖିଲାଫାଃ'ର ତ୍ରୁଟି ବାହାର କରିବା ଉପରେ ପ୍ରତ୍ୟେକ ତ୍ରୁଟି ପାଇଁ ଏକଟଙ୍କା ପୁରସ୍କାର ଘୋଷଣା

ଏହା ପୂର୍ବରୁ ଆମେ କହି ସାରିଛୁ ଯେ ମୌ. ମୁହମ୍ମଦ ହୁସେନ୍ ବଟାଲୁଇଙ୍କ ପ୍ରତି ହଜରତ ମସିହ ମଉଦ[ଅସ]ଙ୍କର ମନରେ ବିଶେଷ ଶ୍ରଦ୍ଧା ପୁରି ରହିଥିଲା । ସେ 'ବରାହିନେ ଅହମଦୀୟା'ର ସମୀକ୍ଷାରେ ପ୍ରଶଂସାମୂଳକ ଲେଖା ପ୍ରକାଶ କରିଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ନିଜ ରିଭ୍ୟୁରେ ଅତି ପ୍ରଭାବଶାଳୀ ଶବ୍ଦରେ ହଜରତ ମସିହ ମଉଦ[ଅସ]ଙ୍କ ରଚିତ ମହାନ ଗ୍ରନ୍ଥ 'ବରାହିନେ ଅହମଦୀୟା'କୁ ଦୃଢ ସମର୍ଥନ ଜଣାଇଥିଲେ । କିନ୍ତୁ ପ୍ରକୃତ କଥା ହେଉଛି, ମସିହ ମଉଦ[ଅସ] ଲୋକପ୍ରିୟତା ଓ ବରାହିନେ ଅହମଦିୟା ସର୍ବଜନ ଆଦୃତ ଲାଭ କରିବାର କାରଣ ମୁହମ୍ମଦ ହୁସେନଙ୍କର ସମୀକ୍ଷା ନଥିଲା । ବରଂ ସେହି ପୁସ୍ତକର ଆଦୃତ ଲାଭ କରିବା ସିଧାସଳଖ ହୃଦୟକୁ ଛୁଇଁଯିବାର ବିଳିଷ୍ଟ ପ୍ରମାଣ ଥିଲା । ସେହିପରି ମସିହ ମଉଦ[ସଅ]ଙ୍କ ସର୍ବଗ୍ରହଣୀୟ ହେବାର କାରଣ ତାଙ୍କର ସତ୍‌କର୍ମ ଓ ଈଶ୍ଵର ନିଷ୍ଠା ତଥା ଅଲ୍ଲାଃ ପରମବ୍ରହ୍ମଙ୍କ ଆଡକୁ ତାଙ୍କର ଅସ୍ତିତ୍ଵରେ ଏକ ଅହେତୁକ ଆଧ୍ୟାତ୍ମିକ ଆକର୍ଷଣ ତଥା ପ୍ରଗାଢ ଭକ୍ତି ରହିଥିଲା । ଏତଦଭିନ୍ନ ତାଙ୍କର ଜନାଦୃତ ହେବାର ଏହା ମଧ୍ୟ କାରଣ ଥିଲା ଯେ ସେ ଇସଲାମର ଏକ ସୁଦକ୍ଷ ମଲ୍ଲଯୋଦ୍ଧା ତଥା ଅଜେୟ ସେନାପତି ଥିଲେ, ଯାହାଙ୍କ ସମ୍ମୁଖରେ କାହାରିକୁ ଛିଡା ହେବାକୁ ସାହାସ ନଥିଲା । ମୁହମ୍ମଦ ହୁସେନର ଏହା ଦୁର୍ଭାଗ୍ୟ ଯେ ସେ ବରାହିନର ଲୋକପ୍ରିୟତାର କାରଣ ତଥା ମସିହ ମଉଦଙ୍କ ସର୍ବଗ୍ରହଣୀୟ ହେବାର ଆଧାର ନିଜ ଦ୍ଵାରା ଲିଖିତ ରିଭ୍ୟୁ ମୁଳକ ପୁସ୍ତକକୁ ଧରିନେଲା । ଯେତେବେଳେ ହଜରତ ମସିହ ମଉଦ[ଅସ] ୧୮୯୦ରେ ପ୍ରତିଶ୍ରୁତ ମସିହ ଓ ଯୁଗାବତାର ହେବାର ଦାବି କଲେ ସେତେବେଳେ ବିଗିଡିଗଲା ଓ ଚିନ୍ତା କଲା ଯେ ମୋ ସହିତ ପରାମର୍ଶ କରିବା ବିନା ସେ କିପରି ମସିହ ମଉଦ ହେବାର ଦାବି ଘୋଷଣା କରିଦେଲେ । ଅନେକ ତର୍କବିତର୍କ ପରେ ମୁହମ୍ମଦ ହୁସେନ ବଟାଲୁଇ ମସିହ ମଉଦଙ୍କ ସମ୍ବନ୍ଧରେ ଏହିପରି ଲେଖିଲା:

'ଇଶାଅତୁସ୍ ସୁନ୍ନା ପୁସ୍ତକର କର୍ତବ୍ୟ ଓ ଦାୟିତ୍ଵରେ ଏହି ରହସ୍ୟ ଥିଲା ଯେ ତାହା ଯେପରି ତାକୁ (ଅର୍ଥାତ ମସିହ ମଉଦଙ୍କୁ) ପ୍ରାର୍ଥନାର ପ୍ରଭାବ ବଳରେ ଆକାଶରେ ଚଢାଇ ଦେଇଥିଲେ, ସେ ସକଳ ନୂତନ ପ୍ରାର୍ଥନା ଦୃଷ୍ଟିକୋଣରୁ ତାକୁ ପୁଣି ପୃଥିବୀ ଉପରେ ପକେଇ ଦେବ । ***(ଅହମଦିୟା ଇତିହାସ, ପ୍ରଥମ ଖଣ୍ଡ, ପୃଷ୍ଠା ୩୮୬)***

ହଜରତ ମସିହ ମଉଦ[ଅସ]ଙ୍କ ବିରୁଦ୍ଧାଚରଣ କରି ମୁହମ୍ମଦ ହୁସେନ ବଟାଲୁଇ ସ୍ଵୟଂ ଆପଣାକୁ ଓ ନିଜ ପତ୍ରିକା 'ଇଶାଅତୁସ୍ ସୁନ୍ନା'କୁ ଉତ୍ସର୍ଗ କରିଦେଇଥିଲା । ତାକୁ ଉତର ଦେଇ ହଜରତ ମସିହ ମଉଦ[ଅସ] ଏହିପରି ଲେଖିଛନ୍ତି:

'ମୋର ସେଥିରେ କୌଣସି ଦୁଃଖ ଓ ଅନୁଶୋଚନା କରିବାର ନାହିଁ ଯେ ଆପଣଙ୍କ ପରି ବନ୍ଧୁ ବିରୁଦ୍ଧାଚରଣ କରିବାକୁ ଆଗେଇ ଆସିଛି .... କାଲି ମୋ ବାହୁରେ ଏହି ଶବ୍ଦ ଲେଖାଯାଇଥିବାର ଦେଖିଲି ଯେ ମୁଁ ଏକାକୀ ହୋଇ ପଡି ରହିଛି ଓ ଈଶ୍ଵର ମୋ ସହିତ ଅଛନ୍ତି । ଏହା ସହିତ ମୋତେ ଶୂନ୍ୟବାଣୀ ହେଲା : **ଇନ୍ନା ମଈୟା ରବ୍‌ବା ସୟହ୍‌ଦୀନ୍** । ସୁତରାଂ ମୁଁ ଜାଣିଛି ଯେ ଈଶ୍ଵର ନିଜ ତରଫରୁ କୌଣସି ପ୍ରାମାଣିକ ତତ୍ତ୍ଵ ପ୍ରକଟ କରିଦେବେ । ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରିବି, କିନ୍ତୁ ଏହା ଅବଶ୍ୟ ଘଟିବ ଯେ ଯାହା ଆପଣଙ୍କ ପାଇଁ ବିଧିନିର୍ଦ୍ଧିଷ୍ଟ କରାଯାଇଛି, ସେସବୁ ଆପଣଙ୍କ ହାତରେ ଅବଶ୍ୟ ପୂରଣ ହେବ ।' ***(ଅହମଦିୟା ଇତିହାସ, ପ୍ରଥମ ଖଣ୍ଡ, ପୃଷ୍ଠା ୩୮୬)***

ଆମ ପାଇଁ ଏହା ପରିତାପର ବିଷୟ ଯେ ମୁହମ୍ମଦ ହୁସେନ ବଟାଲୁଇର ବିରୁଦ୍ଧାଚଣର ଶୈଳୀ ବହୁତ ଅବାନ୍ତର ଓ ନିକୃଷ୍ଟ ଧରଣର ଥିଲା । ସେଥିରେ ସେ ଶିଷ୍ଟାଚାରର ସକଳ ସୀମା ଅତିକ୍ରମ କରି ଯାଇଛନ୍ତି ଏବଂ ବିନା ଦ୍ଵିଧାରେ ମିଥ୍ୟାର ଆଶ୍ରୟ ନେଇଛନ୍ତି । ତାଙ୍କର ମିଥ୍ୟାରୋପ ମଧ୍ୟରେ ଏହା ମଧ୍ୟ ଥିଲା ଯେ ହଜରତ ମସିହ ମଉଦ[ଅସ] ଆରବୀ ପାଠ ଓ କୁରଆନର ତତ୍ତ୍ଵଭିର୍ତିକ ଜ୍ଞାନରୁ ବହୁ ଦୂରରେ । ଏହାର ଉତରରେ ପୁଣ୍ୟଶ୍ଳୋକ ତାଙ୍କୁ ଏହାର ମୁକାବିଲା କରିବା ପାଇଁ ପବିତ୍ର କୁରଆନର ବ୍ୟାଖ୍ୟା ଲେଖିବାକୁ ଆହ୍ଵାନ କଲେ । ସୂକ୍ଷ୍ମ ଆରବୀ ତତ୍ତ୍ଵ ମୂଳକ ଦୁଇଟି ପୁସ୍ତକ 'କରାମାତୁସ୍ ସାଦିକୀନ୍' ଓ 'ନୁରୁଲ୍‌ହକ୍' ରଚନା କଲେ । ପୁଣି ତଦନୁରୂପ ପୁସ୍ତକ ଲେଖିବାର ଚାଲେଞ୍ଜ ଦେଲେ ଏବଂ ସେଥି ସକାଶେ ଅଧିକ ପରିମାଣର ପୁରସ୍କାର ମଧ୍ୟ ରଖିଲେ । ଏଥି ସମ୍ବନ୍ଧରେ ପୂର୍ବରୁ ଆଲୋଚନା କରାଯାଇ ସାରିଛି । ଏହା ପରେ ହଜରତ ମସିହ ମଉଦ[ଅସ] ଆରବୀ ଭାଷାରେ ତତ୍ତ୍ଵ ସମ୍ବଳିତ ପୁସ୍ତକ 'ସିର୍‌ରୁଲ ଖିଲାଫାଃ' ରଚନା କଲେ । ଏବଂ ସେଥିପାଇଁ ୨୭ ଟଙ୍କାର ପୁରସ୍କାର ଘୋଷଣା କଲେ । ପୁଣି ସେଥିରୁ ଭୁଲ ବାହାର କଲେ ପ୍ରତ୍ୟେକ ଭୁଲ ପାଇଁ ଏକ ଟଙ୍କା ରଖିଲେ । ତାହାକୁ ପୁନର୍ବାର ଦୁଇଟଙ୍କାକୁ ବୃଦ୍ଧି କରାଗଲା । ନିମ୍ନରେ ସେହି ପୁରସ୍କାର ମୂଳକ ଚାଲେଞ୍ଜ ସମ୍ବନ୍ଧରେ ହଜରତ ମସିହ ମଉଦ[ଅସ]ଙ୍କର ନିର୍ଦ୍ଦେଶାବଳୀ ପ୍ରଦତ ହେଉଛି । ସେ ମୁହମ୍ମଦ ହୁସେନ ବଟାଲୁଇକୁ ସମ୍ବୋଧନ କରି କହିଛନ୍ତି:

"ଅତ୍ୟନ୍ତ ସଦଭାବନାର ପଥ ଆପଣାଇ ପୁନଶ୍ଚ ମୁଁ ଶେଷ ନିମନ୍ତ୍ରଣ ଦେଉଛି ଏବଂ ପୂର୍ବ ପତ୍ରିକାମାନଙ୍କ ଦ୍ଵାରା ମୁକାବିଲା କରି ଥକି ପଡିବା ଯୋଗୁଁ ଶେଷରେ ନିରାଶ ହୋଇ ଏହି ପତ୍ରିକା 'ସିର୍‌ରୁଲ୍ ଖିଲାଫାଃ' ପ୍ରତି ଶେଖ ସାହେବ (ମୁହମ୍ମଦ ହୁସେନ)ଙ୍କୁ ଆହ୍ଵାନ କରୁଛି । ଆପଣଙ୍କ ଉତର ସକାଶେ ୨୭ ଦିନର ଅବଧି ଏବଂ ଯଦି ଆପଣ ମୋ ଠାରୁ ଜିଜ୍ଞାସା କରିବେ ଅଥଚ ଆମେ ତାହା ପଠାଇବୁ ନାହିଁ, ତା'ହେଲେ ଆମେ ମିଥ୍ୟାବାଦୀ । ଆମେ ପୂର୍ବରୁ ହିଁ ଏହି ପୁରସ୍କାର ରାଶି ପଠାଇ ଦେଇ ପାରିବୁ, କିନ୍ତୁ ଆପଣ ଏକ ସ୍ଵୀକୃତି ପତ୍ର ପ୍ରକାଶିତ କରି ଦିଅନ୍ତୁ ଯେ ମୁଁ ୨୭ ଦିନ ଭିତରେ ଏହାର ମୁକାବିଲା ମୂଳକ ପତ୍ରିକା ଛପାଇ ଦେବି । ଯଦି ଆପଣ ଏହି ସମୟ ସୀମା ମଧ୍ୟରେ ଛପାଇ ଦିଅନ୍ତି ତା'ହେଲେ ଆପଣ କେବଳ ଯେ ସତାଇଶ ଟଙ୍କାର ପୁରସ୍କାର ପାଇବେ ସେତିକି ନୁହେଁ, ବରଂ ଆମେ ଜନସାଧାରଣ ମଧ୍ୟରେ ପ୍ରକାଶନ ଦ୍ଵାରା ଜଣାଇ ଦେବୁ ଯେ ଆମେ ଯେପରି ଦୀର୍ଘ କାଳରୁ ମୁହମ୍ମଦ ହୁସେନ ନାମ ଉଚ୍ଚାରଣ ନ କରି କେବଳ ଆପଣଙ୍କୁ ଶେଖ୍ ଶେଖ୍ କହି ଡାକୁଥିଲୁ । ଏହା ଆମର ଏକ ବଡ ଭୁଲ ଥିଲା । ବରଂ ଆପଣତ ଏହି ପରିସ୍ଥିରେ ଅତି ଅମନଯୋଗୀ ଓ ଅଭଦ୍ର ତଥା ତାହାର ମଧ୍ୟ ଯୋଗ୍ୟ ବୋଲାଇବେ, ଯାହା ହଦିସରୁ ଆପଣ ଅର୍ଥ ବୁଝିଛନ୍ତି, ତାହାକୁ ହିଁ ଗ୍ରହଣ କରାଯିବ ।

ଏବେ ଦେଖନ୍ତୁ ଯେ କିପରି ଭାବେ ଆପଣଙ୍କୁ ସେଥିରେ ବିଜୟ ଲାଭ ହେଉଛି । ଏବଂ ଏହା ପରେ ମଧ୍ୟ ଆପଣ ଟଙ୍କା ଯୋଗାଡ କରିବା ପାଇଁ ଲୋକମାନଙ୍କୁ କଷ୍ଟ ଦେବାକୁ ପଡିଥାନ୍ତା ଅଥବା ସେହି ଚାକିରିରୁ ଇସ୍ତଫା ପାଇଁ ପ୍ରସ୍ତୁତ ହୋଇ ଯାଇଥାନ୍ତେ । କାରଣ ଯେତେବେଳେ ଆପଣ ମୋର ମୁକାବିଲା କରି ଦେଖାଇଥା'ନ୍ତେ, ସେତେବେଳେ ମୋର ଦୈବିବାଣୀକୁ ମିଥ୍ୟା କରି ଦେଇଥା'ନ୍ତେ । ସେହିପରି ସ୍ଥଳେ ମୋର କିଛି ହେଲେ ବି ସ୍ଥିତି ରହନ୍ତା ନାହିଁ । ସୁତରାଂ ଆପଣଙ୍କୁ ଈଶ୍ଵରଙ୍କ ରାଣ ଯେ ଯଦି ଆପଣଙ୍କୁ ଆରବୀ ଭାଷା ଜ୍ଞାନରେ କିଛି ବି ଦକ୍ଷତା ରହିଛି ଏବଂ କାଣିଚାଏ ହେଲେ ସୁଦ୍ଧା ଦଖଲ ଅଛି, ତା'ହେଲେ ଏଥର ଆଦୌ ତହିଁରୁ ମୁହଁ ଫେରାଇ ନିଅନ୍ତୁ ନାହିଁ । ଯଦି ଏହି ପତ୍ରିକାରେ କିଛି ତ୍ରୁଟି ଥିବାର ପ୍ରମାଣ ମିଳେ, ତେବେ ଆପଣଙ୍କ ସହିତ ପ୍ରତିଦ୍ଵନ୍ଦିତା କରି ମୋ ପତ୍ରିକାରୁ ଯେତେ ଅଧିକ ଭୁଲ ବାହାର କରିବେ, ପ୍ରତ୍ୟେକ ଭୁଲ ପାଇଁ ସେତିକି ଟଙ୍କାଏ ଲେଖାଏଁ ଆପଣଙ୍କୁ ଦିଆଯିବ । ତେବେ ୨୫ ଜୁଲାଇ ୧୮୯୪

*ଅବଶିଷ୍ଟାଂଶ ପୃଷ୍ଠା- ୧୮ ରେ ଦେଖନ୍ତୁ......*

## ଯଦି ଧର୍ମବିଶ୍ୱାସ ସପ୍ତର୍ଷିମଣ୍ଡଳକୁ ମଧ୍ୟ ଚାଲିଯାଇଥିବ ତା'ହେଲେ ମଧ୍ୟ ତାକୁ ଜଣେ ଫାର୍ସୀ ବଂଶୀୟ ବ୍ୟକ୍ତି ସେଠାରୁ ଫେରାଇ ଆଣିବେ । ଲୋକମାନଙ୍କ ମଧ୍ୟରେ ଇସା ଇବ୍‌ନେ ମରିୟମ୍ ଆ:ସଙ୍କ ସହିତ ମୋର ସବୁଠାରୁ ଅଧିକା ଘନିଷ୍ଠ ସମ୍ପର୍କ ରହିଛି କାରଣ ତାଙ୍କ ଓ ମୋ ମଧ୍ୟରେ ଅନ୍ୟ କେହି ନବୀ ନାହାନ୍ତି (ନବୀ ସ:ଆ:ସଙ୍କ ବାଣୀ)

وَلَمَّا ضُرِبَ ابْنُ مَرْيَمَ مَثَلًا اِذَا قَوْمُكَ مِنْهُ يَصِدُّوْنَ ○ وَقَالُوْٓا ءَاٰلِهَتُنَا خَيْرٌ اَمْ هُوَ ۭ مَا ضَرَبُوْهُ لَكَ اِلَّا جَدَلًا ۭ بَلْ هُمْ قَوْمٌ خَصِمُوْنَ ○ اِنْ هُوَ اِلَّا عَبْدٌ اَنْعَمْنَا عَلَيْهِ وَجَعَلْنٰهُ مَثَلًا لِّبَنِيْٓ اِسْرَاۗءِيْلَ ○ وَلَوْ نَشَاۗءُ لَجَعَلْنَا مِنْكُمْ مَّلٰۗىِٕكَةً فِي الْاَرْضِ يَخْلُفُوْنَ ○ (سورۃ الزخرف: آیت 58-61)

ଅନୁବାଦ:- ଏବଂ ଯେବେ ବି ମରିୟମ୍-ନନ୍ଦନ (ଇସା)ଙ୍କ ବିଷୟକୁ ଦୃଷ୍ଟାନ୍ତ ସ୍ୱରୁପ ଉପସ୍ଥାପନ କରାଯାଏ ତେବେ ତୁମ୍ଭ ସମ୍ପ୍ରଦାୟ (ଏ ବିଷୟରେ) ପାଟିତୁଣ୍ଡ କରନ୍ତି ଏବଂ ଆହୁରି କହନ୍ତି, "କ'ଣ ଆମମାନଙ୍କ ଉପାସ୍ୟ ଉତ୍କୃଷ୍ଟ କି ସେ (ଅର୍ଥାତ ଇସା) ଉତ୍କୃଷ୍ଟ ?" ସେମାନେ ଏହି ବିଷୟକୁ କେବଳ କଳହ କରିବା ଉଦ୍ଦେଶ୍ୟରେ ତୁମ୍ଭ ନିକଟରେ ବର୍ଣ୍ଣନା କରୁଛନ୍ତି ବସ୍ତୁତଃ ସତ୍ୟ ବିରୁଦ୍ଧରେ ଯୁକ୍ତିତର୍କ କରିବା ଏ ଜାତିର ଅଭ୍ୟାସ ।

ସେ (ଇସା) କେବଳ ଜଣେ ଭକ୍ତ ଥିଲେ ଯାହାଙ୍କ ପ୍ରତି ଆମ୍ଭେ କୃପା କରିଥିଲୁ ଓ ଇସ୍ରାଇଲୀୟ ସନ୍ତାନମାନଙ୍କ ସକାଶେ ତାହାଙ୍କୁ ଏକ ଦୃଷ୍ଟାନ୍ତ ସ୍ୱରୁପ ଗଢ଼ିଥିଲୁ ଏବଂ ଯଦି ଆମ୍ଭେ ଇଚ୍ଛା କରିଥାନ୍ତୁ, ତେବେ ତୁମମାନଙ୍କ ଭିତରୁ ମଧ୍ୟ କେତେକଙ୍କୁ ଦେବଦୂତରେ ପରିଣତ କରିଥାନ୍ତୁ ଯେଉଁମାନେ କି ତୁମମାନଙ୍କ ପରିବର୍ତ୍ତେ ପୃଥିବୀରେ ବାସ କରନ୍ତେ ।

***(ସୁରଃ ଜୁଖରୁଫ୍:୫୮-୬୧)***

ଏହି ଆୟତଗୁଡ଼ିକର ବ୍ୟାଖ୍ୟା କରି ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର:ଅ କହୁଛନ୍ତି:

(୧) ଅର୍ଥାତ ପବିତ୍ର କୁର୍‌ଆନ୍‌ରେ ଇବ୍‌ନେ ମରିୟମ୍‌ଙ୍କ ପୂନର୍ବାର ଆସିବା ଖବର ଯେବେ ପଢୁଛନ୍ତି, ସେତେବେଳେ କୋଳାହଳ କରି ପାଟିତୁଣ୍ଡ କରୁଛନ୍ତି ଯେ କଣ ସେ (ଇସା) ଆମ ଉପାସ୍ୟଠାରୁ ଉତ୍କୃଷ୍ଟ । ଆମ ଉପାସ୍ୟ ତ ନର୍କରେ ନିକ୍ଷେପ ହୁଅନ୍ତି ଯେବେକି ଆକୁ (ଅର୍ଥାତ ଇସାଙ୍କୁ) ସଂସାରର ସୁଧାର ପାଇଁ ଫେରାଇ ଅଣାଯାଉଛି । ଯେବେ କି ଦୁଇଟିଯାକ ଘଟଣା ମଧ୍ୟରେ ପୃଥିବୀ ଓ ଆକାଶର ପାର୍ଥକ୍ୟ ରହିଛି । ମସିହ୍ ଆ:ସ ସ୍ୱୟଂ ନିଜର ଉକ୍ତି ସ୍ୱୀକାର କରିଛନ୍ତି । ସେ ଧାର୍ମିକ ପୁରୁଷ ଥିଲେ । ତାଙ୍କର ମୁକାବିଲା ମୁସ୍‌ରିକ୍ (ଅନେକଶ୍ୱରବାଦୀ) ତଥା ମୁସ୍‌ରିକ୍‌ମାନଙ୍କ ସର୍ଦ୍ଦାରଙ୍କ ସହିତ ହୋଇନପାରେ ।

(୨) "ଆମ ଉପାସ୍ୟ"ର ଅର୍ଥ ହେଉଛି ଏପରି ବୁଜୁର୍ଗ (ସାଧୁ, ସନ୍ଥ, ମହାମନିଷି) ଯାହାଙ୍କୁ ସେମାନେ ଖୁଦାତାଲାଙ୍କ ବିପକ୍ଷରେ ସମ୍ମାନ ଦେଇଥାନ୍ତି ଯଦିଚ ସେମାନଙ୍କ ଆଗରେ ସିଜ୍‌ଦାଃ (ନତମସ୍ତକ) ନ କରୁଥାନ୍ତୁ । ଯେମିତି ଆଜିକାଲିର ମୁସ୍‌ରିକ୍‌ମାନେ ଉଦାହରଣ ସ୍ୱରୁପ ଅହ୍‌ଲେ ତଶିଇ ଇତ୍ୟାଦି କହୁଛନ୍ତି ଯେ ମେହେଦୀଙ୍କ ଆସିବାରେ ସମସ୍ତ ରସୁଲ୍‌ଙ୍କୁ ଜୀବନ ଦିଆଯିବ ଓ ସେମାନେ ତାଙ୍କର (ଅର୍ଥାତ ମେଦେହୀଙ୍କର) ଅନୁସରଣ କରିବେ ।

(୩) ଅର୍ଥାତ ମସିହ୍ ଆ:ସ ଉପରେ ଫରିସ୍ତା (ଦେବଦୂତ) ଅବତରଣ କଲେ । କାରଣ ସେ ଆଧ୍ୟାତ୍ମିକ ରୂପେ ଫରିସ୍ତା ହୋଇଯାଇଥିଲେ । ଯଦି ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଯୁଗର ଲୋକେ ବା ତାଙ୍କ ପରେ ଯେତେକ ଲୋକେ ଆସିବେ, ସମସ୍ତେ ମଧ୍ୟ ମସିହ୍ ଆ:ସଙ୍କ ପରି ହୋଇଯାଆନ୍ତି ତେବେ ସେ ସମସ୍ତଙ୍କ ଉପରେ ମଧ୍ୟ ଫରିସ୍ତା ଅବତରଣ କରିବାକୁ ଲାଗିଯିବେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଆଜିକାଲିର ମୁସଲମାନମାନେ ନିଜର ହଟତା ଯୋଗୁଁ ଏହି ସମ୍ଭାବନାକୁ ଅସ୍ୱୀକାର କରୁଛନ୍ତି । ***(ତଫ୍‌ସୀର୍ ସଗୀର୍ ପୃ-୮୧୬)***

وَالنَّجْمِ اِذَا هَوٰى ○ مَا ضَلَّ صَاحِبُكُمْ وَمَا غَوٰى ○ (سورۃ النجم آیت 2-3)

ଅନୁବାଦ:- ଆମ୍ଭେ ସପ୍ତର୍ଷିମଣ୍ଡଳକୁ ଏହି ବିଷୟରେ ପ୍ରମାଣ ସ୍ୱରୁପ ପେଶ୍ କରୁଅଛୁ । ଯେତେବେଳେ କି ତାହା (ଆଧ୍ୟାତ୍ମିକ ଦୃଷ୍ଟିରୁ) ତଳକୁ ଆସିଯିବ ଯେ ତୁମମାନଙ୍କର ସାଥି ପଥଭ୍ରଷ୍ଟ ହୋଇନାହାନ୍ତି କି ବିଭ୍ରାନ୍ତ ହୋଇ ନାହାନ୍ତି ।

ଏହି ଆୟତଗୁଡ଼ିକର ବ୍ୟାଖ୍ୟାକରି ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର:ଅ କହିଛନ୍ତି:-

(୧) ଏହା ସେହି ପେଶ୍‌ଗୋଇ (ଭବିଷ୍ୟବାଣୀ) ପ୍ରତି ଇଙ୍ଗିତ କରୁଛି ଯାହାକୁ ରସୁଲେ୍ କରିମ୍ ସ:ଆ:ସ ଏପରି ଶବ୍ଦରେ କହିଛନ୍ତି: ଅର୍ଥାତ **ଲୌ କାନଲ୍ ଇମାନୁ ମୁଅଲ୍ଲକନ୍ ବିସ୍ ସୁରୟା ଲନାଲହୁ ରଜୁଲୁମ୍ ମିନ୍ ଫାରିସ୍**

ଅର୍ଥାତ:- ଯଦି ଇମାନ୍ ଉଡ଼ିଯାଇ ସୁରୟା ତାରାରେ ମଧ୍ୟ ପହଂଚି ଯାଏ ତଥାପି ମଧ୍ୟ ଜଣେ ଫାର୍ସୀ ବ୍ୟକ୍ତି ସେଠାରୁ ତାହାକୁ ଫେରାଇ ଆଣିବ ।

(୨) ଅର୍ଥାତ- ଯେବେ ସେହି ବ୍ୟକ୍ତି ଆବିର୍ଭାବ ହେବେ ସେତେବେଳେ ସମସ୍ତଙ୍କ ଉପରେ ଏକଥା ପ୍ରକାଶ ହୋଇଯିବ ଯେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଶିକ୍ଷା ସମ୍ପୁର୍ଣ୍ଣ ଶିକ୍ଷା ଥିଲା । ନା ସେ ରାସ୍ତା ଭୁଲିଥିଲେ ନା ପଥଭ୍ରଷ୍ଟ ହୋଇଥିଲେ ଏବଂ ନା ସେ ନିଜ ମାନସିକ ଇଚ୍ଛାର ଅଧିନ ଥିଲେ ।***(ତଫ୍‌ସୀର୍ ସଗୀର, ପୃ-୮୭୭)***

ହଜ୍‌ରତ୍ ନାଫେ ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ କହିଛନ୍ତି:- ଏକଦା ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଲେ ଯେ ଦିନେ ରାତିରେ ମୁଁ ସ୍ୱପ୍ନ ଦେଖିଲି ଯେ ମୁଁ ପବିତ୍ର କାବା ନିକଟରେ ଅଛି । ମୁଁ ଦେଖୁଛି ଯେ ଜଣେ ଗହମ ରଙ୍ଗର ସୁନ୍ଦର ବ୍ୟକ୍ତି ଦିଶୁଛନ୍ତି ଯାହାଙ୍କ ମୁଣ୍ଡର କେଶ କାନ୍ଧ ପର୍ଯ୍ୟନ୍ତ ଲମ୍ବିଯାଇଛି ଓ ତାହା ସିଧା ରହିଛି ଏବଂ ସେଥିରୁ ପାଣି ବୁନ୍ଦା ବୁନ୍ଦା ହୋଇ ଟପକୁଛି ସେ ନିଜର ହାତକୁ ଦୁଇଜଣ ଲୋକଙ୍କ କାନ୍ଧରେ ରଖି ବଇତୁଲ୍ଲାଃର ତୱାଫ୍ (ଅର୍ଥାତ ପରିକ୍ରମା) କରୁଛନ୍ତି । ମୁଁ ପଚାରିଲି ଏହି ବ୍ୟକ୍ତି ଜଣକ କିଏ ? ଲୋକମାନେ କହିଲେ ଇଏ ହେଉଛନ୍ତି ମସିହ୍ ଇବ୍‌ନେ ମରିୟମ୍ । ତା'ପରେ ପୁଣି ମୁଁ ତାଙ୍କ ପଛରେ ଆଉ ଜଣେ ବ୍ୟକ୍ତିଙ୍କୁ ଦେଖିଲି ଯାହାର କେଶ କୁଂଚକୁଚିଂଆ, କଠନି ଚର୍ମ, ଡ଼ାହାଣ ଆଖି କଣା ଏବଂ ଇବ୍‌ନେ କୁତନ୍ ସହିତ ମିଶୁଥିବା ଚେହେରା ଥିଲା । ସେ ଜଣେ ଲୋକର ଦୁଇ କାନ୍ଧରେ ନିଜ ହାତ ରଖି କାବା ଚତୁଃପାର୍ଶ୍ୱରେ ଘୂରିବୁଲୁଥିଲା । ମୁଁ ପଚାରିଲି ଇଏ କିଏ ? ଲୋକେ କହିଲେ ଇଏ ହେଉଛି ମସିହୁଦ୍ ଦଜ୍ଜାଲ୍

(ନୋଟ୍:- ସ୍ୱପ୍ନରେ ହଜୁର ସ:ଆ:ସଙ୍କୁ ଯେଉଁ ଦୃଶ୍ୟ ଦେଖାଗଲା, ସେଥିରେ କାବା ପରିକ୍ରମା କରିବାର ଅର୍ଥ ହେଉଛି ମସିହ୍ (ଯୀଶୁ) ବଇତୁଲ୍ଲାଃର ସୁରକ୍ଷା ଏବଂ ତାହାର ଗୌରବକୁ ଉନ୍ନତ କରିବାପାଇଁ ଚେଷ୍ଟା କରିବେ ଏବଂ ଦଜ୍ଜାଲ କାବାର ବିନାଶ ପାଇଁ ପ୍ରୟାସ କରିବ)

***(ବୁଖାରୀ କିତାବୁଲ୍ ଅମ୍ବିୟା, ବହୱାଲା ହଦିକତୁସ୍ ସ୍ୱାଲେହିନ୍ ସଂକଳକ ଶ୍ରୀମାନ୍ ମଲକ୍ ସଇଫୁର୍ ରହ୍‌ମାନ୍ ସାହେବ୍, ହଦିସ୍ ନଂ-୯୪୪)***

ହଜ୍‌ରତ୍ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଛନ୍ତି: ଅମ୍ବିୟା ଅର୍ଥାତ ଅବତାରମାନଙ୍କ ଆପୋଷରେ ସମ୍ପର୍କ ଇଲ୍ଲାତି ଭାଇ (ଅର୍ଥାତ ମାଆଙ୍କ ତରଫରୁ ସାବତ ଭାଇ) ସଦୃଶ ହୋଇଥାଏ । ଯାହାର ବାପା ଜଣେ ମାଆ ଅଲଗା ଅଲଗା ହୋଇଥିବେ । ଲୋକମାନଙ୍କ ମଧ୍ୟରେ ଇସା ଇବ୍‌ନେ ମରିୟମ୍ ଆ:ସଙ୍କ ସହିତ ମୋର ସବୁଠାରୁ ଅଧିକା ନିକଟତମ ସମ୍ପର୍କ ରହିଛି କାରଣ ତାଙ୍କ ଓ ମୋ ମଧ୍ୟରେ ଆଉ କେହି ନବୀ ନାହାନ୍ତି । .......... ସେ ପ୍ରକଟ ହୋଇ କୃଶ ଭଙ୍ଗ କରିବେ (ଅର୍ଥାତ କୃଶୀୟ ବିଶ୍ୱାସକୁ ବାତିଲ୍ କରିବେ) ଘୁଷୁରୀକୁ ହତ୍ୟା କରିବେ (ଅର୍ଥାତ ଦୁଷ୍ଟ ଚିନ୍ତାଧାରୀ ରଖିଥିବା ଲୋକମାନଙ୍କ ବିନାଶର କାରଣ ହେବେ । ଅତଏବ ତାହାଙ୍କ ଜରିଆରେ କୃଶୀୟ ପ୍ରାଧାନ୍ୟ ନିଷେଧ ହେବ ଏବଂ ଘୁଷୁରୀ ପ୍ରକୃତି ଲୋକମାନଙ୍କର ମୂଳୋତ୍ପାଟନ ହେବ) । ସେ ଜିଜିଆ କରକୁ ସମାପ୍ତ କରିବେ । (ଅର୍ଥାତ ତାଙ୍କ ଯୁଗଟି ଯୁଦ୍ଧ ଶେଷ କରିବାର ଯୁଗ ହେବ) । ତାଙ୍କ ଯୁଗରେ ଇସ୍‌ଲାମ୍ ବ୍ୟତୀତ ଅଲ୍ଲାଃ ତାଲା ବାକି ସମସ୍ତ ଧର୍ମକୁ (ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଓ ବୈଭବ ଦୃଷ୍ଟିକୋଣରୁ ମଧ୍ୟ) ଲିଭାଇ ଦେବେ ଏବଂ ମିଥ୍ୟା ମସିହ୍ ଦଜ୍ଜାଲ୍‌କୁ ନିଶେଷ କରିଦେବେ । ସେହି ଯୁଗ ଏପରି ଶାନ୍ତି ଏବଂ ଶୃଙ୍ଖଳାର ଯୁଗ ହେବ ଯେ ଓଟ ସିଂହ ସହିତ, ଚିତା ଗାଇମାନଙ୍କ ସହିତ ଏବଂ ଗଧିଆ ଛେଳିମାନଙ୍କ ସହିତ ଏକାଠି ଚରିବେ । ଛୋଟ ପିଲାମାନେ ଓ ବୟସ୍କ ପିଲାମାନେ ସାପମାନଙ୍କ ସହିତ ଖେଳିବେ । ଅତଃ ଅଲ୍ଲାଃ ତାଲାଙ୍କ ହୁକୁମ୍ (ଇଚ୍ଛା) ଅନୁସାରେ ଅଲ୍ଲାଃ ଯେତେ ଦିନ ଚାହିଁବେ ମସିହ୍ ଏ ଦୁନିଆରେ ରହିବେ । ପୁଣି ତାଙ୍କର ମୃତ୍ୟୁ ହେବ । ମୁସଲମାନ ତାଙ୍କର ଯନାଜାଃ ପଢ଼ିବେ ଏବଂ ତାଙ୍କର ତଦ୍‌ଫିନ୍ (କବର ଦେବା କ୍ରିୟାକ୍ରମ) ଅନୁଷ୍ଠିତ ହେବ । ***(ଅବୁ ଦାଉଦ୍ କିତାବୁଲ୍ ମଲାହିମ୍, ବହୱାଲା ହଦିକତୁସ୍ ସ୍ୱାଲେହିନ୍, ହଦିସ୍ ନଂ- ୯୪୫)***

ହଜ୍‌ରତ୍ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଛନ୍ତି:- ତୁମର ଅବସ୍ଥା କେତେ (ସୂକ୍ଷ୍ମ /ଗୁରୁତର) ହେବ ଯେବେ ମରିୟମ-ନନ୍ଦନ ଅର୍ଥାତ ମସିହ୍‌ଙ୍କ ଅନୁରୂପ ଆବିର୍ଭୂତ ହେବେ । ଯିଏ ତୁମର ଇମାମ୍ ହେବେ ଓ ତୁମମାନଙ୍କ ମଧ୍ୟରୁ ହେବେ । ଆଉ ଏକ ରିୱାୟତ୍‌ରେ ଆସିଛି ଯେ ତୁମମାନଙ୍କ ମଧ୍ୟରୁ ହେବା ଯୋଗୁଁ ସେ ତୁମମାନଙ୍କ ଇମାମତି ଦାୟିତ୍ୱକୁ ସମ୍ପାଦନ କରିବେ ।

***(ବୁଖାରୀ କିତାବୁଲ୍ ଅମ୍ବିୟା, ବହୱାଲା ହଦିକତୁସ୍ ସ୍ୱାଲିହିନ୍, ହଦିସ୍ ନଂ-୯୪୭)***

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଛନ୍ତି: ମାମଲାଗୁଡ଼ିକ ବଢ଼ିଯିବ । ଦୁନିଆରେ ଅବନତି ଛାଇଯିବ । ଲୋକମାନେ କଳଙ୍କିତ ହୋଇଯିବେ । ଦୁଷ୍ଟମାନେ ମହାପ୍ରଳୟର ଦୃଶ୍ୟ ଦେଖିବେ । ଏହିପରି ଜଟିଳ ପରିସ୍ଥିତିରେ ଅଲ୍ଲାଃଙ୍କ ଦୂତ ପ୍ରକଟ ହେବେ । ଇସା ଆ:ସଙ୍କ ବ୍ୟତିତ ଆଉ କେହି ମେହେଦୀ ନାହାନ୍ତି । (ଅର୍ଥାତ ମସିହ୍ ଆ:ସ ହିଁ ମେହେଦୀ ହେବେ କାରଣ ମେହେଦୀଙ୍କର କୌଣସି ଅଲଗା ଅସ୍ତିତ୍ୱ ନାହିଁ ।) ***(ଇବ୍‌ନେ ମାଜା ବାବ୍ ଶିଦତୁଜ୍ ଜମାନ୍, ହୱାଲା ହଦିକତୁସ୍ ସ୍ୱାଲିହିନ୍, ହଦିସ୍ ନଂ-୯୫୪)***

**ପବିତ୍ର କୁର୍ଆନ୍ର ଶିକ୍ଷା ମଧ୍ୟରୁ ଯଦି ଜଣେ ଗୋଟିଏ ଅଣୁର ହଜାର ଭାଗରୁ ଭାଗେ ମଧ୍ୟ ତ୍ରୁଟି ବାହାର କରିଦେବ କିମ୍ବା ଏହାର ବିପକ୍ଷରେ ନିଜର କୌଣସି ପୁସ୍ତକରୁ ଏକ ଅଣୁମାତ୍ର ଏପରି କୌଣସି ସତ୍‌ଗୁଣ ପ୍ରମାଣ କରିଦେବ ଯାହାକି ପବିତ୍ର କୁର୍ଆନ୍ର ଶିକ୍ଷା ବିରୋଧି ହୋଇଥିବ ଓ ତା'ଠାରୁ ଉତମ ହୋଇଥିବ ତା'ହେଲେ ଆମେ ମୃତ୍ୟୁଦଣ୍ଡ ଭୋଗିବାକୁ ପ୍ରସ୍ତୁତ ଅଛୁ ।**

# ସୟଦନା ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ୍ ଆ:ସଙ୍କ ପବିତ୍ର ବାଣୀ

## ଆଜି ପର୍ଯ୍ୟନ୍ତ ପବିତ୍ର କୁର୍ଆନ୍ର କେହି ବି ମୁକାବିଲା କରିପାରିଲେ ନାହିଁ ।

ସମସ୍ତ କୁଫାର (ଅବିଶ୍ୱାସୀ)ମାନେ ପବିତ୍ର କୁର୍ଆନ୍ର ମୁକାବିଲାରେ ନିଜକୁ ଉଚ୍ଚକୋଟିର ସାହିତ୍ୟିକ ଓ ରାଜକବି ବୋଲାଇବା ସତ୍ୱେ ମଧ୍ୟ ମୁହଁ ବନ୍ଦ କରି ବସି ରହିଲେ ଏବଂ ଏବେ ବି ନୀରବ ଓ ନିରୁତର ହୋଇ ବସି ରହିଛନ୍ତି । ସେମାନଙ୍କର ଏହି ନୀରବତା ସେମାନଙ୍କ ବିବଶତାର ପ୍ରମାଣ ଦେଉଅଛି । କାରଣ ବିବଶତା ଆଉ କଣ ? ଏହା ତ ବିବଶତା ଯେ ପ୍ରତିପକ୍ଷର ତର୍କକୁ ଶୁଣି ଓ ବୁଝି ତାକୁ ଖଣ୍ଡନ ନ କରିପାରିବା । *(ବରାହିନେ ଅହ୍‌ମଦୀୟା ରୁହାନୀ ଖଜାଇନ୍ ଖଣ୍ଡ-୧, ପୃ-୧୫୨ ହାଶିୟା ନଂ-୧୧)*

## ପବିତ୍ର କୁର୍ଆନ୍ର ତିନୋଟି ବିଶେଷତା

ପବିତ୍ର କୁର୍ଆନ୍‌ରେ ତିନୋଟି ବିଶେଷଗୁଣ ରହିଛି । ପ୍ରଥମତଃ ଯେଉଁ ଧର୍ମଜ୍ଞାନ ଲୋକମାନଙ୍କୁ ଜଣା ନଥିଲା, ସେଥିପ୍ରତି ମାର୍ଗଦର୍ଶନ କରାଇଥାଏ । ଦ୍ୱିତୀୟତଃ ଯେଉଁ ଜ୍ଞାନଗୁଡ଼ିକ ପୂର୍ବରୁ କିଛିଟା ସଂକ୍ଷିପ୍ତରେ ଚାଲି ଆସୁଥିଲା, ତାହାର ବିସ୍ତୃତ ଭାବରେ ବର୍ଣ୍ଣନା କରିଥାଏ ଏବଂ ତୃତୀୟତଃ ଯେଉଁ ବିଷୟଗୁଡ଼ିକରେ ମତଭେଦ ଓ ବିବାଦ ଥିଲା ସେଥିରେ ନିଷ୍ପତିସୂଚକ ବାକ୍ୟ ବର୍ଣ୍ଣନା କରି ସତ୍ୟ ଓ ମିଥ୍ୟା ମଧ୍ୟରେ ପାର୍ଥକ୍ୟ ପ୍ରକାଶ କରିଥାଏ । *(ବରାହିନେ ଅହ୍‌ମଦୀୟା ରୁହାନୀ ଖଜାଇନ୍ ଖଣ୍ଡ-୧, ପୃ-୨୨୫ ହାଶିୟା ନଂ-୧୧)*

## ଏପରି କୌଣସି ସତ୍ୟତା ଉପସ୍ଥାପନ କର ଯାହା ପବିତ୍ର କୁର୍ଆନ୍‌ରେ ନଥିବ

ପବିତ୍ର କୁର୍ଆନ୍ ଉପରେ ଆପତି ଅଭିଯୋଗ କରୁଥିବା ଲୋକମାନଙ୍କୁ ଏବଂ ତାହାର ବିରୋଧିମାନଙ୍କୁ ସମ୍ବୋଧନ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି: ଯଦି ଆପଣମାନେ କୌଣସି ବଳିଷ୍ଠ ସତ୍ୟତାକୁ ଧରି ବସିଛନ୍ତି, ଯାହା ବିଷୟରେ ତୁମର ଏ ଭାବନା ରହିଛି କି ଆମେ କଠିନ ପରିଶ୍ରମ କରି, ଝାଳ ବୁହାଇ ଏବଂ ଛିଦ୍ରାନ୍ୱେଷଣ କରି ଏହାକୁ ସୃଷ୍ଟି କରିଅଛୁ ବୋଲି ଏବଂ ତୁମର ଯେଉଁ ଭୂଲ୍ ଧାରଣା ରହିଛି ଯେ ପବିତ୍ର କୁର୍ଆନ୍ ସେହି ସତ୍ୟତାକୁ ପ୍ରକାଶ କରିବାକୁ ଅସମର୍ଥ ହେବ ତେବେ ତୁମକୁ ରାଣ ଦିଆଯାଉଛି ଯେ ତୁମେ ସମସ୍ତ କାରବାରକୁ ଛାଡ଼ି ସେହି ସତ୍ୟତାକୁ ଆମ ସମ୍ମୁଖରେ ଉପସ୍ଥାପନ କର ଯଦ୍ୱାରା ଆମେ ପବିତ୍ର କୁର୍ଆନ୍‌ରୁ ତାହା ବାହାର କରି ତୁମକୁ ଦେଖାଇଦେବୁ । କିନ୍ତୁ ତା'ପରେ ମୁସଲମାନ ହେବାକୁ ପ୍ରସ୍ତୁତ ରୁହ । ଯଦି ଏବେ ମଧ୍ୟ ଆପଣମାନେ ସନ୍ଦେହ କରିବା ଓ କୁସ୍ୱାରଚନା କରିବା ନ ଛାଡ଼ିବେ ଏବଂ ମୁନାଜିରା (ତର୍କବିତର୍କ) କରିବାର ସିଧା ରାସ୍ତାକୁ ଗ୍ରହଣ ନ କରିବେ ତା ହେଲେ ଏତଦ୍ ବ୍ୟତିତ ଆଉ କଣ କୁହାଯାଇପାରେ ଯେ **ଲାନତୁଲ୍ଲାହି ଅଲଲ୍ କାଜିବିନ୍ ।** *(ବରାହିନେ ଅହ୍‌ମଦୀୟା ରୁହାନୀ ଖଜାଇନ୍ ଖଣ୍ଡ-୧, ପୃ-୨୨୫ ହାଶିୟା ନଂ-୧୧)*

## ପବିତ୍ର କୁର୍ଆନ୍ର ସତ୍ୟତା ପ୍ରମାଣ କରିବା ଆମର ଦାୟିତ୍ୱ

ଯଦି ଏ ବିଷୟରେ ସନ୍ଦେହ ଅଛି ଯେ ପବିତ୍ର କୁର୍ଆନ୍ କାହିଁକି ସମସ୍ତ ଈଶ୍ୱରୀୟ ଶାସ୍ତ୍ର ଉପରେ ପ୍ରାଧାନ୍ୟ ରଖିଛି ? ତେବେ ଏଥିପାଇଁ ଆମେ ଦାୟୀ ଅଟୁ ଯେ ଯଦି କୌଣସି ବ୍ୟକ୍ତି ସତ୍ୟର ସନ୍ଧାନକାରୀ ହୋଇ ଅର୍ଥାତ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାକୁ ଏକ ଲିଖିତ ପ୍ରତିଶ୍ରୃତି ଦେଇ ଯେ କୌଣସି ପୁସ୍ତକ/ଶାସ୍ତ୍ର ଇବ୍‌ରାନୀ, ୟୁନାନୀ, ଲାଟିନି, ଅଗ୍ରେଂଜି ଓ ସଂସ୍କୃତ ଇତ୍ୟାଦିରୁ କିଛିଟା ଧାର୍ମିକ ସତ୍ୟତାକୁ ବାହାର କରି ଉପସ୍ଥାପନ କରିବେ ବା ନିଜ ବୁଦ୍ଧିବଳରେ କୌଣସି ଧର୍ମ ଶାସ୍ତ୍ରର ଅତ୍ୟନ୍ତ ସୂକ୍ଷ୍ମ ରହସ୍ୟ ସୃଷ୍ଟି କରି ଦେଖାଇ ଦେବେ ତାହେଲେ ଆମେ ତାହା ପବିତ୍ର କୁର୍ଆନ୍‌ରୁ ବାହାର କିରି ଦେଖାଇଦେବୁ । *(ବରାହିନେ ଅହ୍‌ମଦୀୟା ରୁହାନୀ ଖଜାଇନ୍ ଖଣ୍ଡ-୧, ପୃ-୨୭୨)*

## ଫୁର୍‌କାନ୍ ମଜିଦ୍ (ଅର୍ଥାତ ପବିତ୍ର କୁର୍ଆନ୍) ପ୍ରତ୍ୟେକ ଯୁଗରେ ନିଜର ଆଲୋକ ସ୍ୱୟଂ ଦେଖାଇଛି

ଯଦି ଆଁ ହଜ୍‌ରତ୍ ସ:ଆ:ସ ନ ଆସିଥାନ୍ତେ ଏବଂ ପବିତ୍ର କୁର୍ଆନ୍ ଯାହାର ପ୍ରଭାବ ଆମ ଇମାମ୍‌ମାନେ ଓ ମହାନୁଭାବଗଣ ପ୍ରାଚୀନ ସମୟରୁ ଦେଖି ଆସୁଛନ୍ତି ଓ ବର୍ତମାନ ଆମେ ଦେଖୁଅଛୁଁ, ତାହା ଅବତୀର୍ଣ୍ଣ ନ ହୋଇଥାନ୍ତା ତେବେ ଆମ ପାଇଁ ଏକଥା ବହୁତ କଷ୍ଟକର ହୋଇଥାନ୍ତା ଯେ, ହଜ୍‌ରତ୍ ମୁସା ଏବଂ ହଜ୍‌ରତ୍ ଇସା ମସିହ୍ ଏବଂ ବିଗତ ଅନ୍ୟାନ୍ୟ ନବୀମାନେ ବାସ୍ତବରେ ସେହି ପାକ୍ ଓ ପବିତ୍ର ମଣ୍ଡଳୀର ଥିଲେ ଯାହାଙ୍କୁ ଈଶ୍ୱର ନିଜର ଅଶେଷ ଆର୍ଶିବାଦ ଦ୍ୱାରା ନିଜର ଦୂତ ରୂପରେ ବାଛିଥିଲେ । ଯାହାଙ୍କୁ ଆମେ କେବଳ ବାଇବେଲରୁ ଦେଖି ନିଶ୍ଚିତ ଭାବରେ ଚିହ୍ନଟ କରିପାରିନଥାନ୍ତୁ । ଆମେ ଏହାକୁ ଫୁର୍‌କାନ୍ ମଜିଦ୍‌ର ଅନୁଗ୍ରହ ବୋଲି ବିଚାର କରିବା ଉଚିତ । ଯିଏ ନିଜର ଆଲୋକ ପ୍ରତ୍ୟେକ ଯୁଗରେ ନିଜେ ଦେଖାଇଛି ଏବଂ ପୁଣି ସେହି ପୂର୍ଣ୍ଣ ଆଲୋକ ଦ୍ୱାରା ବିଗତ ନବୀମାନଙ୍କର ସତ୍ୟତା ମଧ୍ୟ ଆମ ଉପରେ ପ୍ରକାଶ କରିଅଛି । ଏହି ଅନୁଗ୍ରହ ନା କେବଳ ଆମ ଉପରେ ବରଂ ଆଦମଙ୍କଠାରୁ ମସିହ୍ ପର୍ଯ୍ୟନ୍ତ ସମସ୍ତ ନବୀମାନଙ୍କ ଉପରେ ରହିଛି, ଯେଉଁମାନେ ପବିତ୍ର କୁର୍ଆନ୍ ପୂର୍ବରୁ ଆସିଥିଲେ । ପ୍ରତ୍ୟେକ ନବୀ ସେହି ଉଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ମହାମାନବଙ୍କ କୃତଜ୍ଞ ଯାହାଙ୍କୁ ଖୁଦାତାଲା ସେହି ପୂର୍ଣ୍ଣ ଓ ପବିତ୍ର ପୁସ୍ତକ ପ୍ରଦାନ କରିଛନ୍ତି, ଯାହାର ପୂର୍ଣ୍ଣ ପ୍ରଭାବର ଆର୍ଶିବାଦ ଦ୍ୱାରା ସକଳ ସତ୍ୟତା ସବୁଦିନ ପାଇଁ ଜୀବନ୍ତ ହୋଇଗଲା । ଯାହାଙ୍କ ଜରିଆରେ ସେହି ସବୁ ନବୀମାନଙ୍କ ନବୁଓ୍ୱତ ଉପରେ ବିଶ୍ୱାସ କରିବାପାଇଁ ଏକ ରାସ୍ତା ଖୋଲିଥାଏ ଏବଂ ସେମାନଙ୍କର ନବୁଓ୍ୱତ ସନ୍ଦେହ ଏବଂ ସଂଶୟରୁ ସୁରକ୍ଷିତ ରହିଥାଏ ।

## ପବିତ୍ର କୁର୍ଆନ୍‌ରେ କୌଣସି ତ୍ରୁଟି ବାହାର କରି ଦେଖାଅ ?

ଯଦି କୌଣସି ବ୍ୟକ୍ତି ଗୋଟିଏ କଣିକାର ହଜାରତମ ଭାଗରୁ ଭାଗେ ମଧ୍ୟ ପବିତ୍ର କୁର୍ଆନ୍ର ଶିକ୍ଷାରେ କିଛି ତ୍ରୁଟି ବାହାର କରିପାରିବ ବା ତା ମୁକାବିଲାରେ ନିଜର କୌଣସି ପୁସ୍ତକରୁ ମଧ୍ୟ ଗୋଟିଏ କଣିକା ସଦୃଶ ଏପରି ଉତମତା ପ୍ରମାଣ କରିପାରିବ ଯାହା ପବିତ୍ର କୁର୍ଆନ୍ର ଶିକ୍ଷାର ବିପରୀତ ଓ ତା'ଠାରୁ ଉତମ ହୋଇଥିବ ତେବେ ଆମେ ମୃତ୍ୟୁଦଣ୍ଡ ମଧ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛୁ । ଏବେ ହେ ନ୍ୟାୟବନ୍ତମାନେ ! ଟିକିଏ ଦେଖ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଟିକିଏ ସ୍ୱଚ୍ଛ ହୃଦୟରେ ଚିନ୍ତା କର ଯେ ଆମ ବିରୋଧିମାନଙ୍କ ସଚ୍ଚୋଟତା ଏବଂ ଈଶ୍ୱର ଭୟ କି ପ୍ରକାରର ରହିଛି ଯେ ନିରୁତର ରହିବା ସତ୍ୱେ ମଧ୍ୟ ପୁଣି ବି ନିର୍ବୋଧ କଥା କହିବା ବନ୍ଦ କରୁନାହାନ୍ତି ।

*(ବରାହିନେ ଅହ୍‌ମଦୀୟା ରୁହାନୀ ଖଜାଇନ୍ ଖଣ୍ଡ-୧, ପୃ-୨୯୮ ହାଶିୟା -୨)*

## ସମସ୍ତ ସତ୍ୟତା ଇଞ୍ଜିଲ୍‌ରେ ନାହିଁ

ଏହା ଜାଣିରଖିବା ଉଚିତ ଯେ ଇଞ୍ଜିଲ୍‌ର ଶିକ୍ଷାକୁ ସିଦ୍ଧ ବିବେଚନା କରିବା ହେଉଛି ବୁଦ୍ଧି ଏବଂ ବୁଝାମଣାର ସମ୍ପୂର୍ଣ୍ଣ କ୍ଷତି । ନିଜେ ହଜ୍‌ରତ୍ ମସିହ୍ ଇଞ୍ଜିଲ୍‌ର ଶିକ୍ଷାକୁ ତ୍ରୁଟିରୁ ପବିତ୍ର ବୋଲି ବିବେଚନା କରିନାହାନ୍ତି । ଯେମିତି କି ସେ ନିଜେ କହିଛନ୍ତି ଯେ ମୋର ଅନେକ କଥା ଏପରି ଅଛି ଯଦି ମୁଁ ତାହା ତୁମକୁ କହିଦିଏ ତା ହେଲେ ତୁମେ ତାକୁ ବରଦାସ୍ତ / ସହନ କରିପାରିବ ନାହିଁ । କିନ୍ତୁ ଯେବେ ସେ ଅର୍ଥାତ ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା) ଆସିବେ, ସେ ତୁମକୁ ସକଳ ସତ୍ୟତାର ରାସ୍ତା ଦେଖାଇଦେବେ । ଇଞ୍ଜିଲ୍ ୟୁହାନା ବାବ୍-୧୬, ଆୟତ ୧୨,୧୩,୧୪ ଏବେ କହନ୍ତୁ କଣ ଏହିପରିକା ଇଞ୍ଜିଲ୍ ସମସ୍ତ ସତ୍ୟତା ଉପରେ ପ୍ରାଧାନ୍ୟ ରଖିଛି ଓ ଯାହାର ଉପସ୍ଥିତିରେ ପବିତ୍ର କୁର୍ଆନ୍ର ଆବଶ୍ୟକତା ନାହିଁ ? *(ବରାହିନେ ଅହ୍‌ମଦୀୟା ରୁହାନୀ ଖଜାଇନ୍ ଖଣ୍ଡ-୧, ପୃ-୩୦୦ ହାଶିୟା -୨)*

## ଈଶ୍ୱରୀୟ ଜ୍ଞାନର ଉତ୍ସ ପବିତ୍ର କୁର୍ଆନ୍‌ରେ ରହିଛି ଇଞ୍ଜିଲରେ ନୁହେଁ

ଏହା ତ ଶୋଭା ପାଉନାହିଁ ଯେ ଆପଣମାନେ ମସିହଙ୍କ ଅନୁଗାମୀ ବୋଲାଇ ପୁଣି ସେହି ଜିନିଷକୁ ପୂର୍ଣ୍ଣ ବିବେଚନା କରିବେ ଯାହାକୁ ଆପଣମାନଙ୍କଠାରୁ ଅଠର ଶହ ବୟାଅଶି ବର୍ଷ ପୂର୍ବେ ମସିହ୍ (ଯୀଶୁ) ତ୍ରୁଟିପୂର୍ଣ୍ଣ ଘୋଷିତ କରିସାରିଛନ୍ତି । ଏବଂ ଯଦି ଆପଣମାନଙ୍କର ମସିହ୍‌ଙ୍କ କଥନ ଉପରେ ବିଶ୍ୱାସ ହିଁ ନାହିଁ ଏବଂ ନିଜେ ଏହା ଚାହୁଁଛନ୍ତି ଯେ ପବିତ୍ର କୁର୍ଆନ୍ ସହିତ ଇଞ୍ଜିଲ୍‌ର ତୁଳନା/ମୁକାବିଲା କରିବାକୁ ତା' ହେଲେ ଅଲ୍ଲାଃଙ୍କ ନାମ ନେଇ ଆସନ୍ତୁ ଏବଂ ଇଞ୍ଜିଲ୍‌ରୁ ସେହି ଚମତ୍କାର ବାହାର କରି ଦେଖାନ୍ତୁ ଯାହା ଆମେ ପବିତ୍ର କୁର୍ଆନ୍ ସପକ୍ଷରେ ପ୍ରମାଣ କରି ଦେଖାଇଅଛୁ । ଏତଦ୍‌ଦ୍ୱାରା ନ୍ୟାୟବନ୍ତ ଲୋକେ ସ୍ୱୟଂ ଦେଖିନେବେ ଯେ ଈଶ୍ୱରୀୟ ଜ୍ଞାନର ଉତ୍ସ ପବିତ୍ର କୁର୍ଆନ୍‌ରେ ରହିଛି ବା ଇଞ୍ଜିଲ୍‌ରେ ।

*(ବରାହିନେ ଅହ୍‌ମଦୀୟା ରୁହାନୀ ଖଜାଇନ୍ ଖଣ୍ଡ-୧, ପୃ-୩୦୧ ହାଶିୟା -୨)*

# ମିନାରତୁଲ ମସିହ ନିର୍ମାଣର ଇତିହାସ ଏବଂ ଏଥି ସକାଶେ ଆର୍ଥିକ ତ୍ୟାଗ କରିଥିବା ଦାତାମାନଙ୍କର ନାମ

**(ମୁହମ୍ମଦ ହମିଦ୍ କୌସର୍, ନାଜିର୍ ଦାଓ୍ୱତେ ଇଲଲ୍ଲାଃ ମର୍କଜିୟା ଏବଂ ଇନ୍‌ଚାର୍ଜ ତାରିଖେ ଅହମଦିୟତ ବିଭାଗ, କାଦିଆନ୍)**

ହଜରତ ମହମ୍ମଦ୍ ମୁସ୍ତଫା ସ:ଆ:ସ ଆଗାମୀ ମସିହ ମଉଦ୍ ଓ ମେହେଦୀ (ଆ:ସ)ଙ୍କ ବିଷୟରେ ଯେଉଁ ଭବିଷ୍ୟବାଣୀମାନ କରିଥିଲେ, ସେଥିରେ ଏହା ମଧ୍ଯ ଉଲ୍ଲେଖ ଥିଲା ଯେ "ଇଜ୍ ବାଆସଲ୍ଲାହୁଲ୍ ମସିହବ୍‌ନା ମରୟମା ଫୟନ୍‌ଜିଲୁ ଇନ୍‌ଦଲ ମନାରତିଲ୍ ବଇଜାଅ ଶର୍‌କିୟା ଦିମଶ୍‌କ୍"

*(ସହି ମୁସ୍‌ଲିମ୍, କିତାବୁଲ୍ ଫିତନ୍ .... ବାବ୍ ଜିକ୍‌ରୁଲ୍ ଦଜ୍ଜାଲ୍)*

ଅର୍ଥାତ :- ଯେବେ ଅଲ୍ଲାଃତାଲା ଇସା ଇବ୍‌ନେ ମର୍‌ୟମ୍‌ଙ୍କ (ଅନୁରୂପ) ଅର୍ଥାତ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହମଦ୍ ସାହେବ୍ କାଦିଆନି ଆ:ସଙ୍କୁ ପ୍ରେରଣ କରିବେ, ତାଙ୍କର ଅବତରଣ ଏକ ଧବଳବର୍ଣ୍ଣ ମିନାର ନିକଟରେ ହେବ ଯାହା ଦମିଶକ୍‌ର ପୂର୍ବ ଦିଗରେ ଅବସ୍ଥିତ ହୋଇଥିବ ।

ଇତିହାସ ସାକ୍ଷୀ ଅଛି ଯେ ଯେତେବେଳେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଏହି ପେଶ୍‌ଗୋଇ (ଭବିଷ୍ୟବାଣୀ) କରୁଥିଲେ ସେତେବେଳେ ଦମିଶ୍‌କ ସହରରେ କୌଣସି ଧଳାରଙ୍ଗର ମିନାର ନଥିଲା । ଯେତେକ ମିନାର ନିର୍ମାଣ ହୋଇଛନ୍ତି ତାହା ସବୁ ବହୁତ ପରେ ହୋଇଛନ୍ତି ।

ମିନାର ଶବ୍ଦଟି "ନୂର୍" ଅର୍ଥାତ୍ ଜ୍ୟୋତିରୁ ଉତ୍ପନ୍ନ "ଅଲ୍‌ମନାରତୁଲ୍ ବଇଜାଆ" (ଧବଳବର୍ଣ୍ଣ ମିନାର) ର ଗୋଟିଏ ଅର୍ଥ ମଧ୍ଯ ଏହା କି ମୁହମ୍ମଦ୍‌ଙ୍କ ସମ୍ପ୍ରଦାୟରେ ଅଲ୍ଲାଃତାଲା ଯାହାଙ୍କୁ ମସିହଙ୍କ ଅନୁରୂପ କରି ପ୍ରେରଣ କରିବେ ତାଙ୍କୁ ଇସ୍‌ଲାମ୍ ଧର୍ମର ସତ୍ୟତାକୁ ପ୍ରକାଶ କରିବା ନିମନ୍ତେ ଜ୍ୟୋତିପୂର୍ଣ୍ଣ ଓ ସ୍ପଷ୍ଟ ପ୍ରମାଣ ଦେଇ ପ୍ରେରଣ କରିବେ । ତାଙ୍କ ଜ୍ୟୋତିପୂର୍ଣ୍ଣ ପ୍ରମାଣ ସମ୍ମୁଖରେ ସମସ୍ତ ମିଥ୍ୟା ପୂର୍ଣ୍ଣ ଧର୍ମଗୁଡିକ ଓ ଅନ୍ଧକାରମୟ ଯୁକ୍ତିଗୁଡିକ ଲୋପପାଇଯିବ । ପୂଣ୍ୟବନ୍ତ ଲେକେ ସାକ୍ଷୀ ଅଛନ୍ତି ଯେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହମଦ୍ ସାହେବ୍ କାଦିଆନି ଆ:ସ (୧୮୩୫-୧୯୦୮)ଙ୍କ ଆବିର୍ଭାବ ଦ୍ୱାରା ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ମୁଖରୁ ବାହାରିଥିବା ଗୋଟିଏ ଗୋଟିଏ ଅକ୍ଷରକୁ ଅଲ୍ଲାଃତାଲା ସତ୍ୟ ପ୍ରମାଣିତ କରି ଦେଖାଇଛନ୍ତି । ଆପଣ ଆ:ସଙ୍କ ପୁସ୍ତକ, ଲେଖା, ମଲ୍‌ଫୁଜାତ୍ (ଅଭିଲେଖା), ଚିଠିପତ୍ର ଏବଂ ବିଜ୍ଞାପନଗୁଡିକ ଏହାର ମୂକସାକ୍ଷୀ ଯେ ଆପଣ ଆ:ସ ମିଥ୍ୟା ଧର୍ମଗୁଡିକର ଅନ୍ଧକାରପୂର୍ଣ୍ଣ ଯୁକ୍ତିଗୁଡିକୁ ଉଜ୍ଜଳ ଯୁକ୍ତି ଦ୍ୱାରା ପ୍ରତ୍ୟାଖାନ କରିଛନ୍ତି । ଏହି ଭବିଷ୍ୟବାଣୀକୁ ବାହ୍ୟ ପ୍ରକାଶ୍ୟରେ ପୁରଣ କରିବା ପାଇଁ ମଧ୍ଯ ହଜ୍‌ରତ୍ ମସିହ ମଉଦ୍ ଆ:ସ "ମିନାରତୁଲ୍ ମସିହ" ନିର୍ମାଣ କରିବା ନିମନ୍ତେ ଅନୁପ୍ରାଣିତ କଲେ ।

## ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଭବିଷ୍ୟବାଣୀକୁ ପୂରଣ କରିବା ପାଇଁ ଏକ ମିନାର୍ ନିର୍ମାଣ କରିବାକୁ ଆହ୍ୱାନ

ହଜ୍‌ରତ୍ ମସିହ ମଉଦ୍ ଆ:ସ କାଦିଆନ୍‌ରେ ଏକ ମିନାର୍ ନିର୍ମାଣ କରିବା ସମ୍ବନ୍ଧରେ ଘୋଷଣା କରି ଲେଖିଛନ୍ତି :

(୧) "ଏହି ଭବିଷ୍ୟବାଣୀକୁ ପୂରଣ କରିବା ନିମନ୍ତେ ଇସ୍‌ଲାମରେ ଦୁଇଥର ଚେଷ୍ଟା କରାଯାଇଅଛି । ପ୍ରଥମେ ୭୪୧ ହିଜ୍‌ରି ପୂର୍ବରୁ "ଦମିଶ୍‌କ"ର ପୂର୍ବ ଦିଗରେ ମାର୍ବଲ ପଥର ଦ୍ୱାରା ଗୋଟିଏ ମିନାର ନିର୍ମାଣ କରିଯାଇଥିଲା ଯାହା ଦମିଶ୍‌କ୍‌ର ପୂର୍ବଦିଗରେ ଥିଲା ଓ ଯାମେ ଉମୁଓ୍ୱିର ଏକ ଅଂଶ ବିଶେଷ ଥିଲା । କୁହାଯାଏ ଯେ ଏଇଥିପାଇଁ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ନିର୍ମାତାମାନଙ୍କର ଉଦ୍ଦେଶ୍ୟ ଏହା ଥିଲା କି ଏହାଦ୍ୱାରା ଇସୁଲୁଲ୍ଲାଃ ସ:ଆ:ସଙ୍କ ଭବିଷ୍ୟବାଣୀ ପୂରଣ ହେବ କିନ୍ତୁ ପରେ ଇସାଇମାନେ ସେହି ମିନାରଟିକୁ ଜଳାଇ ଦେଇଥିଲେ । ପୁଣି ଏହି ଦୁର୍ଘଟଣା ପରେ ୭୪୧ ହିଜ୍‌ରିରେ ପୂନର୍ବାର ଚେଷ୍ଟା କରାଗଲା ଯେ ସେହି ମିନାରକୁ ଦମିଶ୍‌କ୍‌ର ପୂର୍ବଦିଗରେ ପ୍ରସ୍ତୁତ କରାଯାଉ । ଅତଏବ୍ ଏହି ମିନାର୍ ପାଇଁ ମଧ୍ଯ ବୋଧହୁଏ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ କରାଯାଇଥିଲା କିନ୍ତୁ ଅଲ୍ଲାଃତାଲାଙ୍କ ବିଧାନ ଏପରି ହେଲା ଯେ ଯାମେ ଉମୁଓ୍ୱିରେ ନିଆଁ ଲାଗିଗଲା ଫଳତଃ ସେହି ମିନାରଟି ମଧ୍ଯ ଜଳିଗଲା । ଅତଃ ଦୁଇଥରଯାକ ମୁସଲ୍‌ମାନ୍‌ମାନଙ୍କୁ ଏହି ପ୍ରୟାସରେ ବିଫଳତା ଲାଭ ହେଲା ।"

*(ମଯ୍‌ମୁଆ ଇସ୍ତେହାରାତ୍, ଖ-୩, ପୃ-୩୧୫ ଜୁଲାଇ ପହିଲା ୧୯୦୦)*

(୨) "ଏହା ସେହି ପ୍ରକାରର ଉଦ୍ଦେଶ୍ୟ ଥିଲା ଯେଉଁ ପ୍ରକାରେ ହଜ୍‌ରତ୍ ଉମର୍ ର:ଅ ଜଣେ ସାହାବିଙ୍କୁ କିସ୍‌ରା (ସାମ୍ରାଜ୍ୟର) ମାଲେ ଗନିମତ୍‌ରୁ ସୁନାର କଙ୍କଣ ପିନ୍ଧାଇଥିଲେ । କାରଣ ଏହା ଦ୍ୱାରା ଗୋଟିଏ ଭବିଷ୍ୟବାଣୀ ପୂରଣ ହୋଇଯିବ ।"

(ମଯ୍‌ମୁଆ ଇସ୍ତେହାରାତ୍ ଖଣ୍ଡ-୩, ପୃ-୩୧୬)

## ମିନାର ନିର୍ମାଣ କରିବାର ତିନୋଟି ଉଦ୍ଦେଶ୍ୟ

ହଜ୍‌ରତ୍ ମସିହା ଆ:ସ ମିନାର୍ ନିର୍ମାଣ କରିବାର ତିନୋଟି ମୂଳ ଉଦ୍ଦେଶ୍ୟ ଉଲ୍ଲେଖ କରିଛନ୍ତି :

(୧) ପ୍ରଥମତଃ ମୁଅଜ୍ଜନ୍ (ଆଜାନ୍ ଦେଉଥିବା ବ୍ୟକ୍ତି) ତା ଉପରେ ଚଢି ପାଂଚବେଳା ଉଚ୍ଚସ୍ୱରରେ ଆଜାନ୍ ଦେବ ଏବଂ ଏହାଦ୍ୱାରା ଇଶ୍ୱରଙ୍କ ପବିତ୍ର ନାମ ଦିନରାତି ପାଂଚବେଳା ଉଚ୍ଚସ୍ୱରରେ ପ୍ରଚାର ପ୍ରସାର ହେବ ଏବଂ ଆମତରଫରୁ ସଂକ୍ଷିପ୍ତ ବାକ୍ୟରେ ପାଂଚବେଳା ଲୋକମାନଙ୍କୁ ଡକାଯିବ ଯେ ସେହି ଅନନ୍ତ ଓ ଚିରସ୍ଥାୟୀ ଇଶ୍ୱର ଯାହଙ୍କର ଉପାସନା ସମଗ୍ର ମାନବଜାତିଙ୍କୁ କରିବା ଉଚିତ୍ । ଏବଂ କେବଳ ସେହି ଇଶ୍ୱର ବିଦ୍ୟମାନ ଅଛନ୍ତି ଯାହାଙ୍କ ପ୍ରତି ତାହାଙ୍କ ମନୋନୀତ ଓ ପବିତ୍ର ରସୁଲ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ମାର୍ଗଦର୍ଶନ କରିଛନ୍ତି । ତାହାଙ୍କ ବ୍ୟତୀତ ନା ପୃଥିବୀରେ ଓ ନା ଆକାଶରେ କୌଣସି ଇଶ୍ୱର ଅଛନ୍ତି ।

*(ରୁହାନୀ ଖଜାଇନ୍-୧୬ ଖୁତ୍‌ବା ଏଲ୍‌ହାମିୟା ପୃ-୧୬)*

(୨) ଏହି ମିନାରର ଦ୍ୱିତୀୟ ଅର୍ଥ ଏହା ହେବ କି କାନ୍ଥର କୌଣସି ବଡ଼ ଏବଂ ଉଚ୍ଚା ସ୍ଥାନରେ ଗୋଟିଏ ବଡ ଲଣ୍ଠନ ଲଗାଇ ଦିଆଯିବ ଯାହାର ମୂଲ୍ୟ ଊଣା ଅଧିକେ ଶହେ ଟଙ୍କା ବା ତା'ଠାରୁ ଅଧିକା ହେବ । ଏହାର ଆଲୋକ ମଣିଷର ଚକ୍ଷୁକୁ ଆଲୋକିତ କରିବା ପାଇଁ ବହୁଦୂର ଦୁରାନ୍ତକୁ ପହଂଚିବ ।"

*(ରୁହାନୀ ଖଜାଇନ୍ ଖ-୧୬ ଜମିମାଃ ଖୁତ୍‌ବା ଇଲ୍‌ହାମିୟା ପୃ-୧୬)*

## ମିନାର ନିମାଣ ପାଇଁ ପାଣ୍ଠି ସଂଗ୍ରହ

୧୯୦୦ ମସିହାରେ ହଜ୍‌ରତ୍ ମସିହ ମଉଦ୍ ଆ:ସ "ମିନାରତୁଲ୍ ମସିହ" ନିର୍ମାଣ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କଲେ । ସେ ସମୟରେ ଯମାତ୍‌ର ସଦସ୍ୟମାନଙ୍କ ସଂଖ୍ୟା ଅଧିକ ନଥିଲା ଏବଂ ଯମାତ୍‌ର ଆର୍ଥିକ ଅବସ୍ଥା ଏପରି ନଥିଲା ଯେ ସେମାନେ ମିନାର ନିର୍ମାଣପାଇଁ ଅଧିକରୁ ଅଧିକ ଚାନ୍ଦା ଦେଇପାରିବେ । ହଜ୍‌ରତ୍ ସାହେବ୍‌ଜାଦା ମିର୍ଜା ବଶିରୁଦ୍ଦିନ୍ ମେହ୍‌ମୁଦ୍ ଅହେମଦ୍ ସାହେବ (ଖଲିଫତୁଲ୍ ମସିହ ଦ୍ୱିତୀୟ ର:ଅ)ଙ୍କ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅକ୍‌ଦସ୍ (ମସିହା ମଉଦ୍ ଆ:ସ) ମସ୍‌ଜିଦ୍‌ରେ ବସିଥିଲେ । ମିନାର ନିର୍ମାଣ କରିବା ପାଇଁ ଏକ ପ୍ରସ୍ତାବ ଚାଲି ଥିଲା । ମୀର୍ ହିସାମୁଦ୍ଦିନ୍ ସାହେବ ସିଆଲ୍‌କୋଟି ର:ଅ ଦଶହଜାର ଟଙ୍କା ଆକଳନ କଲେ । କିନ୍ତୁ ପ୍ରଶ୍ନ ଏହା ଥିଲା କି ଦଶହଜାର ଟଙ୍କା କେଉଁଠୁ ଆସିବ । ଯେହେତୁ ସେ ସମୟରେ ଯମାତ୍‌ର ଅବସ୍ଥା ବହୁତ ଦୃବଳ ଥିଲା ଯେ, ଏପରି ପରିସ୍ଥିତିରେ ମିନାର ନିର୍ମାଣ କରିବା କଷ୍ଟକର କଥା ଥିଲା । ହଜୁର ଆ:ସ ବାରମ୍ବାର ଏ କଥା କହୁଥିଲେ ଯେ ଏପରି କୌଣସି ପରାମର୍ଶ ଦିଅନ୍ତୁ ଯେ ଆଠାରୁ ମଧ୍ଯ ଅଳ୍ପ ଟଙ୍କା ଖର୍ଚ୍ଚ କରାଯାଇ ଏହାର ନିର୍ମାଣ କରାଯାଇପାରିବ । ପରିଶେଷରେ ହଜୁର ଆ:ସ ଦଶହଜାର ଟଙ୍କାକୁ ଶହ ଶହ ଟଙ୍କାରେ ଭାଗ କଲେ । ଅତଏବ୍ ଏକ ଜୁଲାଇ ୧୯୦୦ର ବିଜ୍ଞାପନରେ ମିନାର ନିର୍ମାଣ ନିମନ୍ତେ ପାଣ୍ଠି ସଂଗ୍ରହ ପାଇଁ ହଜ୍‌ରତ୍ ଅକ୍‌ଦସ୍ ନିଜର ୧୦୧ ଜଣ ଖୁଦ୍ଦାମ୍ (ଧର୍ମ ସେବକ)ଙ୍କ ନାମସୂଚକ ପ୍ରକାଶ କରି ଅତିକମ୍‌ରେ ଶହେ ଶହେ ଟଙ୍କା ଚାନ୍ଦା ଦେବାପାଇଁ ଅନୁପ୍ରାଣିତ କଲେ ଏବଂ ଏହା ଘୋଷଣା କଲେ ଯେ ଯେଉଁମାନେ ଏଥିରେ ଭାଗନେବେ ସେମାନଙ୍କର ନାମ ସ୍ମାରକ ଭାବରେ ମିନାରରେ ଲେଖାଯିବ । ଏହି ଘୋଷଣା ପରେ ମହାଭାଗଙ୍କର ଚାରିଜଣ ନିଷ୍ଠାବାନ ସେବକ ମୁନ୍‌ଶି ଅବ୍‌ଦୁଲ୍ ଅଜିଜ୍ ସାହେବ ଅଓଜଲଓ୍ୱି, ମିଆଁ ଶାଦିଖାନ୍ ସାହେବ ଲକ୍‌ଡି ଫରୋଶ୍ ସିଆଲ୍‌କୋଟ୍, ମୌଲବୀ ମୁହମ୍ମଦ୍ ଅଲୀ ସାହେବ ଏମ୍.ଏ ଏବଂ ଶେଖ୍ ନିୟାଜ୍ ଅହମ୍ମଦ୍ ସାହେବ ତାଜିର୍ ଓ୍ୱାଜିରାବାଦ୍ ହଜୁର୍ ଆ:ସଙ୍କ ସର୍ତାବଳୀ ମୁତାବକ ଚାନ୍ଦା ପେଶ୍ କରିଦେଲେ । ସେମାନଙ୍କ ମଧ୍ୟରୁ ପ୍ରଥମ ଦୁଇଜଣ ସାହାବାଙ୍କ ସମ୍ବନ୍ଧରେ ହଜୁର୍ ଆ:ସ ସେହି ବିଜ୍ଞାପନର ଆରମ୍ଭରେ ମଧ୍ଯ ଅତ୍ୟନ୍ତ ପ୍ରଶଂସନୀୟ ଶବ୍ଦରେ ଉଲ୍ଲେଖ କରିଛନ୍ତି ଏବଂ ସେମାନଙ୍କର ବଳିଦାନକୁ ଯମାତ ପାଇଁ ଅନୁକରଣୀୟ ବୋଲି ଅଭିହିତ କରିଛନ୍ତି । ହଜ୍‌ରତ୍ ଉମ୍ମୁଲ୍ ମୁମିନିନ୍ (ର:ଅ) ମିନାର ନିର୍ମାଣ ନିମନ୍ତେ ଏକହଜାର ଚାନ୍ଦା ଦେବା ପାଇଁ ନାମ ଲେଖାଇଲେ । ତାହା ସେ ତାଙ୍କର ଦିଲ୍ଲୀ ସ୍ଥିତ ନିଜସ୍ୱ ଘରକୁ ବିକ୍ରି କରି ପଇଠ କଲେ । ୧୩ ଜିଲ୍‌ହଜ୍ଜା ୧୩୨୦ ହିଜ୍‌ରି ମୁତାବକ ୧୩ ମାର୍ଚ୍ଚ ୧୯୦୩ ପବିତ୍ର ଶୁକ୍ରବାର ଦିନ "ମିନାରତୁଲ୍ ମସିହ"ର ମୂଳଦୁଆ ପକାଯାଇଥିଲା । ସେହିଦିନ ଯୁମା ନମାଜ୍ ପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଗୋଚରେ ହକିମ ଫଜଲେ ଇଲାହୀ ସାହେବ୍ ଲାହୋରୀ, ମିର୍ଜା କୁଦାବଖଶ୍ ସାହେବ୍, ଶେଖ୍ ମୌଲା ବଖଶ୍ ସାହେବ୍ ଏବଂ କାଜି ଜିଆଉଦ୍ଦିନ୍ ସହେବ୍ ଇତ୍ୟାଦି ଲୋକମାନେ ଉପସ୍ଥିତ ହୋଇ ନିବେଦନ କଲେ ଯେ ହଜୁର୍‌ଙ୍କ ପବିତ୍ର ହାତ ଦ୍ୱାରା "ମିନାରତୁଲ୍ ମସିହ" ର ମୂଳ ଇଟା (ଭିତିପ୍ରସ୍ତର) ରଖାଗଲେ ବହୁତ ଭଲ ହୁଅନ୍ତା । ମହାଭାଗ ଆ:ସ କହିଲେ ଯେ ଆମକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ଆଜି ମନାରତୁଲ୍ ମସିହର ମୂଳଦୁଆ ପଡିବ ବୋଲି । ଏବେ ଆପଣମାନେ ଗୋଟିଏ ଇଟା ଘେନି ଆଣନ୍ତୁ ମୁଁ ସେଥିରେ ଦୁଆ

(ପ୍ରାର୍ଥନା) କରିବି ତା'ପରେ ମୁଁ ଯେଉଁ ସ୍ଥାନରେ ରଖିବା ପାଇଁ କହିବି ସେହିସ୍ଥାନରେ ତାକୁ ରଖିଦିଅନ୍ତୁ । ଅତଏବ୍ ହକିମ୍ ଫଜ୍‌ଲେ ଇଲାହୀ ସାହେବ ଇଟା ନେଇ ଆସିଲେ ଏବଂ ହଜୁର ଆ:ସ ତାହାଙ୍କୁ ନିଜ ଜଂଘ ଉପରେ ରଖି ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ କଲେ । ଦୁଆ କରିବାପରେ ମହାଭାଗ ସେଥିରେ ଦମ୍ କଲେ ଏବଂ ହକିମ୍ ଫଜ୍‌ଲେ ଇଲାହୀ ସାହେବଙ୍କ ନିର୍ଦ୍ଦେଶ ଦେଲେ ଯେ ଆପଣ ଏହାକୁ ନେଇ (ପ୍ରସ୍ତାବିତ) ମିନାରତୁଲ ମସିହର ପଶ୍ଚିମ ଭାଗରେ ରଖିଦିଅନ୍ତୁ । ହକିମ୍ ସାହେବ୍ ଏବଂ ଅନ୍ୟ ସଦସ୍ୟମାନେ ଯେତେବେଳେ ସେହି ପବିତ୍ର ଇଟାଟିକୁ ଧରି ମସ୍‌ଜିଦ୍ ଅକ୍‌ସାରେ ପହଂଚିଲେ ସେତେବେଳେ ରାସ୍ତାରେ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ (ର:ଅ) ଯୁମା ନମାଜ ପଢାଇ ଫେରୁଥିଲେ । ମୌଲବୀ ସାହେବ୍‌ଙ୍କର ଏ ଅଭ୍ୟାସ ଥିଲା ଯେ ସେ ଯୁମାନମାଜ ପରେ ବହୁସମୟ ପର୍ଯ୍ୟନ୍ତ ମସ୍‌ଜିଦ୍ ଅକ୍‌ସାରେ ବସି ରହୁଥିଲେ । ଜ୍ଞାନ ଏବଂ ଆହରଣ ନୀତି ଶିକ୍ଷା କରିବାର ଏକ ବଡ ସମାବେଶ ସେଠାରେ ଲାଗିରହୁଥିଲା । ବାହାରୁ ଆସୁଥିବା ଲୋକମାନେ ତାଙ୍କ ଚାରିପଟେ ଏକାଠି ହୋଇ ତାଙ୍କଠାରୁ ଜ୍ଞାନ ଆହରଣ କରୁଥିଲେ । ସେହି ଦିନ ମଧ୍ୟ ପୂର୍ବପରି ବିଳମ୍ବରେ ଫେରୁଥିଲେ । ରାସ୍ତାରେ ଯେତେବେଳେ ଏକଥା ଜାଣିଲେ ଅତ୍ୟନ୍ତ ଭାବବିହୋଳ ହୋଇଗଲେ ଏବଂ ସେହି ଇଟାଟିକୁ ଧରି ନିଜ ଛାତିରେ ଲଗାଇ ବହୁତ ସମୟ ପର୍ଯ୍ୟନ୍ତ ଦୁଆ କଲେ ଏବଂ କହିଲେ ଯେ ତାଙ୍କର ଏ ଆନ୍ତରିକ ଇଚ୍ଛା ଥିଲା କି ଏହି କାର୍ଯ୍ୟ ଫିରସ୍ତା (ସ୍ୱର୍ଗଦୂତ) ମାନଙ୍କ ମଧ୍ୟରେ ସାକ୍ଷୀ ଭାବରେ ରହିଯାଉ । ପରିଶେଷରେ ସେହି ଇଟାଟିକୁ ଫଜଲଦ୍ଦୀନ୍ ସାହେବ୍ ଅହେମଦୀ ମେମାର ମୂଳଦୁଆର ପଶ୍ଚିମ ଭାଗରେ ସ୍ଥାପନ କରିଦେଲେ ଏବଂ ହଜ୍‌ରତ୍ ମୀର ନାସିର୍ ନୱାବ୍ ସାହେବ୍ (ର:ଅ) ସେହି କାର୍ଯ୍ୟର ନିରୀକ୍ଷକ ରୂପେ ନିଯୁକ୍ତ ହେଲେ ।

ମିନାରର ମୂଳଦୁଆ ବହୁତ ଗଭୀର, ବ୍ୟାପକ ଏବଂ ପ୍ରଶସ୍ତ ଏବଂ କଂକ୍ରିଟ୍ ଦ୍ୱାରା ମଜ୍‌ବୁତ୍ କରି ଉଠାଗଲା ।

## ମିନାରର ନିର୍ମାଣ ବନ୍ଦ କରିବା ପାଇଁ ଅହେମଦୀ ବିରୋଧି ଲୋକମାନଙ୍କର ସରକାରୀ ଅଫିସରଙ୍କ ନିକଟରେ ପହଂଚି

ପ୍ରାରମ୍ଭରୁ ହିଁ କାଦିଆନ୍‌ରେ ଆର୍ଯ୍ୟସମାଜ ସହିତ ସମ୍ବନ୍ଧ ରଖିଥିବା ସଦସ୍ୟମାନଙ୍କର ଏପରି ଏକ ଗୋଷ୍ଠି ରହିଆସିଛି ଯିଏ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଇସ୍‌ଲାମ ସେବା କାର୍ଯ୍ୟକୁ ବିରୋଧ କରି ଆସୁଥିଲା । କେବେ ଅମୃତସରରୁ ପଣ୍ଡିତ ଖଡକ ସିଂହଙ୍କୁ କାଦିଆନ୍ ଡାକି ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ତର୍କ ବିତର୍କ ପାଇଁ ଆମନ୍ତ୍ରିତ କଲେଣିତ କେବେ ଇସ୍‌ଲାମ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ମିଥ୍ୟା ପ୍ରମାଣିତ କରିବା ପାଇଁ "ଶୁଭ୍ ଚିନ୍ତକ" ଖବର କାଗଜ ଜାରି କଲେଣି ।

ଯେତେବେଳେ "ମନାରତୁଲ ମସିହର"ର ମୂଳଦୁଆ ରଖାଗଲା ସେତେବେଳେ ସେହି ଗୋଷ୍ଠୀ ପୁଣି ତୀବ୍ର ବିରୋଧ ଆରମ୍ଭ କରିଦେଲା । ଏବଂ ତାହାର ନିର୍ମାଣକାର୍ଯ୍ୟକୁ ରୋକିବା ପାଇଁ ନିଷେଧାଜ୍ଞା ଜାରି କରିବା ନିମନ୍ତେ ସରକାରୀ କର୍ମଚାରୀଙ୍କ ନିକଟରେ ପହଂଚିଲା । ଜିଲ୍ଲା ଅଧିକାରୀ ମଧ୍ୟ ଏହି ଘଟଣାର ତଦନ୍ତ ନିମନ୍ତେ ୧୯୦୩ ମସିହା ମଇମାସ ଆଠ ତାରିଖ ଦିନ ବଟାଲାର ତହସିଲ୍‌ଦାରଙ୍କୁ କାଦିଆନ୍ ପଠାଇଲେ । ଯେବେ ସେ କାଦିଆନ୍ ପହଂଚିଲେ ସେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସ ବୁଲିବାପାଇଁ ଚାଲିଯାଇଥିଲେ । ପ୍ରାୟ ଅଧଘଂଟା ପରେ ହଜୁର୍ ଆ:ସ ଭ୍ରମଣ କରି ଲେଉଟି ଆସିଲେ ଏବଂ ନିମ୍ନ ଲିଖିତ ପ୍ରଶ୍ନ ଉତର ହେଲା ।

ତହସିଲ୍‌ଦାର୍ : ମିନାର କାହିଁକି ନିର୍ମାଣ କରାଯାଉଅଛି ?

ହଜୁର୍ ଆ:ସ : (୧) ଏହି ମିନାର ନିର୍ମାଣ କରିବାର ଗୋଟିଏ ଉଦ୍ଦେଶ୍ୟ ଏହା ମଧ୍ୟ କି ଆ ଉପରେ ଚଢି ଇଶ୍ୱରଙ୍କ ନାମ ଉଚ୍ଚାରଣ କରାଯିବ । ଯେଉଁଠି ଖୁଦାଙ୍କର ନାମ ଉଚ୍ଚାରଣ କରାଯାଏ ସେଠାରେ ବରକତ୍ ହୋଇଥାଏ ।

(୨) ତା ଉପରେ ଏକ ଲଣ୍ଠନ ମଧ୍ୟ ଲଗାଯିବ ଯାହାର ଆଲୋକ ବହୁତ ଦୂରରୁ ଦେଖାଯିବ ।

(୩) ଗୋଟିଏ ଘଡ଼ି ଲଗାଯିବ ।

(୪) ଯେଉଁ ଧାରଣା ରହିଛି ଯେ ଏହା ଦ୍ୱାରା ପର୍ଦ୍ଦା ଉଲ୍ଲଘଂନ ହେବ ବୋଲି, ଏହା ଭୁଲ ଅଟେ । ଏବେ ଆମ ସମ୍ମୁଖରେ ଡେପୁଟି ଶଙ୍କର ଦାସ ସାହେବଙ୍କର ଘର ଅଛି ଓ ତାହା ଏତେ ଉଚ୍ଚାରେ ଅବସ୍ଥିତ ଯେ ଯଦି ଲୋକ ତା ଉପରେ ଚଢିବ ତା'ହେଲେ ଆମ ଘର ଭିତରେ ତା ଦୃଷ୍ଟି ବରାବର ପଡିବ । ତେବେ କ'ଣ ଆମେ ଏକଥା କହିବୁ କି ସେହି ଘରକୁ ଭାଙ୍ଗି ଦିଆଯାଉ । ଆମକୁ ନିଜକୁ ନିଜେ ପର୍ଦ୍ଦା କରିବା ଉଚିତ୍ ହେବ ।

ହଜ୍‌ରତ୍ ହାଫିଜ୍ ରୌଶନ୍ ଅଲୀ ସାହେବ ର:ଅ ବର୍ଣ୍ଣନା କରଛନ୍ତି ଯେ: ଯେବେ "ମିନାରତୁଲ୍ ମସିହ" ନିର୍ମାଣ ହେବାକୁ ଲାଗିଲା ସେତେବେଳେ କାଦିଆନର ଲୋକମାନେ ସରକାରୀ ପଦାଧିକାରୀଙ୍କ ନିକଟରେ ଯାଇ ଅଭିଯୋଗ କଲେ ଯେ ଏହି ମିନାର ତିଆରି ହେଲେ ଆମ ଘରଗୁଡ଼ିକ ଅନାବରଣ ହୋଇଯିବ । ତେଣୁ ସରକାରଙ୍କ ତରଫରୁ ଜଣେ ଡେପୁଟି କାଦିଆନ୍ ଆସିଲେ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ମସ୍‌ଜିଦ୍ ମୁବାରକ୍ ସହିତ ସଂଲଗ୍ନ ଥିବା କକ୍ଷ (ବଇତୁଲ୍ ଫିକ୍‌ର)ରେ ସାକ୍ଷାତ କଲେ । ସେତେବେଳେ ଆପତିକାରୀମାନଙ୍କ ମଧ୍ୟରୁ କିଛି ଲୋକେ ତାଙ୍କ ସହିତ ଥିଲେ । ହଜ୍‌ରତ୍ ସାହେବଙ୍କ ସହିତ ଡେପୁଟିଙ୍କର ବାର୍ତାଳାପ ଚାଲିଲା ଏବଂ ଏହି ବାର୍ତାଳାପ ସମୟରେ ହଜ୍‌ରତ୍ ସାହେବ ଡେପୁଟିଙ୍କୁ ସମ୍ବୋଧନ କରି କହିଲେ ଦେଖ ଏହି ବୁଢାମଲ ବସିଛି । ଆପଣ ତାଙ୍କୁ ପଚାରି ବୁଝନ୍ତୁ ଯେ ପିଲାଦିନୁ ନେଇ ଏପର୍ଯ୍ୟନ୍ତ କ'ଣ କେବେ ଏପରି ହୋଇଛି ଯେ ମୁଁ ତାଙ୍କୁ ଲାଭ ପହଂଚାଇବାରେ କିଛି ଉଣା କରିଥିବି ? ପୁଣି ତାକୁ ହିଁ ପଚାରନ୍ତୁ ଯେ କେବେ ଏପରି ହୋଇଛି କି ମତେ କଷ୍ଟ ପହଂଚାଇବାକୁ ତାକୁ କୌଣସି ଅବସର ମିଳିଥିବ ଓ ସେ ମତେ କଷ୍ଟ ଦେବାରେ କୌଣସି ସୁଯୋଗକୁ ହାତଛଡା କରିଥିବ । ହାଫିଜ୍ ସାହେବ୍ କହୁଛନ୍ତି ଯେ ମୁଁ ସେତେବେଳେ ବୁଢାମଲ୍‌କୁ ଦେଖୁଥିଲି ଯେ ସେ ଲଜ୍ଜାରେ ନିଜ ମୁଣ୍ଡକୁ ତଳକୁ କରି ନିଜ ଆଣ୍ଠୁ ମଝିରେ ରଖିଥିଲା ଏବଂ ତା ଚେହେରାର ରଙ୍ଗ ଉଡି ଧଳା ପଡିଗଲା । ସେ ତା ମୁହଁରୁ ଗୋଟିଏ ଶବ୍ଦ ମଧ୍ୟ ବାହାର କରିପାରିଲା ନାହିଁ ।" ***(ସିରତୁଲ୍ ମେହେଦୀ, ପ୍ରଥମ ଭାଗ, ପୃ-୧୩୮, ରିୱାୟତ୍ ନଂ-୧୪୮)***

ପରିଶେଷରେ ଏହି ବିବାଦ ଡେପୁଟି କମିଶନର ବାହାଦୁର ଜିଲ୍ଲା ଗୁର୍‌ଦାସ୍‌ପୁରଙ୍କ ଅଦାଲତ୍‌ରେ ପହଂଚିଲା । ସେଠାରେ ଯେଉଁ ନିଷ୍ପତି ଦିଆଗଲା ତାହା ନିମ୍ନରେ ବର୍ଣ୍ଣନା କରାଯାଉଅଛି ।

"ଇଜ୍‌ଲାସ୍‌ର ଅର୍ଡର କପି : ସି.ଏମ୍ ଡାଲସ୍ ସାହେବ୍ ବାହାଦୁର୍ ଡେ଼ପୁଟି କମିଶନର, ବାହାଦୁର ଜିଲ୍ଲା ଗୁର୍‌ଦାସ୍‌ପୁର୍

ନିଷ୍ପତି: ୧୩ ମଇ ୧୯୦୩ ମୋକଦ୍ଦମା ନଂ ୪-୧୭

ମିନାରତୁଲ୍ ମସିହ ନିର୍ମାଣର କାଗଜପତ୍ର ଏବଂ କିଛି କାଦିଆନ ନିବାସୀ ଲୋକମାନଙ୍କର ବାହାନା, ବର୍ତମାନ ସେପରି କିଛି କଥା ନାହିଁ ଯାହାଦ୍ୱାରା ଶାନ୍ତିଭଙ୍ଗ ହେବାର ଆଶଂଙ୍କା ରହୁଥିବା କାଗଜପତ୍ର ଅଫିସ୍‌ରେ ଦାଖଲ କରାଯାଉ"

***(ବହୱାଲା ଅଲହକମ୍ ୧୦ ଜୁନ୍ ୧୯୦୩ ପୃ-୪-୧୦)***

ଏହି ନିଷ୍ପତି ଦ୍ୱାରା ଅହେମଦୀ ବିରୋଧି ଷଡଯନ୍ତ୍ର ଅସଫଳ ହୋଇଗଲା । ଅଲ୍‌ହମ୍‌ଦୋ ଲିଲ୍ଲାଃ ଆଲା ଜାଲିକା ।

## ଆର୍ଥିକ ଅସୁବିଧା ହେତୁ ମିନାର ନିର୍ମାଣରେ ବିଳମ୍ବ

ହଜ୍‌ରତ୍ ମସିହ ମଉଦ୍ ଆ:ସ ଇଶ୍ୱରୀୟ ଇଚ୍ଛା ଅନୁଯାୟୀ ମିନାରତୁଲ୍ ମସିହର ନିର୍ମାଣକାର୍ଯ୍ୟ ଆରମ୍ଭ କରାଇଥିଲେ କିନ୍ତୁ କିଛିଟା ଅସୁବିଧା ଯୋଗୁ ନିର୍ମାଣକାର୍ଯ୍ୟ ବନ୍ଦ କରିବାକୁ ପଡ଼ିଲା ।

ହଜ୍‌ରତ୍ ଖଲିଫତୁଲ୍ ମସିହ ଦ୍ୱୀତୀୟ (ର:ଅ)ଙ୍କ ରିୱାୟତ୍ (ବର୍ଣ୍ଣନା) ଏପରି ଅଛି ଯେ ଯେବେ ମିନାରର ନିର୍ମାଣ କାର୍ଯ୍ୟ (ଅର୍ଥର ଅଭାବ ଯୋଗୁଁ) ବନ୍ଦ ହୋଇଯାଇଥିଲା ସେତେବେଳେ କେହି ଜଣେ ଜାଣିବାକୁ ଚାହିଁଲା ଯେ ହଜୁର୍ ଏହି ମିନାର କେବେ ପ୍ରସ୍ତୁତ ହେବ ? ହଜୁର୍ (ଆ:ସ) କହିଲେ ଯଦି ସବୁ କାମ ଆମେ ହିଁ ଶେଷ କରିଦେବୁ ତେବେ ପରେ ଯେଉଁମାନେ ଆସିବେ ସେମାନଙ୍କୁ ପୂଣ୍ୟ କେଉଁଠି ମିଳିବ ? ସୁତରାଂ ଅଟ୍ଟାଳିକାଟି ମସ୍‌ଜିଦ୍ ପ୍ରାଙ୍ଗଣର ସ୍ତରଠାରୁ ଛଅ ଫୁଟରୁ ଅଧିକା ଉଚ୍ଚା ହୋଇପାରିଲା ନାହିଁ ।

## ମନାରତୁଲ୍ ମସିହର ନିର୍ମାଣ କାର୍ଯ୍ୟ ସମାପ୍ତ

ଅଲ୍ଲାଃତାଲା ହଜ୍‌ରତ୍ ଖଲିଫତୁଲ୍ ମସିହା ଦ୍ୱିତୀୟ ର:ଅ ୧୯୧୪ ମସିହା ମାର୍ଚ୍ଚ ୧୪ ତାରିଖରେ ଖିଲାଫତ୍‌ର ଆସନରେ ବିରାଜମାନ ହେଲେ ସେହି ମହାନ ପଦବୀର ଦାୟିତ୍ୱଗୁଡିକୁ ସମ୍ଭାଳିବାର କିଛି ମାସ ପରେ ହିଁ ୨୭ ନଭେମ୍ବର ୧୯୧୪ ମସିହାକୁ ମିନାରର ଅସମ୍ପୂର୍ଣ୍ଣ ଅଟ୍ଟାଳିକା ଉପରେ ନିଜ ପବିତ୍ର ହାତରେ ଇଟା ରଖି ତାହାର ନିର୍ମାଣ କାର୍ଯ୍ୟ ପୁନର୍ବାର ଆରମ୍ଭ କରାଇଦେଲେ । ଏଥର ନିର୍ମାଣକାର୍ଯ୍ୟର ନିରିକ୍ଷକ ଦାୟିତ୍ୱକୁ କାଜି ଅବଦୁର୍ ରହିମ୍ ସାହେବ୍ ଭଟି ତୁଲାଇଲେ । ଏହି କାର୍ଯ୍ୟ ପାଇଁ ଆଜ୍‌ମୀରରୁ ସର୍ବୋତମ ମାର୍ବଲ ପଥର ଯୋଗାଇ ଦିଆଗଲା । ପରିଶେଷରେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସଙ୍କ ନବୁଓ୍ୱତ୍‌ର ପ୍ରମାଣ ସ୍ୱରୁପ ଏହି ମାହାନ ନିଦର୍ଶନ ଡିସେମ୍ବର ୧୯୧୫ରେ ସମ୍ପୂର୍ଣ୍ଣ ହେଲା ।ଏହି ସୁନ୍ଦର ଆକର୍ଷଣୀୟ ଏବଂ ଚମତ୍କାର ମିନାର (ଯାହା ସ୍ଥାପତ୍ୟର ଏକ ଉଚ୍ଚତମ ଉଦାହରଣ) ଶହେ ପାଂଚ ଫୁଟ ବିଶିଷ୍ଟ ଉଚ୍ଚା । ଏହା ତିନି ମହଲା ବିଶିଷ୍ଟ ଏଥିରେ ଗୋଟିଏ ଗମ୍ବୁଜ ଏବଂ ବୟାନବେ ଗୋଟି ପାହାଚ ରହିଛି ।

## ଆଲ୍ଲାଃତାଲାଙ୍କ ତରଫରୁ ମନାରତୁଲ ମସିହର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣା

ବିଗତ ଶହେ ବର୍ଷ ମଧ୍ୟରେ ଅନେକ ଭୂମିକମ୍ପ ଏବଂ ଝଡ଼ତୋଫାନ ଆସିଛି । ଏହି ବିପଦଆପଦ ସମୟରେ ମଧ୍ୟ ଆଲ୍ଲାଃତାଲା ମନାରତୁଲ୍ ମସିହର ସୁରକ୍ଷା କରିଛନ୍ତି । ୨୦୦୫ ମସିହା ଅକ୍ଟୋବର ୮ତାରିଖ ଦିନ ସକାଳ ପ୍ରାୟ ନଅଟା ପନ୍ଦର ମିନିଟ୍‌ରେ ଏକ ବିପଜ୍ଜନକ ଭୂକମ୍ପ ହେଲା । ମସ୍‌ଜିଦ୍ ଅକ୍‌ସାର ପୂର୍ବପାର୍ଶ୍ୱରେ ଯେଉଁଠି ସଦର ଅଞ୍ଜୁମନ୍ ଅହେମଦୀୟାର ପୁରୁଣା କାର୍ଯ୍ୟାଳୟ ଥିଲା, ଏ ଅଧମ ସେହି ଅଟ୍ଟାଳିକାର ଉତର ପାଶ୍ୱରେ ଥିବା ପ୍ରାଙ୍ଗଣରେ ବିଲ୍‌କୁଲ୍ ମିନାରତୁଲ୍ ମସିହର ତଳେ ଛିଡ଼ା ହୋଇଥିଲା । ମନାରତୁଲ୍ ମସିହର ଚତୁଃପାର୍ଶ୍ୱରେ ଥିବା ସମସ୍ତ ଅଟ୍ଟାଳିକା ଦୋହଲୁଥିଲା କିନ୍ତୁ ମନାରତୁଲ୍ ମସିହ୍‌ରେ ଟିକିଏ ବି ଦୋହଲିବାର ଦୃଷ୍ଟିଗୋଚର ହୋଇନଥିଲା । ଏପରି ଅନୁଭବ

ହୋଇଥିଲା ଯେପରି ଇଶ୍ୱରୀୟ ହାତ ତାକୁ ଧରି ରଖିଥିଲା । ଯଦ୍ୱାରା ଭୂକମ୍ପ ଏହି ଇଶ୍ୱରୀୟ ଚିହ୍ନ /ନିଦର୍ଶନକୁ କୌଣସି କ୍ଷତି ନ ପହଂଚାଉ ।

କାଦିଆନରେ ବସବାସ କରୁଥିବା ସୌମ୍ୟ ସ୍ୱଭାବର ହିନ୍ଦୁ ଏବଂ ଶିଖ୍ ବନ୍ଧୁମାନେ ସେହି ସତ୍ୟତାକୁ ଖୋଲାଖୋଲି ଭାବେ ସ୍ୱୀକାର କରୁଥିଲେ ଯେ ମିନାରର ଆଶୀର୍ବାଦ ଯୋଗୁଁ ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ବିପଦରୁ ରକ୍ଷା କରୁଛନ୍ତି । ଏହା ସ୍ୱୀକାର କରିଥିବା ଲୋକମାନଙ୍କ ମଧ୍ୟରେ ହକିମ୍ ସୌରନ୍ ସିଂହ, ଜ୍ଞାନୀ ଲାଭ୍ ସିଂହ ଜଣାଶୁଣା ଯେଉଁମାନେ ବର୍ତ୍ତମାନ ମୃତ୍ୟୁବରଣ କରିସାରିଛନ୍ତି ।

## କୃତଜ୍ଞତା ଜ୍ଞାପନ

ହଜରତ୍ ମସିହ ମଉଦ୍ ଅ:ସ ଏହା ଲେଖିଥିଲେ ଯେ "ଏପରି ସମସ୍ତ ଲୋକଙ୍କ ନାମ ଲେଖାଯିବ ଯେଉଁମାନେ ଅତିକମ୍‌ରେ ଶହେ ଟଙ୍କା ଲାଖେ ମିନାର ପାଇଁ ଚାନ୍ଦା ଦେଇଛନ୍ତି ଏବଂ ସେମାନଙ୍କର ନାମ ଦୀର୍ଘସମୟ ପର୍ଯ୍ୟନ୍ତ ମିନାରର କାନ୍ଥରେ ସ୍ମୃତିଫଳକ ଭାବରେ ଖୋଦିତ ହୋଇ ରହିବ ଯାହା ଆସନ୍ତା ପିଢିକୁ ଦୁଆ (ପ୍ରାର୍ଥନା) କରିବାର ସୁଯୋଗ ଦେବ" ।

(ମଯମୁଆ ଇସ୍ତେହାରାତ୍, ଖ-୩, ପୃ-୩୧୯, ୧ ଜୁଲାଇ ୧୯୦୦)

ହଜ୍‌ରତ ମସିହା ମଉଦ୍ ଆ:ସଙ୍କ ଉପର ବର୍ଣ୍ଣିତ ଘୋଷଣା ମୁତାବକ ୩୦୬ (ତିନି ଶହ ଛଅ) ଚାନ୍ଦା ପ୍ରଦାନକାରୀ (ଦାତା)ଙ୍କ ନାମ "ମନାରତୁଲ୍ ମସିହ"ରେ ଖୋଦିତ ହୋଇ ରହିଛି । କାଳକ୍ରମେ ସମୟ ଅତିବାହିତ ହେତୁ ଖୋଦିତ ନାମ ଗୁଡ଼ିକ ଉପରେ ମଳିନ ପଡ଼ିଯାଇଥିଲା । ଯେତେବେଳେ ଏହାର ଏତେଲା ହଜ୍‌ରତ୍ ଖଲିଫତୁଲ୍ ମସିହା ପଂଚମ ଅ:ବ:ଅଙ୍କ ଦିଆଗଲା ହଜୁର ଖୋଦିତ ନାମଗୁଡିକ ଉପରେ କାଳି ଭରିବାକୁ ନିର୍ଦ୍ଦେଶ ଦେଲେ ଏବଂ ଏହାର ମଞ୍ଜୁରୀ ପ୍ରଦାନ କଲେ । ହଜୁର ଅ:ବ:ଅଙ୍କ ମାର୍ଗଦର୍ଶନ ଅନୁଯାୟୀ ଶ୍ରୀମାନ ଫାତେହ୍ ଅହ୍‌ମଦ୍ ଖାନ୍ ସାହେବ୍ ଡାହିରି ଓ୍ୱକିଲ ତାମିଲ୍‌ଓ୍ୱ ତନ୍‌ଫିଜ୍ (ଭାରତ, ନେପାଳ ଏବଂ ଭୁଟାନ) ଜାନୁଆରୀ ୨୦୨୦ ମସିହାରେ କାଳିଭରିବାର କାମ ନିଜ ତତ୍ୱାବଧାନରେ ନିଜାରତ୍ ତାମିରାତ୍ କଦିଆନ୍ ଜରିଆରେ ସମ୍ପୂର୍ଣ୍ଣ କରାଇଲେ । ଜଯାହୁମୁଲ୍ଲାହୁ ଅହ୍‌ସନୁଲ୍ ଜଯା । ଏବେ ସେହି ନାମଗୁଡିକ ଦୂରରୁ ପଢାଯାଇପାରୁଛି ଏବଂ ତାହା ପଢୁଥିବା ଲୋକମାନେ ଦାତାମାନଙ୍କ ପାଇଁ ଦୁଆ ମଧ୍ୟ କରୁଛନ୍ତି । ଅଲ୍‌ହମ୍‌ଦୁ ଲିଲ୍ଲାହ ଆଲା ଜାଳିକା ।

ଏବେ ଯେଉଁ ୩୦୬ ଜଣ ସୌଭାଗ୍ୟଶାଳୀ ଦାତାମାନଙ୍କ ନାମ "ମନାରତୁଲ୍ ମସିହ" କାଦିଆନ୍‌ରେ ଖୋଦିତ ହୋଇ ରହିଛି, ତାହା ନିମ୍ନରେ ଦିଆଗଲା ।

(୧) ହଜ୍‌ରତ୍ ମିର୍ଜା ଗୁଲାମ ଅହମଦ୍ ମସିହ୍ ମଉଦ୍ ଓ୍ୱ ମେହେଦୀ ମସ୍‌ଉଦ୍ ଆ:ସ

(୨) ହଜ୍‌ରତ୍ ମୌଲବୀ ନୁରୁଦ୍ଧିନ୍ ଖଲିଫତୁଲ୍ ମସିହ ପ୍ରଥମ ର:ଅ

(୩) ହଜ୍‌ରତ୍ ମିର୍ଜା ବଶିରୁଦ୍ଧିନ୍ ମେହ୍‌ମୁଦ୍ ଅହମଦ୍ ଖଲିଫତୁଲ୍ ମସିହ୍ ୨ୟ ଅ:ବ:ଅ

(୪) ହଜ୍‌ରତ୍ ନୁସ୍‌ରତ୍ ଜାହାଁ ବେଗମ୍ ଉମ୍ମୁଲ୍ ମୁମିନିନ୍

(୫) ହଜ୍‌ରତ୍ ମିର୍ଜା ବଶିର୍ ଅହମଦ୍ ଏମ୍.ଏ

(୬) ହଜ୍‌ରତ୍ ନଓ୍ୱାବ୍ ମୁହମ୍ମଦ୍ ଅଲୀ ଖାନ୍ ରଇସ୍ ମାଲେର କୋଟଲା

(୭) ଡ଼ାଃ ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସିଭିଲ୍ ସର୍ଜନ କାଦିଆନ

(୮) ହାଫିଜ୍ ରୌଶନ୍ ଅଲୀ ର:ଅ

(୯) ମୌଲବୀ ଜୁଲ୍‌ଫିକାର ଅଲୀ ଖାନ୍ ଗୌହର ରାମ୍‌ପୁରୀ ମୁହାଜିର୍ କାଦିଆନ୍

(୧୦) ମୁହମ୍ମଦ୍ ହୟାତ୍ ଖାନ୍ ପେନ୍‌ଶନ୍‌ର ହାଫଜାବାଦ୍

(୧୧) ମୌଲବୀ ଗୁଲାମ ଅକବର୍ ଖାନ୍ ନଓ୍ୱାବ ଅକବର ୟାର ଜଙ୍ଗ୍ ହାଇଦ୍ରାବାଦ୍ ଦକ୍ଷିଣ

(୧୨) ବାବୁ ମୁହମ୍ମଦ୍ ଅଫଜଲ୍ ସୁପରିଟେଣ୍ଡେଂଟ ଦଫଦର୍ ରେଜିଡ଼େଂଟ ଓ୍ୱଜରିସ୍ତାନ

(୧୩) ଖାନ୍‌ବାହାଦୂର୍ ମୁହମ୍ମଦ୍ ଅଲୀ ଖାନ୍ ନେଗଶ୍ ପଲିଟିକାଲ୍ ଅଫିସର୍ କୁହାଟ

(୧୪) ଖାନ୍ ସାହେବ ଚୌଧୁରୀ ନେମ୍‌ତୁଲ୍ଲାଃ ଖାନ୍ ସବ୍ ଜଜ୍ ବେଗମ୍‌ପୁର

(୧୫) ରଶିଦାଃ ବେଗମ୍ ପତ୍ନୀ ଚୌଧୁରୀ ଜଫ୍‌ରୁଲ୍ଲାଃ ଖାନ୍ ବାରିଷ୍ଟରିୟଟ୍ ଲାହୋର୍

(୧୬) ଭାଇ ମୁହମ୍ମଦ୍ ଅଫଜଲ୍ ଖାନ୍ ଅଫ୍‌ଗାନ୍ ଗୁଲ୍‌ଜଇ ଡ଼େରା ଗାଜିଖାନ୍

(୧୭) ଦୌଲତ୍ ଖାତୁନ୍ ପତ୍ନୀ ଭାଇ ମୁହମ୍ମଦ୍ ଅଫଜଲ୍ ଖାନ୍ ଗୁଲଜଇ ଡ଼େରା ଗାଜିଖାନ୍

(୧୮) ଅଲ୍‌ତାଫ୍ ମୁହମ୍ମଦ୍ ଖାନ୍ ସୁପୁତ୍ର ଭାଇ ମୁହମ୍ମଦ୍ ଅଫଜଲ୍ ଖାନ୍ ଗୁଲଜଇ ଡ଼େରା ଗାଜିଖାନ୍

(୧୯) କୁରେଶି ମୁଖ୍‌ତାର ଅହ୍‌ମଦ୍ ସୁପରିଟେଣ୍ଡେଂଟ ମୁନିସ୍‌ପାଲ୍ ଏଜୁକେଶନ୍ ଦିଲ୍ଲୀ

(୨୦) ମରୀୟମ୍ ସିଦ୍ଧିକା ପତ୍ନୀ ବାବୁ ମୁହମ୍ମଦ୍ ଶଫିଇ ନୌଶେହରା ଜିଲ୍ଲା ସିଆଲ୍‌କୋଟ୍

(୨୧) କାଜି ସୟଦ୍ ଅମୀର୍ ହୁସୈନ୍ କାଦିଆନ୍

(୨୨) ମୌଲବୀ ମୁହମ୍ମଦ୍ ସଇଦ୍ ହାଇଦ୍ରାବାଦ ଦକ୍ଷିଣ

(୨୩) ମୁନ୍‌ଶି ଶାଦିଖାନ୍ କାଦିଆନ୍

(୨୪) ମୌଲବୀ ମୁହମ୍ମଦ୍ ଅଲୀ ଏମ୍.ଏ.ଏଲ୍.ଏଲ୍.ବି

(୨୫) ଶେଖ୍ ନିୟାଜ୍ ଅହମ୍ମଦ୍ ତାଜିର୍ ଓ୍ୱାଜିରାବାଦ୍

(୨୬) ମୁନ୍‌ଶି ଅବ୍‌ଦୁଲ୍ ଅଜିଜ୍ ପଟଓ୍ୱାରୀ କାଦିଆନ୍

(୨୭) ହାଜି ସେଠ୍ ଅବ୍‌ଦୁଲ୍ ରହମାନ୍ ସୌଦାଗର୍ ମାଡ୍ରାସ୍

(୨୮) ସେଠ୍ ଅଲୀ ମୁହମ୍ମଦ୍ ସୌଦାଗର ବ୍ୟାଙ୍ଗ୍‌ଲୋର

(୨୯) ହାଜି ସେଠ୍ ସ୍ୱାଲେହ୍ ମୁହମ୍ମଦ୍ ସୌଦାଗର ମାଡ୍ରାସ୍

(୩୦) ସେଠ୍ ଅହମ୍ମଦ୍ ସୌଦାଗର ମାଡ୍ରାସ୍

(୩୧) ସେଠ୍ ଓ୍ୱାଲ୍‌ଜି ଲାଲ୍‌ଜି ସୌଦାଗର୍ ମାଡ୍ରାସ

(୩୨) ମୌଲବୀ ଜହୁର୍ ଅଲୀ ଓ୍ୱକିଲ୍ ହାଇଦ୍ରାବାଦ୍ ଦକ୍ଷିଣ

(୩୩) ମୀର୍ ହାମିଦ୍ ଶାହ୍ ସିଆଲ୍‌କୋଟ

(୩୪) ନଓ୍ୱାବ୍ ସୟଦ୍ ମୁହମ୍ମଦ୍ ରଜଓ୍ୱି ବମ୍ବେ

(୩୫) ମୁଫତି ମୁହମ୍ମଦ୍ ସାଦିକ୍ କାଦିଆନ୍

(୩୬) ମିସ୍ତ୍ରୀ ଅହମଦ୍ ଦୀନ୍ ଭେରାଃ

(୩୭) ଡ଼ାଃ. ଖଲିଫା ରଶିଦୁଦ୍ଦିନ୍ କାଦିଆନ୍

(୩୮) ଖଲିଫା ନୁରୁଦ୍ଧିନ୍ ଯମ୍ମୁ

(୩୯) ହାଫିଜ୍ ମୁହମ୍ମଦ୍ ଇସ୍‌ହାକ୍ ହାଇଦ୍ରାବାଦ୍

(୪୦) ସୟଦ୍ ନାସିର୍ ଶାହ୍ କାଦିଆନ୍

(୪୧) ସୟଦ୍ ଫଜଲ୍ ଶାହ୍ କାଦିଆନ୍

(୪୨) ସୟଦ୍ ଗୁଲାମ୍ ଗୌସ୍ କାଦିଆନ୍

(୪୩) ଡ଼ାଃ. ରହମତ୍ ଅଲୀ ଆଫ୍ରିକା

(୪୪) ବାବୁ ମୁହମ୍ମଦ୍ ଅଫଜଲ୍ ଏଡ଼ିଟର୍ ଅଖ୍‌ବାର୍ ବଦର୍

(୪୫) ଡ଼ାଃ. ମୁହମ୍ମଦ୍ ଇସ୍‌ମାଇଲ୍ ଖାନ୍ ଗଡ଼୍‌ୟାନୀ

(୪୬) ପୀର୍ ବର୍‌କତ୍ ଅଲୀ ରନ୍‌ମଲ୍

(୪୭) ଶେଖ୍ ଗୁଲାମ୍ ନବୀ ସେଠି କାଦିଆନ୍

(୪୮) ମୌଲବୀ ଶେର୍ ଅଲୀ ବି.ଏ କାଦିଆନ୍

(୪୯) ମୌଲବୀ ଅବ୍‌ଦୁଲ୍ଲାଃ ସନ୍‌ଓ୍ୱରୀ

(୫୦) ମିଆଁ ରହ୍‌ମତୁଲ୍ଲାଃ ସନ୍‌ଓ୍ୱରୀ

(୫୧) ମିଆଁ ଅବ୍‌ଦୁର୍ ରହିମ୍ ସନ୍‌ଓ୍ୱରୀ

(୫୨) ମିଆଁ ହବିବୁଲ୍ଲାଃ ସନ୍‌ଓ୍ୱରୀ

(୫୩) ସୁଫି ଅବଦୁଲ୍ କଦିର ବି.ଏ ସନ୍‌ଓ୍ୱରୀ

(୫୪) ମାଷ୍ଟର କାଦିର ବଖଶ ଲୁଧିୟାନା

(୫୫) ମୌଲବୀ ଅବ୍‌ଦୁର୍ ରହିମ୍ ଦରଦ୍ ଏମ୍.ଏ କାଦିଆନା

(୫୬) ବାବୁ ଗୁଲାବ ଖାନ୍ ପେନ୍‌ଶନ୍‌ର ସିଆଲ୍‌କୋଟ

(୫୭) ମିଆଁ ମହମ୍ମଦ୍ ଦୀନ୍ ଜିଲ୍‌ଦସାଜ୍ ସିଆଲ୍‌କୋଟ

(୫୮) ମାଷ୍ଟର କମ୍‌ରୁଦ୍ଧିନ୍ ଲୁଧିୟାନା

(୫୯) ମୌଲବୀ ଅବ୍‌ଦୁଲ୍ କାଦିର ମନ୍‌ସୁରାଁ ଜିଲ୍ଲା ଲୁଧିୟାନା

(୬୦) ମୁନ୍‌ଶି ମୁହମ୍ମଦ୍ ଅକ୍‌ବର ଠେକାଦାର୍ ବଟାଲା

(୬୧) ହକିମ୍ ମୁହମ୍ମଦ୍ ହୁସୈନ୍ କୁରୈଶି ଲାହୋର୍

(୬୨) ମୁନ୍‌ଶି ମୁହମ୍ମଦ୍ ଜାନ୍ ଅଓଜଲା

(୬୩) ଚୌଧୁରୀ ହାକିମ୍ ଅଲୀ କାଦିଆନ୍

(୬୪) ମିଆଁ ମହମ୍ମଦ୍ ସିଦ୍ଧିକ୍ ସିଖ୍‌ଓ୍ୱାଁ

(୬୫) ମିଆଁ ଇମାମୁଦ୍ଧିନ୍ ସିଖ୍‌ଓ୍ୱାଁ

(୬୬) ମିଆଁ ଜମାଲୁଦ୍ଧିନ୍ ସିଖ୍‌ଓ୍ୱାଁ

(୬୭) ମୌଲବୀ ଗୁଲାମ୍ ଇମାମ୍ ଶାହ୍‌ଜାହାନ୍‌ପୁରୀ

(୬୮) ମିଆଁ ଖୈରୁଦ୍ଧିନ୍ ସିଖୁଓ୍ୱା

(୬୯) ସୁଫି ନବୀ ବଖଶ୍ କ୍ଲର୍କ ମୁମ୍ବାସା

(୭୦) ଶେଖ୍ ଅବ୍‌ଦୁର୍ ରହମାନ୍ କ୍ଲର୍କ ମୁମ୍ବାସା

(୭୧) ଶେଖ୍ ମହମ୍ମଦ୍ କରମ୍ ଇଲାହୀ ଓ୍ୱକିଲ୍ ପଟିୟାଲା

(୭୨) ବାବୁ ରୌଶନ୍ ଦୀନ୍ ପେନ୍‌ଶନରର ସିଆଲ୍‌କୋଟ

(୭୩) ବାବୁ ଶାହ ଦୀନ୍ ଷ୍ଟେଶନ୍ ମାଷ୍ଟର ଡ଼ୋମିଲି

(୭୪) ହାଜି ମୁଲାଁ ଇମାମ୍ ବଖ୍‌ଶ୍

(୭୫) ସେଠ୍ ମୁସା ବିନ୍ ଉସ୍‌ମାନ୍ ଜାମ୍‌ନଗର

(୭୬) ଡ଼ାଃ. ରାମାନନ୍ଦ ଜିଲ୍ଲା ଗଢଓ୍ୱାଲ୍

(୭୭) ଶେଖ୍ ୟାକୁବ୍ ଅଲୀ ଏଡିଟର ଅଖ୍‌ବାର ଅଲ୍‌ହକମ୍ କାଦିଆନ୍

(୭୮) ପତ୍ନୀ ଶେଖ୍ ୟାକୁବ୍ ଅଲୀ

(୭୯) ମେହମୁଦାଃ ସୁପୁତ୍ରୀ ଶେଖ୍ ୟାକୁବ୍ ଅଲୀ

(୮୦) ଶେଖ୍ ଗୁଲାମ୍ ଗୌସ୍ ଭାଇଶେଖ୍ ୟାକୁବ୍ ଅଲୀ

(୮୧) ହାଜି ଗୁଲମ୍ ଅହମ୍ମଦ୍ କର୍‌ୟାମ୍

(୮୨) ମୁନ୍‌ଶି ହବିବୁର୍ ରହମାନ୍ ହାଜିପୁରାଃ

(୮୩) କାଜି ମୀର୍ ହସନ୍ ଅଲୀପୁର  ମୁଲ୍ତାନ୍
(୮୪) ମୌଲବୀ ଉମର୍‌ଦୀନ୍ ସରିହ୍
(୮୫) ପତ୍ନୀ ମୌଲବୀ ଉମର୍‌ଦୀନ୍ ସରିହ୍
(୮୬) ବାବୁ ଜମାଲୁଦ୍ଦୀନ୍ ଗୁଜ୍‌ରାଁୱାଲା
(୮୭) ମୌଲବୀ ଅହମଦ୍ ଶେର୍‌ଖାନ୍ ହାଇଦ୍ରାବାଦ୍ ଦକ୍ଷିଣ
(୮୮) ସେଠ୍ ଶେଖ୍ ହସନ୍ ୟାଦ୍‌ଗୀର୍
(୮୯) ମୁନ୍‌ଶି ନାଦିର୍‌ଖାନ୍ ସରକାଲି ଜିଲ୍ଲା ଝେଲମ୍
(୯୦) ନାଦିର୍ ଖାନ୍ ସରକାଲି ଜିଲ୍ଲା ଝେଲମ୍
(୯୧) ମିର୍ଜା ମୁହମ୍ମଦ୍ ସାଦିକ୍ ଲାହୋର
(୯୨) ହକିମ୍ ଫଜଲଦୀନ୍ ଭେରୱି କାଦିଆନା
(୯୩) ମୁନ୍‌ଶି ରୁସତମ୍ ଅଲୀ କୋର୍ଟ ଇନ୍‌ସ୍‌ପେକ୍ଟର
(୯୪) ମିଆଁ ନବୀ ବଖ୍‌ଶ ସୌଦାଗର ପଶ୍‌ମିନା ଅମୃତସର
(୯୫) ମିଆଁ ଚରାଗ୍‌ଦୀନ୍ ଲାହୋର୍
(୯୬) ମୌଲବୀ ଗୁଲାମ୍ ହୁସୈନ୍ ପେଶାୱର୍
(୯୭) ଶେଖ୍ ରହମତୁଲ୍ଲାଃ ତାଜିର୍ ଲାହୋର
(୯୮) ଶେଖ୍ ଅବ୍‌ଦୁଲ୍ ରହମାନ୍ ପେନ୍‌ଶନର୍ ଇ.ଏ.ସି ଲାହୋର
(୯୯) ମାଷ୍ଟର ଗୁଲାମ୍ ମୁହମ୍ମଦ୍ ବି.ଏ ସିଆଲ୍‌କୋଟ୍
(୧୦୦) ଶେଖ୍ ଫଜଲ ହକ୍ ବଟାଲା
(୧୦୧) ଶେଖ୍ ମୌଲା ବଖଶ୍ ବୋଟ୍ ମରଚାଂଟ ସିଆଲକୋଟ
(୧୦୨) ମୁନ୍‌ଶି ଅଲ୍ଲାଦାତା ମ୍ୟାନେଜର ସିଆଲ୍‌କୋଟ
(୧୦୩) ଶେଖ୍ ଗୁଲାମ୍ ହୈଦର ଡ଼େପୁଟି ଇନିସ୍‌ପେକ୍ଟର ପୋଲିସ୍ ସିଆଲ୍‌କୋଟ୍
(୧୦୪) ମୌଲବୀ ଅଜିଜ୍ ବଖଶ୍ ବି.ଏ
(୧୦୫) ମାଷ୍ଟର ମୁହମ୍ମଦ୍ ଇସ୍‌ମାଇଲ୍ ଟେଲର୍ ମାଷ୍ଟର ସିଆଲ୍‌କୋଟ
(୧୦୬) ଶେଖ୍ ମୁହମ୍ମଦ୍ ଜାନ୍ ସୌଦାଗର୍ ୱାଜିରାବାଦ
(୧୦୭) ହକିମ୍ ମିର୍ଜା ଖୁଦା ବଖଶ୍ ଲାହୋର୍
(୧୦୮) ମୁନ୍‌ଶି ମେହର୍ ଦୀନ୍ ପଟ୍‌ୱାରୀ କୋହଲିୟାଁ ତହସିଲ୍ ଶକର୍‌ଗଢ୍
(୧୦୯) ମୁନ୍‌ଶି ମୁହମ୍ମଦ୍ କାସିମ୍ ଲାଲା ମୁସା
(୧୧୦) ହାଜି ମୁଫ୍‌ତି ଗୁଲ୍‌ଜାର୍ ମୁହମ୍ମଦ୍ ବଟାଲା
(୧୧୧) ମିର୍ଜା ହୁସୈନ୍ ବେଗ୍ ଖର୍‌କା ଜିଲ୍ଲା ଗୁଜ୍‌ରାତ୍
(୧୧୨) ସୁଫି ମୁହମ୍ମଦ୍ ୟାକୁବ୍ ନମ୍ବରଦାର୍ କେଡି ଅଫ୍‌ଗାନାଁ
(୧୧୩) ବାବୁ ଫଖ୍‌ରୁଦ୍ଦିନ୍ କ୍ଲର୍କ ଜିସପ୍ଲାଇ ଡ଼ିପୁ
(୧୧୪) ଡ଼ାଃ. ଅତାଉଲ୍ଲାଃ ଖାନ୍ ଧରମ୍‌କୋଟ୍ ବଘିୟା
(୧୧୫) ବାବୁ ନିଜାମୁଦ୍ଦିନ୍ ମାହଲ୍‌ପୁର୍
(୧୧୬) ମାଷ୍ଟର ଅବ୍‌ଦୁଲ୍ ଅଜିଜ୍ ଟେଲର୍ ମାଷ୍ଟର ସିଆଲ୍‌କୋଟ୍
(୧୧୭) ବାବୁ ମୁହମ୍ମଦ୍ ୱଜିର୍ ଖାନ୍ ସବ୍ ଓଭରସିୟର କାଦିଆନ୍
(୧୧୮) ମୌଲବୀ କୁଦ୍‌ରତୁଲାଃ ସାହେବ ସନ୍‌ୱରୀ
(୧୧୯) ମିଆଁ ଅଲ୍ଲାଃଦୀନ୍ ଟେକ୍‌ରିଆନ୍ ଜିଲ୍ଲା ରାଓଲପେଣ୍ଡି
(୧୨୦) ରାଜା ଅଲ୍ଲୀ ମୁହମ୍ମଦ ଇ.ଏ.ସି ଛୁମ୍ବି ଜିଲ୍ଲା ଝେଲମ୍
(୧୨୧) ଖାନ୍ ବାହାଦୁର ଶେଖ୍ ମୁହମ୍ମଦ୍ ହୁସୈନ୍ ପେନ୍‌ଶନର ଜଜ୍ ଅଲୀଗଢ
(୧୨୨) ଡ଼ାଃ. ସୟଦ୍ ୱିଲାୟତ୍ ଶାହ୍ ଆଫ୍ରିକା କାଦିଆନ୍
(୧୨୩) ମୁନଶି ଗୌହର୍ ଅଲୀ କୋଟ୍‌ଲା ଆଫ୍‌ଗାନାଁ
(୧୨୪) ଶେଖ୍ ମୁସ୍ତାକ ହୁସୈନ୍ ଗୁଜ୍‌ରାଁୱାଲା
(୧୨୫) ଖାନ୍ ସାହେବ ମୁନ୍‌ଶି ଫର୍‌ଜନ୍ଦ୍ ଅଲୀ କାଦିଆନା
(୧୨୬) ଖଦିଜା ବେଗମ୍ ପତ୍ନୀ ମୁନଶି ଫରଜନ୍ଦ୍ ଅଲୀ କାଦିଆନା
(୧୨୭) ଅମୁତୁଲ୍ଲାଃ ବେଗମ୍ ପତ୍ନୀ ମୁନଶି ଫରଜନ୍ଦ୍ ଅଲୀ କାଦିଆନା
(୧୨୮) ଡ଼ାଃ. ସୟଦ୍ ଅବଦୁସ୍ ସତାର୍ ଶାହ କାଦିଆନ୍
(୧୨୯) ସୟଦାଃ ସଇଦତୁନ୍ ନିସା ପତ୍ନୀ ଅବ୍‌ଦୁସ୍ ସତାର୍ ଶାହ୍ କାଦିଆନ୍
(୧୩୦) ଡ଼ାଃ. ହଶମ୍‌ତୁଲ୍ଲାଃ କାଦିଆନ୍
(୧୩୧) ଖାନ୍ ସାହେବ ମୁନ୍‌ଶି ବର୍‌କତ୍ ଅଲୀ ଶିମ୍‌ଲା
(୧୩୨) ମୌଲବୀ ଅବ୍‌ଦୁଲ୍ ରହିମ୍ ନୟର କାଦିଆନ
(୧୩୩) ଯମାତ୍ ଅହେମଦୀୟ ଲେଗୋସ୍ କାଦିଆନ
(୧୩୪) ମୌଲବୀ ଆଲମ୍‌ଗୀର୍ ଖାନ୍ ଗମ୍ବଟ୍ ସିନ୍ଧ
(୧୩୫) ମିସ୍ତ୍ରୀ ଅଲୀ ବଖ୍‌ଶ୍ ଫରିଦ୍‌କୋଟ୍
(୧୩୬) ପତ୍ନୀ ମିସ୍ତ୍ରୀ ଅଲୀ ବଖ୍‌ଶ୍ ଫରିଦ୍‌କୋଟ
(୧୩୭) ଡ଼ାଃ ଯମାଦାର୍ ଅବ୍‌ଦୁଲ୍ କରିମ୍ ଗଜରୱାଲ୍ ଜିଲ୍ଲା ଲୁଧିଆନା
(୧୩୮) ଶେଖ୍ ଅଲୀ ଅଜ୍‌ଫର
(୧୩୯) ମୁନ୍‌ସୀ ମହମ୍ମଦ୍ ଦୀନ୍ ଖାରିୟାଁ
(୧୪୦) ମିଆଁ ଗୁଲାମ୍ ନବୀ ମାହିଲ୍‌ପୁର
(୧୪୧) ଶେଖ୍ ଫଜଲ୍ ଅହମଦ୍ ବଟାଲା
(୧୪୨) ପତ୍ନୀ ଶେଖ୍ ଫଜଲ୍ ଅହମଦ୍ ବଟାଲା
(୧୪୩) ଡ଼ାଃ ସୟଦ୍ ମହମ୍ମଦ ହୁସୈନ୍ ଶାହ୍ ଧରମକୋଟ ରନ୍ଧାୱା
(୧୪୪) ବଚଗାନ୍ (ସନ୍ତାନଗଣ) ଡ଼ାଃ ସୟଦ ମୁହମ୍ମଦ ହୁସୈନ୍ ଶାହ୍
(୧୪୫) ଡ଼ାଃ ଫଜଲ ଦୀନ୍  ଭେଟନାରୀ ଅସିଷ୍ଟାଂଟ କାଦିଆନ୍
(୧୪୬) ପତ୍ନୀ ଡ଼ାଃ ଫଜଲ ଦୀନ୍ ଭେଟନାରୀ ଆସିଷ୍ଟାଂଟ କାଦିଆନ୍
(୧୪୭) ବଚଗାନ୍ (ସନ୍ତାନମାନେ) ଡ଼ାଃ ଫଜଲଦୀନ ଭେଟନାରୀ ଆସିଷ୍ଟାଂଟ କାଦିଆନ
(୧୪୮) ଶେଖ୍ ଅହମଦୁଲ୍ଲାଃ ନୈଶେହରା ଛାଉଣୀ
(୧୪୯) କାଜି ଅବ୍‌ଦୁଲ୍ଲାଃ ବି.ଏ କାଦିଆନ
(୧୫୦) ସୁଫି ମୁହମ୍ମଦ ଅଲୀ ଜନ୍‌ୟୁଆ ଜଲାଲ୍‌ପୁର ଜଟାଁ
(୧୫୧) ବାବୁ ମୁହମ୍ମଦ୍ ଅବ୍‌ଦୁଲ୍ଲାଃ କ୍ଲର୍କ ଫିରୋଜପୁର୍
(୧୫୨) ଡ଼ାଃ ଫଜ୍‌ଲେ କରିମ୍ କାଦିଆନ୍
(୧୫୩) ସେଠ୍ ଅବ୍‌ଦୁଲ୍ଲାଃ ଭାଇ ସିକନ୍ଦରାବାଦ୍
(୧୫୪) ପତ୍ନୀ ସେଠ୍ ଅବ୍‌ଦୁଲ୍ଲାଃ ଭାଇ ସିକନ୍ଦରାବାଦ୍
(୧୫୫) ସେଠ୍ ଆଲାଦୀନ୍ ସିକନ୍ଦରାବାଦ୍
(୧୫୬) ବାବୁ ମୁହମ୍ମଦ୍ ଶଫିଇ ସବ୍ ଓଭରସିୟର କାଦିଆନ
(୧୫୭) ମାଷ୍ଟର୍ ମୁହମ୍ମଦ୍ ଦୀନ୍ ବି.ଏ ହେଡ୍‌ମାଷ୍ଟର କାଦିଆନ୍
(୧୫୮) ବଚଗାନ (ପିଲାମାନେ) ମାଷ୍ଟର ମୁହମ୍ମଦ୍ ଦୀନ୍ ବି.ଏ ହେଡ୍‌ମାଷ୍ଟର କାଦିଆନ୍
(୧୫୯) ହାଫିଜ୍ ସୟଦ୍ ଅବ୍‌ଦୁଲ୍ ୱହିଦ୍ ତାଜିର୍ ମନ୍‌ସୁରା
(୧୬୦) ହାଫିଜ୍ ସୟଦ୍ ଅବଦୁଲ୍ ମଜିଦ୍ ତାଜିର୍ ମନ୍‌ସୁରୀ
(୧୬୧) ବାବୁ ଏୟାଜ୍ ହୁସୈନ୍ ଦିଲ୍ଲୀ
(୧୬୨) ଶେଖ୍ ଅବ୍‌ଦୁର୍ ରହମାନ କାଦିଆନ୍
(୧୬୩) ସୁବେଦାର୍ ଗୁଲାମ୍ ହୁସୈନ୍ ଚକ୍  ୧୮୧ ପାକ୍ ପଟନ୍
(୧୬୪) ମାଷ୍ଟର୍ ମୁହମ୍ମଦ୍ ତୁଫୈଲ କାଦିଆନ୍
(୧୬୫) ଡ଼ାଃ ଶାହ୍ ନୱାଜ୍ ସିଆଲ୍‌କୋଟ
(୧୬୬) ପୀର୍ ମନ୍‌ଜୁର୍ ମୁହମ୍ମଦ୍ କାଦିୟାନୀ
(୧୬୭) ମୁନ୍‌ଶି ଗୁଲ୍‌ମୁହମ୍ମଦ୍ ମିସଲ୍‌ଖ୍ୱାନ୍ ତଲାଗଙ୍ଗ୍ ଜିଲ୍ଲା କେମ୍ବଲ୍‌ପୁର୍
(୧୬୮) ଶେଖ୍ ନିୟାଜ୍ ମୁହମ୍ମଦ୍ ସବ୍‌ଇନିସ୍‌ପେକ୍‌ଟର୍ ପୋଲିସ୍ ଗୁଜ୍‌ରାଁୱାଲା
(୧୬୯) ଶେଖ୍ ଗୁଲାମ୍ ହୁସୈନ୍ ଲଧିୟାନୱି ହେଡ୍ ଡ୍ରାଫଟସମ୍ୟାନ୍ ନୂଆଦିଲ୍ଲୀ
(୧୭୦) ସେଠ୍ ଅଲୀ ମୁହମ୍ମୁଦ୍ ଏମ୍.ଏ ସିକନ୍ଦରାବାଦ୍
(୧୭୧) ଫାତିମା ବେଗମ୍ ସୁପୁତ୍ରୀ ସେଠ୍ ଅବ୍‌ଦୁଲ୍ଲା ଭାଇ ସିକନ୍ଦରାବାଦ୍
(୧୭୨) ବାବୁ ଫଜଲଦୀନ୍ ସବ୍ ଓଭରସିୟର ମର୍‌ଦାନ୍
(୧୭୩) ସେଠ୍ ଇସ୍‌ମାଇଲ୍ ଆଦମ୍ ବମ୍ବେ
(୧୭୪) ଡ଼ାଃ ଗୁଲାମ୍ ମୁସ୍ତଫା ଖାରିୟାଁ
(୧୭୫) ସୟଦ୍ ଗୁଲାମ୍ ହୁସୈନ୍ ଡ଼େପୁଟି ସୁପରିଟେଣ୍ଡେଂଟ ଭେଟନାରୀ ଡ଼ିପାର୍ଟମେଂଟ
(୧୭୬) ସୟଦାଃ ଜମିଲା ଖାତୁନ୍ ସୁପୁତ୍ରୀ ସୟଦ୍ ଅହମ୍ମଦ୍ ହସନ୍ ମୋଜଫର୍ ନଗର୍
(୧୭୭) ମାଷ୍ଟର ମୁହମ୍ମୁଦ୍ ଇବ୍ରହିମ୍ ସେକ୍ରେଟାରୀ ନନ୍‌କାନା ସାହେବ
(୧୭୮) ମିଆଁ ମୁହମ୍ମଦ୍ ଶରିଫ୍ ଇ.ଏ.ସି ଲାହୋର୍
(୧୭୯) ଅମତୁର୍ ରହ୍‌ମାନ୍ ସୁପୁତ୍ରୀ କାଜି ଜିଆଉଦ୍ଦିନ୍ ଭେରାଃ
(୧୮୦) ଖାନ୍ ବାହାଦୁର୍ ଚୌଧୁରୀ ମୁହମ୍ମଦ୍ ଦୀନ୍ ରିଟାଏଡ୍ ଡ଼େପୁଟି କମିଶନର
(୧୮୧) ମଲକ ମୌଲା ବଖ୍‌ଶ୍ ଅମୃତସର
(୧୮୨) ବାବୁ ସିରାଜୁଦ୍ଦିନ୍ ଷ୍ଟେସନ୍ ମାଷ୍ଟର
(୧୮୩) କୁରୈଶି ମୁହମ୍ମଦ୍ ଉସ୍‌ମାନ୍ ଇଞ୍ଜିନିୟର୍ କର୍‌ନାଲ୍
(୧୮୪) ମିର୍ଜା ବର୍‌କତ୍ ଅଲୀ ଆବାଦାନ୍
(୧୮୫) ଅମତୁର୍ ରହିମ୍ ଖାନମ୍ ପତ୍ନୀ ମିର୍ଜା ବର୍‌କତ୍ ଅଲୀ
(୧୮୬) ଇବ୍ରାହିମ୍ ୟୁସୁଫ୍ ବର୍‌ଦୋଲି
(୧୮୭) ବାବୁ ଅବ୍‌ଦୁର୍ ରହମାନ୍ ଅମ୍ବାଲା
(୧୮୮) ହାଜି ଶେଖ୍ ମୀରାଁ ବଖ୍‌ଶ୍ ଅମ୍ବାଲା
(୧୮୯) ମିଆଁ ଖୁଦାବଖ୍‌ଶ୍ ହାଣ୍ଡୋ
(୧୯୦) ଚୌଧୁରୀ ସାଦିକ୍ ଅଲୀ ତହସିଲ୍‌ଦାର୍ ବହଲ୍‌ପୁର୍ ଜିଲ୍ଲା ଗୁଜ୍‌ରାତ୍
(୧୯୧) ହକିମ୍ ଫଜ୍‌ଲୁର୍ ରହ୍‌ମାନ୍ ମୁବଲ୍ଲିଗ୍ ଆଫ୍ରିକା
(୧୯୨) ଡ଼ାଃ ମଲକ ମୁହମ୍ମଦ୍ ରମ୍‌ଜାନ୍ ଶ୍ରୀ ଗୋବିନ୍ଦପୁର
(୧୯୩) ଚୌଧୁରୀ ମୁହମ୍ମଦ୍ ଇସ୍‌ମାଇଲ୍ ଇ.ଏ.ସି ଖେୱା ବାଜ୍‌ୱା ଜିଲ୍ଲା ସିଆଲ୍‌କୋଟ
(୧୯୪) ଇ ମଲକ ମୁଜଫର୍‌ପୁର

(୧୯୫) ବାବୁ ଅଲୀ ହସନ୍ ସନ୍ଓ୍ୱରୀ ହେଡ୍ ଡ୍ରାଫଟ୍ସ୍‌ମ୍ୟାନ୍
(୧୯୬) ଫହ୍‌ମିନାଃ ବେଗମ୍ ସୁପୁତ୍ରୀ ମଦଦ୍ ଅଲୀ ଶାହଜାହାନ୍‌ପୁର
(୧୯୭) ପତ୍ନୀ ଚୌଧୁରୀ ମୁବାରକ ଅହମଦ୍ କୁହାଟ୍
(୧୯୮) ଚୌଧୁରୀ ଫତହ୍ ମୁହମ୍ମଦ୍ ସିଆଲ୍ ଏମ୍.ଏ କାଦିଆନ
(୧୯୯) ଡ଼ାଃ. ବଦ୍‌ରୁଦ୍ଦିନ୍ ଅହମ୍ମଦ୍ ଆଫ୍ରିକା
(୨୦୦) ମୌଲବୀ ଅବ୍‌ଦୁଲ୍ ଗଫୁର୍ ମୌଲଓ୍ୱି ଫାଜିଲ୍ କାଦିଆନ
(୨୦୧) ଫାତିମାତୁଲ୍ ଯୋହ୍‌ରା ପତ୍ନୀ ମୌଲବୀ ଅବ୍‌ଦୁଲ୍ ଗଫୁର୍ ମୌଲଓ୍ୱି ଫାଜିଲ୍
(୨୦୨) ସର୍ଦ୍ଦାର ମୁହମ୍ମଦ୍ ଅଲୀ ଯୋଡାଃ କର୍‌ନାନାଃ
(୨୦୩) ପ୍ରଫେସର୍ ମୌଲଓ୍ୱି ଅବ୍‌ଦୁଲ୍ ଲତିଫ୍ ଚଟଗାଙ୍ଗ୍
(୨୦୪) ସୟଦ୍ ମୁହମ୍ମଦ୍ ଲତିଫ୍ ଚକ୍ କାଜିଆଁ ଜିଲ୍ଲା ଗୁର୍‌ଦାସ୍‌ପୁର
(୨୦୫) ରସୁଲ୍ ବିବି ତଲଓ୍ୱଣ୍ଡି ମୁସା
(୨୦୬) ସୟଦ୍ ଅବ୍‌ଦୁଲ୍ ହଲିମ୍ କଟକି
(୨୦୭) ବାବୁ ଓ୍ୱଜିର୍ ମୁହମ୍ମଦ୍ ଲାହୋର୍
(୨୦୮) ମୌଲବୀ ଫଜଲଦୀନ୍ ଓ୍ୱକିଲ୍ କାଦିଆନ
(୨୦୯) ଚୌଧୁରୀ ନୂର ଅହମଦ୍ ଖାନ୍ ମୋହରିର୍ କାଦିଆନ୍
(୨୧୦) ଶେଖ୍ ଅବ୍‌ଦୁଲ୍ ହମିଦ୍ ଶିମ୍‌ଲା
(୨୧୧) ଜୈନବ୍ ବିବି ପତ୍ନୀ ଭାଇ ମହମୁଦ୍ ଅହମଦ୍ କାଦିଆନ
(୨୧୨) ମୌଲବୀ ଅବ୍‌ଦୁଲ୍ ଗନି ଖାନ୍ କାଦିଆନ୍
(୨୧୩) ଗୁଲାମ୍ ମୁହମ୍ମଦ୍ ଓ୍ୱଲଦ୍ ମିଆଁ ମୁରାଦ୍ ବଖ୍ଶ୍ ରାଜ୍‌ପୁତ୍ ସୟଦୁଲା ଜିଲ୍ଲା ଶେଖପୁରା
(୨୧୪) ସୁବେଦାର ମୁହମ୍ମଦ୍ ଅବ୍‌ଦୁଲ୍ଲାଃ ଇଣ୍ଡିଆନ୍ ଆର୍ମି କାଦିଆନ
(୨୧୫) ସୟଦ୍ ଜୈନୁଲ୍ ଆବେଦୀନ୍ ଓ୍ୱଲିଅଲ୍ଲାଃ ଶାହ୍
(୨୧୬) ମିଆଁ ମୁହମ୍ମଦ୍ ଇସ୍‌ମାଇଲ ଚକ୍ ନମ୍ବର୍ ୫୩୭ ମିୟାନ୍ଓ୍ୱାଲି ଜିଲ୍ଲା ଶେଖୋପୁରା
(୨୧୭) ଚୌଧୁରୀ ସୁଲ୍‌ତାନ୍ ଅଲୀ ମଂଘୁଓ୍ୱାଲ୍ ଜିଲ୍ଲା ଗୁଜ୍‌ରାତ୍
(୨୧୮) ମୌଲବୀ ଅବ୍‌ଦୁଲ୍ କରିମ୍ ତହାଲ୍ ଜିଲ୍ଲା ଗୁଜ୍‌ରାତ୍
(୨୧୯) ହାଫିଜ୍ ସୟଦ୍ ଅବଦୁଲ୍ ହମିଦ୍ ମନ୍‌ସୁରୀ
(୨୨୦) ମୁହମ୍ମଦ୍ ମଦଦ୍ ଅଲୀ ଇନିସ୍‌ପେକ୍ଟର ଅଫ୍ ଓ୍ୱାର୍କସ୍ ରେଲଓ୍ୱେ
ଖାନ୍‌ପୁର ରିୟାସତ୍ ବହାଓ୍ୱାଲ୍‌ପୁର
(୨୨୧) ମୌଲବୀ ମୁହମ୍ମଦ୍ ଅଲୀ ବଦୁମଲହୁଇ କାଦିଆନ୍
(୨୨୨) ଚୌଧୁରୀ ଅବ୍‌ଦୁଲ୍ ଓ୍ୱାହିଦ୍ ନେରୋବି
(୨୨୩) ମାଷ୍ଟର ଅବଦୁଲ୍ ଅଜିଜ୍ ପେନ୍‌ଶନର ନୈଶେହରା
ତହସିଲ୍ ପସ୍‌ରୁର୍ ଜିଲ୍ଲା ସିଆଲକୋଟ୍
(୨୨୪) ଫାତିମା ବିବି ପତ୍ନୀ ମାଷ୍ଟର ଅବଦୁଲ୍ ଅଜିଜ୍ ପେନ୍‌ଶନର
ନୈଶେହରା ତହସିଲ୍ ପସ୍‌ରୁର୍ ଜିଲ୍ଲା ସିଆଲ୍‌କୋଟ୍
(୨୨୫) ଅଖତର୍ ବେଗମ୍ ଉର୍ଫ ଫର୍ଖନ୍ଦା ଅଖ୍‌ତର୍ ସୁପୁତ୍ରୀ ମାଷ୍ଟର ଅବଦୁଲ୍ ଅଜିଜ୍
ପେନ୍‌ଶନର ନୈଶେହରା ତହସିଲ୍ ପସ୍‌ରୁର୍ ଜିଲ୍ଲା ସିଆଲ୍‌କୋଟ୍
(୨୨୬) ଶେଖ୍ ଅବଦୁଲ୍ ରଶିଦ୍ ସଦର୍ ବାଜାର୍ ମେରଠ୍
(୨୨୭) ଡ଼ାଃ. ଶେର୍ ମୁହମ୍ମଦ୍ ହାଲି ସିଆଲ୍‌କୋଟ୍
(୨୨୮) ଶେଖ ଅବ୍‌ଦୁଲ୍ ଗନି ଗଡ଼ସ୍ କ୍ଲର୍କ ପେଶାଓ୍ୱର
(୨୨୯) ଡ଼ାଃ. ଗୁଲାମ୍ ଅଲୀ ସବ୍ ଆସିଷ୍ଟାଂଟ୍ ସର୍ଜନ ଛୋହର୍ ୧୧୭ ଜିଲ୍ଲା ଶେଖୋପୁରା
(୨୩୦) ଜୈନବ୍ ବେଗମ୍ ପତ୍ନୀ ଡ଼ାଃ. ଗୁଲାମ ଅଲୀ ସବ୍ ଆସିଷ୍ଟାଂଟ୍
ସର୍ଜନ ଛୋହର୍ ୧୧୭ ଜିଲ୍ଲା ଶେଖୋପୁରା
(୨୩୧) ସର୍ଦ୍ଦାର ଅବଦୁର୍ ରହ୍‌ମାନ୍ ବି.ଏ ନୌ ମୁସ୍‌ଲିମ୍ କାଦିଆନ
(୨୩୨) ଗୁଲାମ୍ ଫାତିମା ପତ୍ନୀ ସର୍ଦ୍ଦାର ଅବଦୁର୍ ରହ୍‌ମାନ୍ ବି.ଏ
ନୌ ମୁସ୍‌ଲିମ୍ କାଦିଆନ
(୨୩୩) ଅଜିଜ୍ ବିବି ପତ୍ନୀ ବାବୁ ଗୁଲାମ୍ ରସୁଲ୍ ଠେକାଦାର୍ କାଦିଆନ
(୨୩୪) ଚୌଧୁରୀ ନଜିର୍ ଅହମଦ୍ ତାଲିବ୍‌ପୁର୍ ଭଙ୍ଗଓ୍ୱାଁ ଜିଲ୍ଲା ଗୁର୍‌ଦାସ୍‌ପୁର୍
(୨୩୫) ମାଷ୍ଟର ମୌଲା ବଖ୍ଶ୍ କାଦିଆନ୍
(୨୩୬) ରହ୍‌ମତ୍ ବିବି ପତ୍ନୀ ମାଷ୍ଟର ମୌଲା ବଖ୍ଶ୍ କାଦିଆନ୍
(୨୩୭) ଚୌଧୁରୀ ଆଜମ୍ ଅଲୀ ସବ୍ ଜଜ୍ କର୍‌ତୁ ଜିଲ୍ଲା ଶେଖୋପୁରା
(୨୩୮) ନେମତ୍ ବିବି ପତ୍ନୀ ଚୌଧୁରୀ ନୂର ଅହ୍‌ମଦ୍ ଖାନ୍ କାଦିଆନ୍
(୨୩୯) ସିରାଜ୍ ବେଗମ୍ ପତ୍ନୀ ଡ଼ାଃ. ବଦ୍‌ରୁଦ୍ଦିନ୍ କାଦିଆନ
(୨୪୦) ସୁଫି କରମ୍ ଇଲାଲୀ କମ୍ପୋଜିଟର୍ ଶିମ୍‌ଲା ଆଲାଦୀନ୍
ଗଭର୍ନମେଂଟ ପ୍ରେସ୍ ଶିମ୍‌ଲା
(୨୪୧) ସେଠ୍ ଅବୁ ବକର୍ ୟୁସୁଫ୍ (ଜଦାଃ) କାଦିଆନ୍
(୨୪୨) ସେଠ୍ ମୁହମ୍ମଦ୍ ଗୌସ୍ ହାଇଦ୍ରାବାଦ୍ ଦକ୍ଷିଣ
(୨୪୩) ହଲିମା ବେଗମ୍ ପତ୍ନୀ ସେଠ୍ ମୁହମ୍ମଦ୍ ଗୌସ୍ ହାଇଦ୍ରାବାଦ୍ ଦକ୍ଷିଣ
(୨୪୪) ହୁସୈନ୍ ବିବି ମାତା ଅନ୍‌ରେବଲ୍ ସର୍ ଚୌଧୁରୀ ମୁହମ୍ମଦ୍ ଜଫରୁଲ୍ଲାଃ ଖାନ୍
ଡ଼ସକା ଜିଲ୍ଲା ସିଆଲ୍‌କୋଟ
(୨୪୫) ହକିମ୍ ମୁହମ୍ମଦ୍ ଉମର୍ କାଦିଆନ୍
(୨୪୬) ବାବୁ ମୁହମ୍ମଦ୍ ଫାଜିଲ୍ ସବ୍ ଓଭର୍‌ସିଅର୍ ଫିରୋଜ୍‌ପୁର୍
(୨୪୭) ଜୈନବ୍ ବିବି ପତ୍ନୀ ବାବୁ ମୁହମ୍ମଦ୍ ଫାଜିଲ୍ ସବ୍ ଓଭର୍‌ସିଅର୍ ଫିରୋଜ୍‌ପୁର
(୨୪୮) ଚୌଧୁରୀ ଗୁଲାମ୍ ଅହମ୍ମଦ୍ ଖାନ୍ ରାଜ୍‌ପୁତ୍ ସଟ୍‌ରୁଆ
ଜିଲ୍ଲା ହୁଶ୍ୟାର୍‌ପୁର ଆଡ୍‌ଭୋକେଟ୍ ହାଇକୋର୍ଟ ଲାହୋର୍
(୨୪୯) ମଲକ୍ ଇମାମୁଦ୍ଦିନ ଓ୍ୱଲଦ୍ ମଲକ୍ ଗୁଲାବଦ୍ଦିନ୍ ସକ୍‌ନା
ସମ୍‌ବଟରୟାଲ୍ ଜିଲ୍ଲା ସିଆଲ୍‌କୋଟ୍
(୨୫୦) ମଲକ୍ ଉମର୍ ଅଲୀ ଓ୍ୱଲଦ୍ ମଲକ ରହିମ୍ ବଖ୍ଶ୍ ଖୋଖର ରଇସ୍ ମୁଲ୍‌ତାନ୍
(୨୫୧) ମାଷ୍ଟର ଖୈରୁଦ୍ଦିନ୍ ସୁପରିଟେଂଡେଂଟ ଉର୍ଦ୍ଦୁ ନର୍ମାଲ ସ୍କୁଲ୍ ଅମରାଓ୍ୱତି ବରାର
(୨୫୨) ମୁଜଫର ବେଗମ୍ ସୁପୁତ୍ରୀ ମିର୍ଜା ମୁହମ୍ମଦ୍ ଅଶ୍‌ରଫ୍ ସାବିକ୍ ନାଜିମ୍
ଜାଏଦାଦ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍
(୨୫୩) ହମିଦତୁନ୍ ନିସା ଖାନମ୍ ପତ୍ନୀ ଚୌଧୁରୀ ଅବୁଲ୍ ହାଶିମ୍ ଖାନ୍ ନାଟୁର୍
ଜିଲ୍ଲା ରାଜଶାହି ବଙ୍ଗାଲ୍
(୨୫୪) ମାଷ୍ଟର ଫଜ୍‌ଲେ କରିମ୍ ହେଡ୍‌ମାଷ୍ଟର ରାମ୍‌ଗଡ଼ ସର୍‌ଦାରାଁ ଜିଲ୍ଲା ଲୁଧିୟାନା
(୨୫୫) ହାଫିଜ୍ ଅବ୍‌ଦୁଲ୍ ଅଲୀ ବି.ଏ
ଓ୍ୱଲଦ୍ ନିଜାମୁଦ୍ଦିନ୍ ସକ୍‌ନା ଓରେହ୍‌ମା ଜିଲ୍ଲା ଶାହ୍‌ପୁର୍
(୨୫୬) ଅବ୍‌ଦୁର୍ ରହିମ୍ ଓ୍ୱଲଦ୍ ଶେଖ୍ ମୀର୍ ମୁହମ୍ମଦ
ନୌଶେହ୍‌ରା ଜିଲ୍ଲା ସିଆଲ୍‌କୋଟ
(୨୫୭) ମୁହମ୍ମଦ ଇସ୍‌ମାଇଲ୍ ମୁତବର୍ ସୁପୁତ୍ର ଗୁଲାମ୍ କାଦିର୍ ମଲ୍‌ୟାନୀ କାଦିଆନ୍
(୨୫୮) ଜୈନବ୍ ବେଗମ୍ ପତ୍ନୀ ମେହମୁଦ୍ ହସନ୍ ଆଇ.ସି.ଏସ୍ ସବ୍‌କଲେକ୍ଟର
(୨୫୯) ସୟଦାଃ ନୁସ୍‌ରତ୍ ବାନୁ ପତ୍ନୀ ଡ଼ାଃ ଇତ୍‌ରୁଦ୍ଦିନ୍ ବମ୍ବେ
(୨୬୦) ସର୍‌ଦାର୍ ବେଗମ୍ ନୌ ମୁସ୍‌ଲିମ୍ ଜୌଯା ମଲକ୍
ଫଜଲ୍ ହୁସୈନ୍ ଧାମାଁ ଜିଲ୍ଲା ଗୁଜ୍‌ରାତ୍
(୨୬୧) ଚୌଧୁରୀ ଗୁଲାମ୍ ହସନ୍ ସଫେଦ୍ ପୋଶ୍ ମୁହାଜିର୍
କାଦିଆନ୍ ମହଲା ଦାରୁଲ୍ ଫଜଲ୍ ହସନ୍ ମନ୍‌ଜିଲ୍
(୨୬୨) ଚୌଧୁରୀ ଅଲୀ ଅହ୍‌ମଦ୍ କୋଟ୍ କରମ୍ ବଖ୍ଶ୍ ଜିଲ୍ଲା ସିଆଲ୍‌କୋଟ୍
(୨୬୩) ମହର୍ ଅଲୀ ସବ୍ ଆସିଷ୍ଟାଂଟ ସର୍ଜନ ବସାଲ୍ ରିୟାସତ୍ ବହାଓ୍ୱଲ୍‌ପୁର୍
(୨୬୪) ଡ଼ାଃ ନଜିର୍ ଅହ୍‌ମଦ୍ ଖାନ୍ ଗଗୁ ଡ଼ିସ୍‌ପେନ୍‌ସରୀ
ଜିଲ୍ଲା ମଂଟଗମ୍‌ରି ଷରୁଆ ହୁଶିଆର୍‌ପୁର୍
(୨୬୫) ମଲକ ମୁହମ୍ମଦ ଇସ୍‌ମାଇଲ୍ ଶ୍ରୀ ଗୋବିନ୍ଦପୁରୀ ସୌଦାଗର୍ ମଓ୍ୱେଶି
ଜ୍ୟେଷ୍ଠଭ୍ରାତା ଡ଼ାଃ ମଲକ୍ ମୁହମ୍ମଦ୍ ରିଜ୍‌ଓ୍ୱାନ୍
(୨୬୬) ଡ଼ାଃ ମୁହମ୍ମଦ ଇବ୍ରାହିମ୍ ଖାନ୍ ବସ୍ତି ଦାନିଶ୍‌ମନ୍ଦା ଜଲନ୍ଧର
(୨୬୭) ହାଜି ବକାଉଲ୍ଲାଃ ଆକାଉଂଟ ଅଫିସ୍ ଭୋପାଲ୍
(୨୬୮) ଅଜିଜ୍ ବେଗମ୍ ପତ୍ନୀ ଖାନ୍ ସାହେବ୍ ବର୍‌କତ୍ ଅଲୀ ସକନା ବସ୍ତି ଶେଖ୍
ଜଲନ୍ଧର ନାଜିର୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍
(୨୬୯) ରଜିୟା ବେଗମ୍ ଭଗ୍ନୀ ମୌଲବୀ ମୁହମ୍ମଦ ୟାକୁବ୍
ମୌଲଓ୍ୱି ଫାଜିଲ୍ କାଦିଆନ୍
(୨୭୦) ଅନଓ୍ୱର ବେଗମ୍ ପତ୍ନୀ ମୌଲଓ୍ୱି ମୁହମ୍ମଦ୍ ୟାକୁବ୍
ମୌଲଓ୍ୱି ଫାଜିଲ୍ କାଦିଆନ୍
(୨୭୧) ହିକ୍‌ମତ୍ ବେଗମ୍ ମାତା ଅବ୍‌ଦୁଲ୍ ଗନିଖାନ୍ ନାଜିର୍ ସଦର୍ ଅଞ୍ଜୁମନ୍
ଅହ୍‌ମଦୀୟା ସକନା କାଏମ୍ ଗଞ୍ଜ ଜିଲ୍ଲା ଫରଖାବାଦ୍
(୨୭୨) ଖାନ୍ ଗୁଲାମ୍ ମୁହମ୍ମଦ୍ ଖାନ୍ ଆଇ.ସି.ଏସ୍ ମିଆନ୍ଓ୍ୱାଲି
(୨୭୩) ଚୌଧୁରୀ ଦିଲ୍ ମୁହମ୍ମଦ ମୌଲବୀ ଫାଜିଲ୍ ମୁବଲ୍ଲିଗ୍ କାଦିଆନ୍
(୨୭୪) ମିଆଁ ଅଲ୍ଲାଃଦତା ଓ୍ୱଲଦ୍ ମାହିୟା ସକ୍‌ନା ପଲାହ୍‌ଓ୍ୱାଲା ରିୟାସତ୍ ଜମ୍ମୁ
(୨୭୫) ଚୌଧୁରୀ ନୁରୁଦ୍ଦିନ୍ ଜେଲ୍‌ଦାର୍ ଚକ୍ ୭-୬/୬ ଜିଲ୍ଲା ମଂଟଗମରୀ
(୨୭୬) ଫିରୋଜ ଜରଗର୍ ମରହୁମ୍ ସାକିନ୍ କନ୍ଦି ହାଜି ଖୈଲ୍
ମୌଜା ତହ୍‌କାଲ୍ ବାଲା ଜିଲ୍ଲା ପେଶାଓ୍ୱର୍
(୨୭୭) କାଜି ମୁହମ୍ମଦ୍ ରଶିଦ୍ ଆସିଷ୍ଟେଂଟ ଫିରୋଜପୁର ଆର୍‌ସନଲ୍ ମା ଅହ୍‌ଲିୟା
(୨୭୮) ପୀର୍ ସଲାହୁଦ୍ଦିନ୍ ବି.ଏ. ପ୍ଲେଡ୍‌ର୍ ଫିରୋଜପୁର
(୨୭୯) ଓ୍ୱାଲିଦା ମସ୍‌ଉଦ୍ ଅହ୍‌ମଦ୍ ଅମରତ୍‌ସରୀ
(୨୮୦) ହମ୍‌ଶିରାଃ ମସ୍‌ଉଦ୍ ଅହ୍‌ମଦ୍ ଅମରତ୍‌ସରୀ
(୨୮୧) ସଇଦା ବେଗମ୍ ସୁପୁତ୍ରୀ ସେଠ୍ ମୁହମ୍ମଦ୍ ଗୌସ୍ ହାଇଦ୍ରାବାଦ୍ ଦକ୍ଷିଣ
(୨୮୨) ସଲିମା ବେଗମ୍ ସୁପୁତ୍ରୀ ସେଠ୍ ମୁହମ୍ମଦ୍ ଗୌସ୍ ହାଇଦ୍ରାବାଦ୍ ଦକ୍ଷିଣ

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ......*

# ପୁସ୍ତକ ରଚନା ଏବଂ ଧର୍ମସମ୍ବନ୍ଧୀୟ ବିତର୍କ ବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସପକ୍ଷରେ ଅଲ୍ଲାଃଙ୍କ ପୂର୍ଣ୍ଣ ସମର୍ଥନ ଏବଂ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ପରିପ୍ରକାଶ

(ତନୱିର୍ ଅହ୍‌ମଦ୍ ନାସିର୍, ନାଏବ୍ ଏଡ଼ିଟର୍ ଅଖ୍‌ବାର ବଦର କାଦିଆନ୍)

ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ସିଆଲ୍‌କୋଟି ର:ଅ ନିଜ ପୁସ୍ତକ "ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ"ରେ ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହ୍‌ମୁଦ୍ ଅହ୍‌ମଦ୍ ସାହେବ୍ ଅଲ୍‌ମୁସ୍‌ଲେହ୍ ଅଲ୍‌ମଉଦ୍ ର:ଅଙ୍କ ପିଲା ଦିନର ଏକ ଅଦ୍ଭୁତ ଘଟଣା ଉଲ୍ଲେଖ କରିଛନ୍ତି ଯେ

"ମହ୍‌ମୁଦ୍ ପ୍ରାୟ ଚାରିବର୍ଷର ଥିଲା ହଜ୍‌ରତ୍ (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ) ସବୁଦିନ ଭଳି ଭିତରେ ବସି ଲେଖୁଥିଲେ । ମିଆଁ ମେହ୍‌ମୁଦ୍ ଡ଼ିଆସିଲି ଧରି ସେଠାରେ ପହଂଚିଲେ ଓ ତାଙ୍କ ସହିତ ପିଲାମାନଙ୍କର ଏକ ଦଳ ଥିଲା । ପ୍ରଥମେ କିଛି ସମୟ ଆପୋଷରେ ଖେଳିଲେ ଓ ଲଢ଼େଇ ଝଗଡ଼ା କଲେ । ପୁଣି ମନରେ କଣ ଆସିଲା କେଜାଣ ସେହି ପାଣ୍ଡୁଲେଖା ଗୁଡ଼ିକୁ ନିଆଁ ଲଗାଇଦେଲେ ଓ ଖୁସିରେ ତାଳିମାରିବାକୁ ଲାଗିଲେ । ହଜ୍‌ରତ୍ ଲେଖିବାରେ ବ୍ୟସ୍ତ ଓ ମୁଣ୍ଡ ଉଠାଇ ଦେଖୁ ମଧ୍ୟ ନାହାନ୍ତି ଯେ କଣ ହେଉଛି । ଏହି ସମୟ ମଧ୍ୟରେ ନିଆଁ ଲିଭିଗଲା ଓ ମୂଲ୍ୟବାନ ପାଣ୍ଡୁଲିପି ପାଉଁଶଗଦା ହୋଇଗଲା । ପୁଣି ପିଲାମାନେ ଅନ୍ୟ ଖେଳ କୁଦରେ ମାତିଗଲେ । ହଜ୍‌ରତ୍‌ଙ୍କୁ ଲେଖା ସହିତ ମେଳ କରିବା ପାଇଁ ପୂର୍ବରୁ ଲେଖାଯାଇଥିବା କାଗଜକୁ ଦେଖିବାର ଆବଶ୍ୟକ ପଡ଼ିଲା । ଜଣକୁ ପଚାରୁଛନ୍ତି ସେ ଚୁପ, ଆଉ ଜଣଙ୍କୁ ପଚାରୁଛନ୍ତି ସେ ନୀରବରେ ସଙ୍କୁଚିତ ହୋଇଯାଇଛି । ଶେଷରେ ଗୋଟିଏ ପିଲା କହିଦେଲା ଯେ ମିଆଁ ସାହେବ୍ (ଅର୍ଥାତ ମିଆଁ ମେହ୍‌ମୁଦ୍) କାଗଜଗୁଡ଼ିକୁ ଜଳାଇ ଦେଇଛନ୍ତି । ଏହା ଶୁଣି ଘରର ମହିଳାମାନେ, ପିଲାମାନେ ଓ ଘରର ସମସ୍ତ ସଦସ୍ୟ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ଯେ ଏବେ କଣ ହେବ........ କିନ୍ତୁ ହଜ୍‌ରତ୍ ହସି ଦେଇ କହିଲେ ଭଲ ହେଲା । ଏଥିରେ ଅଲ୍ଲାଃ ତାଲାଙ୍କର କିଛି ବଡ଼ ଉଦ୍ଦେଶ୍ୟ ନିହିତ ଥିବ ଏବଂ ଏବେ ଖୁଦାତାଲା ଚାହୁଁଛନ୍ତି ଯେ ତା'ଠାରୁ ଉତମ ବିଷୟବସ୍ତୁ ସେ ଆମକୁ ବୁଝାଇଦେବେ" ।

***(ସିରତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ପୃ-୨୩ ମୁଦ୍ରଣ କାନାଡ଼ା)***

ଉକ୍ତ ଘଟଣାରୁ ଯେଉଁଠି ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଏକ ଅତ୍ୟନ୍ତ ସୁନ୍ଦର ଗୁଣ କ୍ଷମାମାର୍ଜନ କରିବାର ଠିକଣା ମିଳୁଛି ସେଠାରେ ଏହା ମଧ୍ୟ ଅନୁମାନ ହେଉଛି ଯେ ଜ୍ଞାନର ଯେଉଁ ନଦୀ ଆପଣ ଆ:ସ ବୁହାଇଛନ୍ତି ତାହା ଖୁଦାତାଲା ଏକ ବିଶେଷ କାରଣ ଅନ୍ତର୍ଗତ ନିଜ ତରଫରୁ ତାଙ୍କୁ ପ୍ରଦାନ କରିଥିଲେ । ଯେଉଁ ସମୟରେ ଆପଣ ଆ:ସଙ୍କ ଆବିର୍ଭାବ ହୋଇଥିଲା ସେ ସମୟରେ ଇସ୍‌ଲାମ୍ ଚାରିଆଡୁ ଶତ୍ରୁମାନଙ୍କ ତରଫରୁ ହେଉଥିବା ଆପତି ଓ ଅଭିଯୋଗରେ ଘେରି ହୋଇ ରହିଥିଲା । ବିଶେଷ ରୂପେ ଇସାଇ ଏବଂ ଆର୍ଯ୍ୟ ସମାଜି ଅତ୍ୟନ୍ତ ଖରାପ ଏବଂ ଉତେଜକ ଲେଖାମାନ ଇସ୍‌ଲାମ୍ ବିରୁଦ୍ଧରେ ଛପାଇ ପ୍ରକାଶ କରୁଥିଲେ । ଏପରି ଅବସ୍ଥାକୁ ଦେଖି ଆପଣ ଆ:ସଙ୍କ ହୃଦୟ ବିନା ପାଣିରେ ରହୁଥିବା ମାଛ ସଦୃଶ ତଡ଼ପୁ ଥିଲା । ଆପଣ ଆ:ସଙ୍କର ସେହି ଅସ୍ଥିରତାର ଅନୁମାନ ଆପଣ ଆ:ସଙ୍କର ଏହି ଦୁଆ (ଆକୁଳ ପ୍ରାର୍ଥନା)ରୁ କରାଯାଇପାରେ । ନିଜ ପ୍ରଭୁଙ୍କ ନିକଟରେ ଆପଣ ଆ:ସ ନିବେଦନ କରୁଛନ୍ତି: ହେ ଅଲ୍ଲାଃ ! ମତେ ଏପରି ଶବ୍ଦ/ବାକ୍ୟ ପ୍ରଦାନ କର ଓ ଏପରି ଭାଷଣ ଐଶିବାଣୀ କର ଯାହା ସେହି ହୃଦୟଗୁଡ଼ିକ ଉପରେ ନିଜର ଜ୍ୟୋତି ପ୍ରକାଶ କରୁ ଏବଂ ନିଜର ଅମୃତଗୁଣ ଦ୍ୱାରା ତାହାର ବିଷକୁ ଦୂର କରିଦେଉ ।"

***(ଶହାଦତୁଲ୍ କୁର୍‌ଆନ୍, ରୁହାନୀ ଖଜାଏନ୍, ଖଣ୍ଡ-୬, ପୃ-୩୯୮)***

ଅଲ୍ଲାଃ ତାଲା ଆପଣ ଆ:ସଙ୍କ ଦୁଆକୁ ଗ୍ରହଣ କଲେ ଓ ଆପଣଙ୍କ ଆକୁଳ ନିବେଦନକୁ ଶୁଣିଲେ ଏବଂ ଇସ୍‌ଲାମ୍ ଶତ୍ରୁମାନଙ୍କର ଆପତି ଅଭିଯୋଗର ମୂଳୋତ୍ପାଟନ କରିବାପାଇଁ ଆରବୀ, ଫାର୍ସୀ ଏବଂ ଉର୍ଦ୍ଦୁ ଭାଷାରେ ଆପଣ ଆ:ସଙ୍କୁ ପୂର୍ଣ୍ଣ ସାମର୍ଥ୍ୟ ପ୍ରଦାନ କଲେ ଏବଂ ସେମାନଙ୍କୁ ଆପଣ ଆ:ସଙ୍କ ସଚ୍ଚା ଆଜ୍ଞାବହ ଓ ଅନୁଯାୟୀ ବନାଇଦେଲେ ଏବଂ ଏପରି ଦକ୍ଷତା ପ୍ରଦାନ କଲେ ଯେ କେମିତି ବି ବିଷୟବସ୍ତୁ ହେଉ ତାହା ଆପଣ ଆ:ସ ବହୁତ ସହଜରେ ଯୁକ୍ତିଯୁକ୍ତ ଏବଂ ବିସ୍ତୃତ ଭାବରେ ରଚନା କରୁଥିଲେ ଏବଂ ଯେଉଁ ଭାଷାରେ ଲେଖୁଥିଲେ ସେଥିରେ ଉପଯୁକ୍ତ ଶବ୍ଦମାନ ନିଜ ନିଜ ସ୍ଥାନରେ ମୋତି ସଦୃଶ ଯୋଡ଼ି ଯୋଡ଼ି ହୋଇ ରହିବାର ଦେଖାଯାଆନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସାହିତ୍ୟ/ନିବନ୍ଧ ରଚନାରେ ଖୁଦାତାଲାଙ୍କ ଅଦୃଶ୍ୟ ସାହାଯ୍ୟ ଓ ସହଯୋଗ ମିଳିବା ସମ୍ପର୍କରେ କହୁଛନ୍ତି: "ମୁଁ ବିଶେଷ ରୂପେ ଖୁଦାତାଲାଙ୍କ ଐଶୀ ଚମତ୍କାରିତାକୁ ନିବନ୍ଧ ରଚନା କରିବା ସମୟରେ ଅବଲୋକନ କରିଥାଏ କାରଣ ମୁଁ ଯେବେ ଆରବୀ ଭାଷାରେ ବା ଉର୍ଦ୍ଦୁ ଭାଷାରେ କୌଣସି ବାକ୍ୟ ଲେଖୁଥାଏ ସେତେବେଳେ ମୁଁ ଅନୁଭବ କରିଥାଏ ଯେ କେହି ଜଣେ ମତେ ଭିତରୁ ଶିକ୍ଷା/ତାଲିମ୍ ଦେଉଅଛି ଏବଂ ସର୍ବଦା ମୋ ଲେଖାଗୁଡ଼ିକ, ତାହା ଆରବୀ ହେଉ, ଉର୍ଦ୍ଦୁ ହେଉ ବା ଫାର୍ସୀ ହେଉ, ଦୁଇ ଭାଗରେ ବିଭକ୍ତ ହୋଇଥାଏ । (୧) ଗୋଟିଏ ହେଉଛି ଏହା କି ବହୁତ ସରଳତାର ସହିତ ଶବ୍ଦଗୁଡ଼ିକର ଧାରା ଓ ଭାବାର୍ଥଗୁଡ଼ିକ ମୋ ସମ୍ମୁଖକୁ ଆସିଯାଉଛି ଓ ମୁଁ ତାହା ଲେଖିଚାଲୁଛି ଓ ସେହି ବିଷୟକୁ ଲେଖିବାରେ ମତେ କୌଣସି ଅସୁବିଧା ହେଉନାହିଁ ।...... (୨) ମୋ ଲେଖାର ଦ୍ୱିତୀୟ ଭାଗଟି କେବଳ ଅଲୌକିକ ଚମତ୍କାରିତା ଦ୍ୱାରା ଉତ୍ପନ୍ନ ଏବଂ ତାହା ହେଉଛି ଏହା କି ଉଦାହରଣ ସ୍ୱରୂପ ଯେବେ ମୁଁ ଗୋଟିଏ ଆରବୀ ବାକ୍ୟ ଲେଖିଥାଏ ଓ ସେହି ବାକ୍ୟର ଧାରାରେ ଏପରି କିଛି ଶବ୍ଦମାନ ଆବଶ୍ୟକ ହୋଇଥାଏ ଯେ ତାହା ମତେ ଜଣା ନଥାଏ ସେତେବେଳେ ସେ ସମ୍ବନ୍ଧରେ ଖୁଦାତାଲାଙ୍କ ୱହି (ଐଶୀବାଣୀ) ମାର୍ଗଦର୍ଶନ କରିଥାଏ ଏବଂ ସେହି ଶବ୍ଦ ୱହି ମତଲୁଅ ସଦୃଶ ରୁହୁଲ୍ କୁଦୁସ୍ ମୋ ହୃଦୟରେ ରଖିଦିଅନ୍ତି ଓ ମୁହଁରେ ଜାରି କରିଦିଅନ୍ତି........ ଉଦାହରଣ ସ୍ୱରୂପ ଯଦି ଆରବୀ ବାକ୍ୟ ଗଠନ କ୍ରମରେ ମତେ ଗୋଟିଏ ଶବ୍ଦର ଆବଶ୍ୟକ ହୁଏ ଯାହା ବିସ୍‌ୟରି ଅୟାଲ୍ ଅନୁରୂପ ଠିକ୍ ଅନୁବାଦ ହୋଇଥିବ କିନ୍ତୁ ତାହା ମୁଁ ଜାଣିନଥାଏ ଯେବେକି ଅନୁବାଦର କ୍ରମ ତାହାର ଆଶ୍ରିତ ହୋଇଥାଏ ସେତେବେଳେ ତତ୍‌କ୍ଷଣାତ୍ ହୃଦୟ ମଧ୍ୟରେ ଐଶିବାଣୀ ସଦୃଶ ଉପଯୁକ୍ତ ଶବ୍ଦକୁ ରଖିଦିଆଗଲା । ଯାହାର ଭାବାର୍ଥ ହେଉଛି ବିସ୍‌ୟାରି ଅୟାଲ । ଅଥବା ଉଦାହରଣ ସ୍ୱରୂପ ବିଷୟବସ୍ତୁ ଲେଖିବା କ୍ରମରେ ମତେ ଏପରି ଶବ୍ଦର ଆବଶ୍ୟକ ହେଲା ଯାହାର ଭାବାର୍ଥ ହେଉଛି କ୍ରୋଧିତ ହୋଇ ନୀରବ ରହିବା କିନ୍ତୁ ମତେ ସେହି ଶବ୍ଦଟି ଜଣାନାହିଁ ସେତେବେଳେ ତତ୍‌କ୍ଷଣାତ୍ ହୃଦୟ ଉପରେ ଐଶିବାଣୀ ହେଲା ଯେ ତାହା ହେଉଛି "ୱୁଯୁମ୍" ସେହିପରି ଆରବୀ ବାକ୍ୟଗୁଡ଼ିକର ଅବସ୍ଥା । ଆରବୀ ଲେଖା ସମୟରେ ଶହ ଶହ ତିଆରି ହୋଇଥିବା ବାକ୍ୟ ଐଶିବାଣୀ ସଦୃଶ ହୃଦୟରେ ପହଂଚିଥାଏ ବା କେହି ଜଣେ ଫିରସ୍ତା (ଦେବଦୂତ) ଗୋଟିଏ କାଗଜରେ ଲେଖାଯାଇଥିବା ସେହି ବାକ୍ୟକୁ ଦେଖାଇ ଦିଅନ୍ତି ଓ କିଛି ବାକ୍ୟ ପବିତ୍ର କୁର୍‌ଆନ୍‌ର ହୋଇଥାଏ ବା ତାହା ସମାନ କିଛିଟା ପରିବର୍ତନ ହୋଇ ରହିଥାଏ..... ଅତଃ ଏହା ହିଁ ପ୍ରକୃତ ରହସ୍ୟ ଯାହା ଯୋଗୁଁ ମୁଁ ଏକ ଦୁନିଆଁକୁ ଆରବୀ ଭାଷା ସାହିତ୍ୟର ଚମତ୍କାରିତା ଲେଖିବା ପାଇଁ ମୋ ବିପକ୍ଷରେ ଆହ୍ୱାନ ଦେଉଛି । ନଚେତ ମଣିଷର ଅସ୍ତିତ୍ୱ କଣ ଓ ଆଦମଙ୍କ ସନ୍ତାନର କଣ ବାସ୍ତବିକତା ଯେ ଗର୍ବ ଓ ଅହଂକାରର ମାର୍ଗକୁ ଆପଣାଇ ସେ ଏକ ଜଗତକୁ ନିଜ ସହିତ ମୁକାବିଲା କରିବାପାଇଁ ଡ଼ାକିବ ।"

***(ନୁଜୁଲୁଲ୍ ମସିହ୍, ରୁହାନୀ ଖଜାଇନ୍, ଖଣ୍ଡ-୧୮, ପୃ-୪୩୪-୪୩୬)***

## ସେ ସମୟର ୱଲେମା (ବିଦ୍ୱାନ)ମାନଙ୍କୁ ଲିଖିତ ଆଲୋଚନା ପାଇଁ ନିମନ୍ତ୍ରଣ ଏବଂ ମହାନ ଈଶ୍ୱରୀୟ ସମର୍ଥନ ଓ ସାହାଯ୍ୟ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲୁଧିୟାନାରୁ ୨୬ ମାର୍ଚ୍ଚ ୧୮୯୧ ମସିହାରେ ଏକ ବିଜ୍ଞାପନ ଜରିଆରେ ସମସ୍ତ ପ୍ରଶିଦ୍ଧ ୱଲେମାମାନଙ୍କୁ ଲିଖିତ ଆଲୋଚନା କରିବାପାଇଁ ଆହ୍ୱାନ ଦେଲେ ଓ ଲେଖିଲେ ଯେ ମୋର ଦାବି କଦାପି ଅଲ୍ଲାଃଙ୍କ କଥନ ଓ ରସୁଲଙ୍କ କଥନର ବିରୁଦ୍ଧ ନୁହେଁ । ଯଦି ଆପଣମାନେ ସ୍ଥାନ ଓ ତାରିଖ ନିର୍ଦ୍ଧାରଣ କରି ଗୋଟିଏ ସର୍ବ ସାଧାରଣ ଜଲ୍‌ସାରେ ମୋ ସହିତ ଲିଖିତ ଆଲୋଚନା ନ କରିବେ ତା'ହେଲେ ଆପଣମାନେ ଖୁଦାତାଲା ଓ ତାହାଙ୍କ ସଦାଚାରୀ ଭକ୍ତଙ୍କ ଦୃଷ୍ଟିରେ ବିରୋଧି ବିବେଚିତ ହେବେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ଇସ୍ତେହାର୍ (ବିଜ୍ଞାପନ) ଦେଖି ଅନ୍ୟ କେହି ତ ସାମାନାକୁ ଆସିଲେ ନାହିଁ କିନ୍ତୁ ମୌଲବୀ ମୁହମ୍ମଦ ହୁସୈନ୍ ବଟାଲୱି ଏକଥା କହିବା ଆରମ୍ଭ କରିଦେଲା ଯେ ମିର୍ଜା ସାହେବ୍ ମୋ ସହିତ ଏ ବିଷୟରେ ଆଲୋଚନା କରିବା ଉଚିତ । ସେହି ମୁନାଜିରାଃ (ତର୍କ ବିତର୍କ) ଲିଖିତ ଥିଲା ଓ ତାହା ୧୮୯୧ ମସିହା ଜୁଲାଇ ୨୦-୨୯ ତାରିଖ ଦୀର୍ଘ ଦଶଦିନ ପର୍ଯ୍ୟନ୍ତ ଜାରି ରହିଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ମୁବାହିସା (ତର୍କ) ମୌଲବୀ ମୁହମ୍ମଦ ହୁସୈନ୍ ସାହେବଙ୍କ ସହିତ ଆରମ୍ଭ ହେଲା । ମୁବାହିସା (ତର୍କ)ରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବୁଖାରୀ ଶରିଫ୍ ରଖି ଦିଅନ୍ତି ଓ କଲମ ସାହାଯ୍ୟରେ ଲେଖିଚାଲନ୍ତି । ଯେବେ ବିଷୟ ପ୍ରସ୍ତୁତ ହୋଇଯାଉଥିଲା ତାହାକୁ ଉଚ୍ଚ ସ୍ୱରରେ ପଢ଼ି ଶୁଣାଇ ଦିଆଯାଉଥିଲା । କିନ୍ତୁ ଅପରପକ୍ଷେ ବହୁତ କଷ୍ଟରେ ବିଷୟ ବସ୍ତୁ ପ୍ରସ୍ତୁତ କରାଯାଉଥିଲା ଓ ବହୁତ ସମୟ ଖର୍ଚ୍ଚ କରି ମୌଲବୀ ମୁହମ୍ମଦ ହୁସୈନ୍ ସାହେବ ବଟାଲୱି ନିଜର ନିବନ୍ଧ ପ୍ରସ୍ତୁତ କରି ଶୁଣାନ୍ତି ।

**ଏକ ଚମତ୍କାର:** (ହଜ୍‌ରତ୍ ପୀର୍ ସିରାଜୁଲ୍ ହକ୍ ସାହେବଙ୍କ ରିୱାୟତ (କଥନ) ମୁତାବକ)

ଏହି ମୁବାହିସା ଚାଲିଥିବା ସମୟରେ ମୌଲବୀ ମୁହମ୍ମଦ ହୁସୈନ୍ ବଟାଲୁଭି ବୁଖାରୀର ଏକ ହୱାଲା (ସନ୍ଦର୍ଭ) ମାଗିଲେ ସେ ସମୟରେ ସେହି ହୱାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମନେ ନଥିଲା ଓ ନା ତାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ କାହାକୁ ମନେଥିଲା । କିନ୍ତୁ ହଜ୍‌ରତ୍ ଅକ୍‌ଦସ୍ ଆ:ସ ବୁଖାରୀ ଶରିଫ୍‌ର ଏକ ପୁସ୍ତକ ମଗାଇଲେ ଓ ତାହାର ପୃଷ୍ଠା ଓଲଟାଇବା ଆରମ୍ଭ କରିଦେଲେ ଓ ଶିଘ୍ର ଶିଘ୍ର ତାହାର ଗୋଟିଏ ଗୋଟିଏ ଫର୍ଦ୍ଦ ଓଲାଟାଇବାକୁ ଲାଗିଲେ । ଶେଷରେ ଗୋଟିଏ ସ୍ଥାନରେ ଯାଇ ରହିଗଲେ ଓ କହିଲେ ନିଅ ଏବେ ଦେଖିନିଅ । ଦେଖୁଥିବା ଲୋକମାନେ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ଥିଲେ ଯେ ଏହା କେମିତି ହେଲା ? କେହିଜଣେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏ ବିଷୟରେ ପଚାରିବାରୁ ଆପଣ ଆ:ସ କହିଲେ ଯେ ଯେବେ ମୁଁ ପୁସ୍ତକଟିକୁ ହାତରେ ଧରି ଫର୍ଦ୍ଦ ଓଲାଟାଇବାକୁ ଆରମ୍ଭ କଲି ସେତେବେଳେ ମତେ ପୁସ୍ତକର ପୃଷ୍ଠାଗୁଡ଼ିକ ଏପରି ଦିଶୁଥିଲା ଯେପରି ତାହା ସବୁ ଖାଲି ପଡ଼ିଛି ଓ ସେଥିରେ କିଛି ଲେଖା ହୋଇନାହିଁ । ତେଣୁ ମୁଁ ସେ ସବୁକୁ ଶିଘ୍ର ଶିଘ୍ର ଓଲଟାଇ ଚାଲିଲି । ଶେଷରେ ମତେ ଗୋଟିଏ ପୃଷ୍ଠା ଏପରି ମିଳିଲା ଯେଉଁଥିରେ କିଛି ଲେଖା ହୋଇଥିଲା ଓ ମୋର ବିଶ୍ୱାସ ହୋଇଗଲା ଯେ ଏହା ହେଉଛି ସେହି ହୱାଲା (ସନ୍ଦର୍ଭ) ଯାହାର ଆବଶ୍ୟକତା ମତେ ଥିଲା । ଯେପରି ଅଲ୍ଲାଃ ତାଲା ଏମିତି ଚମତ୍କାର ଦେଖାଇଦେଲେ ଯେ ସେହି ସ୍ଥାନ ବ୍ୟତିତ ଯେଉଁଠି ହୱାଲା ଦରଜ ହୋଇଥିଲା, ବାକି ସବୁତକ ପୃଷ୍ଠା ଆପଣ ଆ:ସଙ୍କୁ ଖାଲି ଦେଖାଗଲା ।

***(ତାରିଖେ ଅହେମଦୀୟତ, ଖଣ୍ଡ-୧, ପୃ-୪୦୮)***

ଏହି ମୁବାହିସାରେ ମୌଲବୀ ମୁହମ୍ମଦ ହୁସୈନ୍ ବଟାଲୁଭି ବହୁତ ଚତୁରାମିରେ କାମ କରିଥିଲା କିନ୍ତୁ ତାହା ସବୁ ତା'ଉପରେ ଲେଉଟି ପଡ଼ିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାକୁ ପବିତ୍ର କୁର୍‌ଆନ୍ ଆଡ଼କୁ ଟାଣୁଥିଲେ କିନ୍ତୁ ସେ ନିଜକୁ ବଂଚାଇବା ପାଇଁ ହଦିସ୍ ଆଡ଼କୁ ଧାଉଁଥିଲା । ଅସଲ ବହସ୍ (ତର୍କ ବିତର୍କ) ୱଫାତେ ମସିହ ୱ ହୟାତେ ମସିହ୍ ଅର୍ଥାତ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଓ ଜୀବିତ ରହିବା ଉପରେ ହେବାର ଥିଲା କିନ୍ତୁ ସେ ଏହାକୁ ଏଡ଼ାଇ ଚାଲୁଥିଲା । ଶେଷ ଦିନ ଯେବେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଆଲେଖ୍ୟକୁ ଶୁଣାଇବା ଆରମ୍ଭ କଲେ ସେତେବେଳେ ମୌଲବୀ ସାହେବଙ୍କ ମୁହଁ କଳା ପଡ଼ିଗଲା । ଏପରି ଘାବରେଇ ଗଲେ ଓ ଏତେ ମାତ୍ରାରେ ବ୍ୟତିବ୍ୟସ୍ତ ହୋଇଗଲେ ଯେ ନୋଟ୍ କରିବାପାଇଁ ଯେବେ କଲମ ଉଠାଇଲେ ସେତେବେଳେ ଭୂମି ଉପରେ ଗାରେଇବାକୁ ଲାଗିଲେ । ଦୁଆତ ଟି ଯେଉଁଠି ସେଇଠି ଥିଲା । କଲମଟିକୁ କିଛି ଥର ଭୂଇଁ ଉପରେ ମାରିବା ଦ୍ୱାରା ତାହା ଭାଙ୍ଗିଗଲା । ଯେତେବେଳେ ଏହି ହଦିସ୍‌ଟି ଆସିଲା ଯେ ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି କି ଯେଉଁ ହଦିସ୍ ପବିତ୍ର କୁର୍‌ଆନ୍‌କୁ ବିରୋଧ କରିଥାଏ ତାହାକୁ ପରିତ୍ୟାଗ କରାଯାଉ ଓ ପବିତ୍ର କୁର୍‌ଆନ୍‌କୁ ଗ୍ରହଣ କରାଯାଉ । ଏଥିରେ ମୌଲବୀ ମୁହମ୍ମଦ ହୁସୈନ୍ ସାହେବଙ୍କୁ ବହୁତ କ୍ରୋଧ ଆସିଲା, ସେ କହିଲେ ଯେ ଏ ହଦିସ୍ ବୁଖାରୀରେ ନାହିଁ । ଯଦି ଏହି ହଦିସ୍ ବୁଖାରୀରେ ଥିବ ତା'ହେଲେ ମୋର ଦୁଇଜଣଯାକ ପତ୍ନୀକୁ ତଲାକ୍ । ଏହି ତଲାକ୍ କଥା ଶୁଣି ଉପସ୍ଥିତ ସବୁ ଲୋକେ ହସି ପଡ଼ିଲେ ଏବଂ ତାଙ୍କୁ ଲଜ୍ଜିତ ହେବା ବ୍ୟତିତ କିଛି ମିଳିଲା ନାହିଁ । ତା'ପରେ କିଛିଦିନ ପର୍ଯ୍ୟନ୍ତ ଲୋକମାନଙ୍କୁ ମୌଲବୀ ସାହେବ୍ କହି ଚାଲିଲେ ଯେ ନା ନା ମୋ ଦୁଇପତ୍ନୀଙ୍କୁ ତଲାକ ହୋଇନାହିଁ ଓ ନା ମୁଁ ତଲାକର ନା ଧରିଛି । ପ୍ରଥମେ ତ କିଛି ଲୋକ ଏ ବିଷୟରେ ଜାଣିଥିଲେ କିନ୍ତୁ ଏବେ ମୌଲବୀ ସାହେବ ନିଜେ ହଜାର ହଜାର ଲୋକଙ୍କୁ ଏହାର ସୂଚନା ଦେଇଦେଲେ । ଏହି ମୁବାହିସା (ତର୍କବିତର୍କ)ଟି ପ୍ରକାଶ ପାଇବାର କିଛି ମାସ ପରେ ଦିଲ୍ଲୀରେ ଏକ ଜଲ୍‌ସା ଅନୁଷ୍ଠିତ ହେଲା ସେଥିରେ ଅନେକ ୱଲେମା (ବିଦ୍ୱାନ)ଗଣ ମୌଲବୀ ମୁହମ୍ମଦ ହୁସୈନ୍ ସାହେବ ବଟାଲୁଭିଙ୍କୁ ବହୁତ ସମାଲୋଚନା କଲେ ଯେ ତୁମେ ମିର୍ଜା ସାହେବଙ୍କ ସହିତ ଲୁଧିୟାନାଠାରେ ଯେଉଁ ମୁବାହିସା କରିଛ, ସେଥିରେ ତୁମେ କଣ କଲ ଓ କଣ କରି ଦେଖାଇଲ ? ଅସଲ ବହସ୍ କିଛି ବି ହେଲାନାହିଁ । ବଟାଲୁଭି ସାହେବ ଉତରରେ ଏହା କହିଲେ ଯେ ଅସଲ ବହସ୍ (ତର୍କ) କିପରି କରିଥାନ୍ତି ତାହା ତ ଜଣାନଥିଲା । ପବିତ୍ର କୁର୍‌ଆନ୍‌ରେ ମସିହ୍ (ଯୀଶୁ)ଙ୍କ ଜୀବିତ ରହିବା ବା ଆକଶକୁ ଉଠିଯିବା ସମ୍ବନ୍ଧରେ କିଛି ବି ଉଲ୍ଲେଖ ନାହିଁ । ହଦିସ୍‌ଗୁଡ଼ିକରୁ କେବଳ ନୁଜୁଲ (ଅବତୀର୍ଣ୍ଣ) ହେବା ପ୍ରମାଣିତ । ମୁଁ ମିର୍ଜା ସାହେବଙ୍କୁ ହଦିସ୍ ଆଡ଼କୁ ଟାଣୁଥିଲି ଓ ସେ ମତେ (ପବିତ୍ର) କୁର୍‌ଆନ୍ ଆଡ଼କୁ ନେଇଯାଉଥିଲେ ।

***(ନୁଜୁଲୁଲ୍ ମସିହ୍, ରୁହାନୀ ଖଜାଇନ୍, ଖଣ୍ଡ-୧୮, ପୃ-୪୧୦)***

## ରଚନା କରିବାର ମହାନ୍ ଚମତ୍କାର

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ ଆ:ସ ନିଜ ଦାବିର ପ୍ରଚାର ପ୍ରସାର ପାଇଁ ଦିଲ୍ଲୀ ମଧ୍ୟ ଯାଇଥିଲେ । ୧୮୯୧ ମସିହା ସେପ୍ଟେମ୍ବର ୨୯ ତାରିଖ ଦିନ ଦିଲ୍ଲୀରେ ପହଂଚିଲେ ଏବଂ ମହଲା ବଲିମାରାଁଠାରେ ଅବସ୍ଥିତ ନୱାବ୍ ଲୋହାରଙ୍କ ଦୁଇମହଲା କୋଠିରେ ରହିଲେ । ସୟଦ୍ ନଜିର୍ ହୁସୈନ୍ ସାହେବ୍ ଦେହ୍‌ଲୁଭି ଏବଂ ଶମସୁଲ୍ ୱଲେମା ମୌଲବୀ ଅବ୍‌ଦୁଲ୍ ହକ୍ ସାହେବଙ୍କୁ ୱଫାତେ ମସିହ୍ (ଯୀଶୁଙ୍କ ମୃତ୍ୟୁ) ବାବଦରେ ଲିଖିତ ତର୍କ କରିବା ପାଇଁ ଆମନ୍ତ୍ରଣ କଲେ । ମୌଲବୀ ଅବ୍‌ଦୁଲ୍ ହକ୍ ସାହେବ ତ କ୍ଷମା ଚାହିଁଲେ କିନ୍ତୁ ମୌଲବୀ ନଜିର୍ ହୁସୈନ୍ ସାହେବ ମୌଲବୀ ମୁହମ୍ମଦ ହୁସୈନ୍ ବଟାଲୁଭିଙ୍କ ପର୍ବତାଇବାରେ ମୁବାହିସା କରିବାକୁ ରାଜି ହୋଇଗଲେ । ତା'ପରେ ମୌଲବୀ ମୁହମ୍ମଦ ହୁସୈନ୍ ବଟାଲୁଭି ଓ ତାଙ୍କ ସାଙ୍ଗସାଥିମାନଙ୍କ ଷଡ଼ଯନ୍ତ୍ରର ଯେଉଁ ବଜାର ଗରମ ଥିଲା ଏବଂ ଅଲ୍ଲାଃଙ୍କ ସିଂହ (ଅର୍ଥାତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ) କିପରି ଦିଲ୍ଲୀର ଯାମେ ମସ୍‌ଜିଦ୍‌ଠାରେ ମୌଲବୀ ନଜିର୍ ହୁସୈନ୍‌ଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ ତାହା ଅହେମଦୀ ଇତିହାସର ଏକ ଖୋଲା ଅଧ୍ୟାୟ । ମୌଲବି ନଜିର୍ ହୁସୈନ୍ ସାହେବ ତ କେଉଁ ପ୍ରକାରେ ସେହି ମୁବାହିସା (ତର୍କବିତର୍କ)ର ତିକ୍ତ ଢୋକ ପିଇବାରୁ ବଂଚିଗଲେ କିନ୍ତୁ ମୌଲବୀ ମୁହମ୍ମଦ ବଶୀର୍ ସାହେବ୍ ମୁବାହିସା ନିମନ୍ତେ ପ୍ରସ୍ତୁତ ହୋଇଗଲେ ଏବଂ ୨୩ ଅକ୍ଟୋବର ୧୮୯୧ ମସିହା ଦିନ ମୁବାହିସା ଆରମ୍ଭ ହେଲା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମୁବାହିସା ଆରମ୍ଭ ପୂର୍ବରୁ ନିଜ ଦାବି ସମ୍ବନ୍ଧରେ ମୌଲବୀ ମୁହମ୍ମଦ ବଶୀର୍ ସାହେବ ଓ ତାଙ୍କ ସାଙ୍ଗସାଥିମନାଙ୍କୁ ସମ୍ବୋଧନ କରି ଏକ ଜ୍ଞାନବର୍ଦ୍ଧକ ଅଭିଭାଷଣ ପ୍ରଦାନ କଲେ । ହଜୁର ଆ:ସଙ୍କ ଏହି ଅଭିଭାଷଣ ଏବେ ଜାରି ଥିଲା କି ମୌଲବୀ ମୁହମ୍ମଦ ବଶୀର ସାହେବ୍ ଭାଷଣ ଚାଲିଥିବା ସମୟରେ ହିଁ କହି ଉଠିଲେ ଯେ ଯଦି ଆପଣ ଅନୁମତି ଦେବେ ତା'ହେଲେ ମୁଁ କୋଠରୀର ଏକ କୋଣରେ ବସି କିଛି ଲେଖିବି । ହଜ୍‌ରତ୍ ଅକ୍‌ଦସ୍ ଆ:ସ କହିଲେ ବହୁତ ଭଲ । ଅତଏବ୍ ମୌଲବୀ ସାହେବ୍ ହଲ୍‌ର ପଛପଟକୁ ଥିବା କୋଣରେ ଯାଇ ବସିପଡ଼ିଲେ ଏବଂ ଯେଉଁ ବିଷୟବସ୍ତୁ ଘରୁ ଲେଖି ଆଣିଥିଲେ ତାହାକୁ ଟିପିବାକୁ ଲାଗିଲେ । ଯେବେକି ସର୍ତ ଏହା ଥିଲା ଯେ କେହି ମଧ୍ୟ ପୂର୍ବରୁ ଲେଖି ଆଣିଥିବା ନିଜର ବିଷୟବସ୍ତୁକୁ ଏଠାରେ ନ ଲେଖୁ ବରଂ ଯାହା କିଛି ଲେଖିବାର କଥା ତାହା ସେହି ସମୟରେ ଜଲ୍‌ସା ବହ୍‌ସ (ତର୍କ)ରେ ଲେଖିବ । ସେ ସର୍ତାବଳୀ ଉଲଂଘନ କରିବା ଯୋଗୁଁ ମୌଲାନା ଅବ୍‌ଦୁଲ୍ କରିମ୍ ସାହେବ୍ କହିଲେ ଏହା ତ ସର୍ତ ଖିଲାପ କଥା । ପୀର୍ ସିରାଜୁଲ୍ ହକ୍ ନୁମାନି ହଜ୍‌ରତ୍ ଅକ୍‌ଦସ୍ ଆ:ସଙ୍କୁ ନିବେଦନ କଲେ ଯେ ଯଦି ହଜୁର ଅନୁମତି ଦେବେ ତାହେଲେ ମୁଁ ମୌଲବୀ ସାହେବଙ୍କୁ କହିଦେବି ଯେ ଆପଣ ଲେଖିକି ତ ଆଣିଛନ୍ତି, ତାହା ଦେଇ ଦିଅନ୍ତୁ ଯଦ୍ୱାରା ତାହାର ଉତର ଲେଖାଯାଇପାରିବ । ହଜ୍‌ରତ୍ ଅକ୍‌ଦସ୍ ଆ:ସ ଅପ୍ରସନ୍ନତା ପ୍ରକାଶ କରି ଏହାର ଅନୁମତି ଦେଇଦେଲେ । ସେ ଛିଡ଼ା ହୋଇ କହିଲେ ଯେ ମୌଲବୀ ସହେବ ଲିଖିତ ବିଷୟକୁ ଟିପିବାର କଣ ଆବଶ୍ୟକତା ଅଛି । ଏଥିରେ ବିଳମ୍ବ ହେଉଛି । ଲିଖିତ ବିଷୟକୁ ଦେଇଦିଅନ୍ତୁ ଯଦ୍ୱାରା ଏପଟୁ ଶିଘ୍ର ଉତର ଲେଖାଯିବ । ମୌଲବୀ ସାହେବ୍ ଯେତେବେଳେ ଏହା ଶୁଣିଲେ, ବ୍ୟତିବ୍ୟସ୍ତ ହୋଇ ଉତର ଦେଲେ ଯେ ନା ନା! ମୁଁ ମଜ୍‌ମୁନ୍ (ବିଷୟବସ୍ତୁ) ଲେଖିକି ଆଣିନାହିଁ କେବଳ ନୋଟ୍ ଲେଖିକି ଆଣିଛି ଓ ତାକୁ ବ୍ୟାଖ୍ୟା କରି ଲେଖୁଛି । ଯେବେକି ସେ ସେହି ବିଷୟବସ୍ତୁକୁ ଅକ୍ଷର ଅକ୍ଷର ଲେଖାଉଥିଲେ । ତାଙ୍କ କଥାର ଉତରରେ ପୀର୍ ସାହେବ କିଛି କହିବାକୁ ଚାହିଁଲେ କିନ୍ତୁ ହଜ୍‌ରତ୍ ଅକ୍‌ଦସ୍ ଆ:ସ ତାଙ୍କୁ ରୋକି ଦେଲେ ଏବଂ ହଜୁର ମୁନ୍‌ଶି ଜଫର୍ ଅହ୍‌ମଦ୍ ସାହେବଙ୍କୁ ଏହା କହିଲେ ଯେ ଯେବେ ମୌଲବୀ ସାହେବ ନିବନ୍ଧ (ବିଷୟବସ୍ତୁ) ଦେବେ ସେତେବେଳେ ମୋ ନିକଟକୁ ପଠାଇଦେବେ । ଏହା କହି ଉପର ମହଲାକୁ ଚାଲିଗଲେ । ମୌଲବୀ ସାହେବ ବିଷୟ ବସ୍ତୁ ଲେଖି ଦେବାରେ ସେ ତାହା ନେଇ ହଜୁରଙ୍କ ଗୋଚରେ ଉପସ୍ଥାପନ କରିଦେଲେ । ହଜ୍‌ରତ୍ ଅକ୍‌ଦସ୍ ଆ:ସ ମୌଲବୀ ସାହେବଙ୍କ ବିଷୟବସ୍ତୁ ଉପରେ ପ୍ରଥମ ପୃଷ୍ଠାରୁ ନେଇ ଶେଷ ପୃଷ୍ଠା ପର୍ଯ୍ୟନ୍ତ ବହୁତ ଶିଘ୍ର ଆଖି ବୁଲାଇ ଆଣିଲେ ଓ ପୁଣି ତାହାର ଉତର ଲେଖିବାକୁ ଆରମ୍ଭ କରିଦେଲେ । ଯେତେବେଳେ ବିଷୟ ବସ୍ତୁର ଦୁଇ ଫର୍ଦ୍ଦ ପ୍ରସ୍ତୁତ ହୋଇଗଲା ସେତେବେଳେ ହଜୁର ମୁନ୍‌ଶି ଜଫର୍ ଅହ୍‌ମଦ୍ ସାହେବଙ୍କୁ ତଳେ ଟିପିବାପାଇଁ ଦେଇଦେଲେ । ଗୋଟିଏ ଗୋଟିଏ ଫର୍ଦ୍ଦ ନେଇ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ ଏବଂ ଅବ୍‌ଦୁଲ୍ କୁଦୁସ୍ ସାହେବ ଟିପିବା ଆରମ୍ଭ କରିଦେଲେ । ଏହିପରି ମୁନ୍‌ଶି ସାହେବ ହଜ୍‌ରତ୍ ସାହେବଙ୍କ ପାଣ୍ଡୁଲିପି ଘେନି ଆଣୁଥିଲେ ଓ ଏହି ଦୁଇଜଣଯାକ ତାହା ଟିପି ରଖୁଥିଲେ । ହଜ୍‌ରତ୍ ଅକ୍‌ଦସ୍ ଏତେ ଶିଘ୍ର ଶିଘ୍ର ଲେଖୁଥିଲେ ଯେ ଅବ୍‌ଦୁଲ୍ କୁଦୁସ୍ ସାହେବ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ସେ ନିଜେ ଜଣେ ମହାନ୍ ଲେଖକ ଥିଲେ ଏବଂ ସେ ହଜୁର ଆ:ସଙ୍କ ଲେଖାରେ ଆଙ୍ଗୁଳିର ଟିପ ଲଗାଇ କାଳି ଦେଖିବାକୁ ଲାଗିଲେ ଯେ କାଳେ ଏହା ପୂର୍ବରୁ ଲେଖାଯାଇ ନାହିଁ ତ । ମୁନ୍‌ଶି ଜଫର୍ ଅହ୍‌ମଦ୍ ସାହେବ୍ କହିଲେ ଯେ ଯଦି ଏପରି ହୋଇଥିବ ତା'ହେଲେ ଏହା ଏକ ମହାନ୍ ଚମତ୍କାର ହେବ ଯେ ଉତର ପୂର୍ବରୁ ଲେଖା ହୋଇ ରହିଛି । ହଜ୍‌ରତ୍ ଅକ୍‌ଦସ୍ ଆ:ସଙ୍କ ଏପରି ଆଶ୍ଚର୍ଯ୍ୟ ଚକିତ କରିଦେଉଥିବା ଲେଖିବାର ଶକ୍ତିକୁ ଦେଖି ମୌଲବୀ ମୁହମ୍ମଦ ବଶୀର୍ ସାହେବଙ୍କୁ ହଜୁରଙ୍କ ନିକଟରେ ନିବେଦନ କରିବାକୁ ପଡ଼ିଲା ଯେ ଯଦି ଆପଣ ଅନୁମତି ଦେବେ ତା'ହେଲେ ମୁଁ କାଲି ମୋ ରହୁଥିବା ସ୍ଥାନରୁ ଉତର ଲେଖି ଆଣିବି । ହଜୁର ବିନା ଦ୍ୱିଧାରେ ଅନୁମତି

ଦେଇଦେଲେ । ପୁଣି ମୌଲବୀ ସାହେବ୍ ମୁବାହିସା ଶେଷ ପର୍ଯ୍ୟନ୍ତ ଏହି ଶୈଳୀ ଆପଣେଇଲେ ଯେ ହଜ୍‌ରତ୍ ଅକ୍‌ଦସ୍ ଆ:ସଙ୍କ ମଜ୍‌ମୁନ୍ (ବିଷୟବସ୍ତୁ ସମ୍ବଳିତ ନିବନ୍ଧ) ମିଳିବାରେ ସେ ହଜୁରଙ୍କଠାରୁ ଅନୁମତି ନେଇ ନିଜ ରହଣି ସ୍ଥାନକୁ ଚାଲିଯା'ନ୍ତି ଓ ନିଜର ମଜ୍‌ମୁନ୍ ସେହିଠାରୁ ହିଁ ଲେଖିକି ଆଣନ୍ତି । ସେ ସମ୍ମୁଖରେ ବସି କୌଣସି ମଜ୍‌ମୁନ୍ ଲେଖୁନାହାନ୍ତି । ଏହି ମୁବାହିସାର ବୃତାନ୍ତ/ବିବରଣୀ/ରେକର୍ଡ଼ "ଅଲ୍‌ହକ୍ ଦେହ୍‌ଲୀ" ନାମରେ ପ୍ରକାଶ ହେଲା । ***(ତାରିଖେ ଅହେମଦୀୟତ୍, ଖଣ୍ଡ-୧, ପୃ-୪୨୧-୪୩୨)***

## ଗୋଟିଏ ରାତିରେ ଆରବୀ ଭାଷାର ଚାଳିଶି ହଜାର ମାଦା(ମୂଳଶବ୍ଦ) ପ୍ରାପ୍ତ କରିବା

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ୧୮୯୩ ମସିହାରେ "ଆଇନାଏ କମାଲାତେ ଇସ୍‌ଲାମ୍" ରଚନା କଲେ । ଯେଉଁଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉଦାହରଣ ସ୍ୱରୁପ ଫନା, ବକା, ଲିକା ଏବଂ ରୁହୁଲ୍ କୁଦୁସ୍ (ଅର୍ଥାତ ମୃତ୍ୟୁ, ଜୀବନ, ଈଶ୍ୱରଙ୍କ ସହିତ ମିଳନ ଏବଂ ପବିତ୍ର ଆତ୍ମା)ର ଅନନ୍ତ ସହଭାଗିତା ଏବଂ ଫରିସ୍ତା ଓ ଜିନ୍ନମାନଙ୍କ ଅସ୍ତିତ୍ୱର ପ୍ରମାଣ ସ୍ୱରୁପ ଏକ ଆଧୁନିକ ଦୃଷ୍ଟିକୋଣରୁ ଆଲୋକପାତ କରିଛନ୍ତି । ଜାନୁୟାରୀ ୧୮୯୩ ମସିହା ଦିନ ଯେବେ ପୁସ୍ତକର ଉର୍ଦ୍ଦୁ ଭାଗଟି ସମ୍ପୂର୍ଣ୍ଣ ହୋଇଗଲା, ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ସିଆଲ୍‌କୋଟି ଏକ ମଜ୍‌ଲିସ୍‌ରେ ହଜ୍‌ରତ୍ ଅକ୍‌ଦସ୍ ଆ:ସଙ୍କୁ ନିବେଦନ କଲେ ଯେ ଏହି ପୁସ୍ତକ ସହିତ ଗରୀବ ମୁସଲମାନ ଏବଂ ପୀରମାନଙ୍କ ସନ୍ତାନମାନଙ୍କ ଉପରେ ପୂର୍ଣ୍ଣ ଯୁକ୍ତିଯୁକ୍ତ ପ୍ରମାଣ ନିମନ୍ତେ ଗୋଟିଏ ଚିଠି ମଧ୍ୟ ପ୍ରକାଶ ହେବା ଉଚିତ । ହଜୁର ଆ:ସ ଏହି ପରାମର୍ଶକୁ ବହୁତ ପସନ୍ଦ କଲେ । ହଜୁର ଏହି ଚିଠିକୁ ଉର୍ଦ୍ଦୁରେ ଲେଖିବାପାଇଁ ମନସ୍ଥ କରିଥିଲେ କିନ୍ତୁ ରାତିରେ କିଛି ଐଶିବାଣୀର ଇଙ୍ଗିତ ଦ୍ୱାରା ଏହାକୁ ଆରବୀ ଭାଷାରେ ଲେଖିବା ପାଇଁ ସୁଚନା ମିଳିଲା । ଅଲ୍ଲାଃ ତାଲାଙ୍କ ନିକଟରେ ଦୁଆ କରିବା ଫଳରେ ହଜୁର ଆ:ସଙ୍କୁ ରାତାରାତି ଆରବୀ ଭାଷାର ଚାଳିଶି ହଜାର ମୂଳ ଶବ୍ଦ ଶିଖାଇ ଦିଆଗଲା । ସୁତରାଂ ହଜୁର ଆ:ସ ସେହି ଐଶିବାଣୀର ଶକ୍ତି ବଳରେ "ଅତ୍ ତବ୍‌ଲିଗ୍" ନାମରେ ସୁଭାଷା ଓ ସାରଗର୍ଭକ ଆରବୀ ଭାଷାରେ ଗୋଟିଏ ଚିଠି ଲେଖିଲେ ଯେଉଁଥିରେ ଆପଣ ହିନ୍ଦୁସ୍ତାନ, ଆରବ, ଇରାନ୍, ତୁର୍କୀ, ମିସର୍ ଏବଂ ଅନ୍ୟାନ୍ୟ ଦେଶର ପୀରମାନଙ୍କ ସନ୍ତାନ, ମହନ୍ତ, ସନ୍ୟାସୀ, ସୁଫି ଏବଂ ଗୁରୁକୂଳ ନିବାସୀମାନଙ୍କ ନିକଟରେ ସତ୍ୟର ବାର୍ତ୍ତା ପହଂଚାଇ ଦେଲେ । "ଅତ୍ ତବ୍‌ଲିଗ୍" ପରେ ଆରବୀ ଭାଷାରେ ହଜୁର ଆ:ସ ଏପରି ଅନୁପମ ସାହିତ୍ୟ ସୃଷ୍ଟି କଲେ ଯେ ଆରବୀୟ ଓ ଅଣଆରବୀୟ ସାହିତ୍ୟିକମାନଙ୍କ ଭାଷା ତାହାର ମୁକାବିଲାରେ ମୂକ ହୋଇଗଲେ । "ଅତ୍ ତବ୍‌ଲିଗ୍" ସମ୍ବନ୍ଧରେ ଜଣେ ଆରବୀୟ ଫାଜିଲ୍ (ଜ୍ଞାନୀ) କହିଲେ ଯେ ଏହାକୁ ପାଠ କରି ଏପରି ଉନ୍ମାଦ ସୃଷ୍ଟି ହେଲା ଯେ ମନରେ ଏକଥା ଆସିଲା କି ମୁଁ ମୁଣ୍ଡରେ ନାଚି ନାଚି କାଦିଆନ୍ ପହଂଚିଯିବି । ତରାବ୍ଲିସ୍‌ର ଜଣେ ପ୍ରଶିଦ୍ଧ ଆଲିମ୍ (ଜ୍ଞାନୀ) ଅସ୍‌ସୟଦ୍ ମୁହମ୍ମଦ୍ ସଇଦି ଶାମି ତାହା ପଢ଼ି ଆପଣାଛାଏଁ କହି ଉଠିଲେ ଈଶ୍ୱରଙ୍କ ରାଣ ଏମିତି ବାକ୍ୟ ଆରବୀୟମାନେ ଲେଖିପାରିବେ ନାହିଁ । ପରିଶେଷରେ ଏଥିରେ ପ୍ରଭାବିତ ହୋଇ ଅହେମଦୀୟତ୍ ଗ୍ରହଣ କରିନେଲେ । ହଜ୍‌ରତ୍ ଅକ୍‌ଦସ୍ ଆ:ସ କହୁଥିଲେ ଯେ ଆମର ଯେତେକ ଆରବୀ ଲେଖା ରହିଛି ଏହା ସବୁ ଏକ ପ୍ରକାରର ଏଲ୍‌ହାମ୍ (ଐଶିବାଣୀ) ହିଁ ଅଟେ । କାରଣ ଏସବୁ ଖୁଦାଙ୍କ ବିଶେଷ ସାହାଯ୍ୟ ଦ୍ୱାରା ଲେଖାଯାଇଅଛି । ପୁଣି କୁହନ୍ତି ବେଳେବେଳେ ମୁଁ ଅନେକ ଶବ୍ଦ ଓ ବାକ୍ୟ ଲେଖି ଦେଇଥାଏ ଯେବେ କି ମତେ ତାହାର ଅର୍ଥ ଜଣାନଥାଏ କିନ୍ତୁ ଲେଖିସାରିବା ପରେ ଯେବେ ଶବ୍ଦକୋଷ ଦେଖେ ସେତେବେଳେ ତାହା ଜାଣିଥାଏ ।

ଏହି ସମସ୍ତ ପୁସ୍ତକ ଗୁଡ଼ିକର ଏପରି ସମ୍ମାନଜନକ ରଙ୍ଗ ଦେଖି ବିରୋଧି ଓ୍ୱଲେମାମାନଙ୍କୁ ବିଶ୍ୱାସ ହେଉନଥିଲା ଯେ ଏହା ସବୁ ମହାଭାଗ ଆ:ସଙ୍କ ଦ୍ୱାରା ଲେଖାହୋଇଅଛି । ସେମାନେ ନିଶ୍ଚିତ ରୂପେ ଏହା ଭାବୁଥିଲେ ଯେ ଆପଣ ଆ:ସ ଓ୍ୱଲେମାମାନଙ୍କର ଏକ "ଗୁପ୍ତ ଗୋଷ୍ଠୀ" ନିୟୋଜିତ କରି ରଖିଛନ୍ତି । ସୁତରାଂ ଏକଦା ଜଣେ ମୌଲବୀ ସାହେବ୍ ଏହି ଗୁପ୍ତ ଗୋଷ୍ଠୀର ଅନୁସନ୍ଧାନ ପାଇଁ କାଦିଆନ୍ ଆସିଲେ ଓ ରାତି ସମୟରେ ମସ୍‌ଜିଦ୍ ମୁବାରକ୍‌ରେ ପହଂଚିଲେ । ମୁନ୍‌ଶି ଜଫର୍ ଅହ୍‌ମଦ୍ ସାହେବ୍ କପୁର୍‌ଥଲୱି ସେତେବେଳେ ମସ୍‌ଜିଦ୍ ମୁବାରକ ସହିତ ସଂଲଗ୍ନ ଥିବା କୋଠରୀରେ ରହୁଥିଲେ । ମୌଲବୀ ସାହେବ୍ ହଜ୍‌ରତ୍ ମୁନ୍‌ଶି ସାହେବଙ୍କୁ ପଚାରିଲେ ଯେ ମିର୍ଜା ସାହେବଙ୍କ ଆରବୀ ଲେଖାଗୁଡ଼ିକ ଏପରି ଯେ ତାଙ୍କ ପରି ଆଉ କେହି ଏତେ ଉଚ୍ଚକୋଟିର ସମୃଦ୍ଧ ଭାଷା ସମ୍ପନ୍ନ ବାକ୍ୟ ଲେଖିପାରିବେ ନାହିଁ । ନିଶ୍ଚିତରୂପେ ମିର୍ଜା ସାହେବ କିଛି ଓ୍ୱଲେମାମାନଙ୍କଠାରୁ ସାହାଯ୍ୟ ନେଇ ଲେଖୁଥିବେ ଓ ସେହି ସମୟ ରାତି ସମୟ ହୋଇଥିବ । କଣ ରାତିବେଳା ଏହିପରି କିଛି ଲୋକ ମିର୍ଜା ସାହେବଙ୍କ ପାଖରେ ରହୁଛନ୍ତି, ଯେଉଁମାନେ ଏହି କାମରେ ମିର୍ଜା ସାହେବଙ୍କୁ ସାହାଯ୍ୟ କରୁଛନ୍ତି କ ? ହଜ୍‌ରତ୍ ମୁନ୍‌ଶି ଜଫର୍ ଅହ୍‌ମଦ୍ ସାହେବ୍ କହିଲେ ମୌଲବୀ ମୁହମ୍ମଦ ଚିରାଗ ସାହେବ ଏବଂ ମୌଲବୀ ମୋଇନ୍ ସାହେବ୍ ମିର୍ଜା ସାହେବଙ୍କ ନିକଟରେ ଅବଶ୍ୟ ରହୁଛନ୍ତି । ଏହି ଓ୍ୱଲେମାମାନେ ବୋଧ ହୁଏ ରାତିବେଳା ସାହାଯ୍ୟ କରୁଥିବେ । ହଜ୍‌ରତ୍ ଅକ୍‌ଦସ୍ ଆ:ସଙ୍କ ନିକଟରେ ମୁନ୍‌ଶି ସାହେବଙ୍କ ଏହି କଥା ପହଂଚିଗଲା ଓ ହଜୁର ବହୁତ ହସିଲେ । କାରଣ ମୌଲବୀ ମୁହମ୍ମଦ୍ ଚିରାଗ୍ ସାହେବ ଏବଂ ମୌଲବୀ ମୋଇନୁଦ୍ଦିନ୍ ସାହେବ ଦୁଇଜଣଯାକ ହଜୁରଙ୍କର ଅଶିକ୍ଷିତ କର୍ମଚାରୀ ଥିଲେ । ତା'ପରେ ସେହି ମୌଲବୀ ସାହେବ ସେଠାରୁ ଉଠି ଚାଲିଗଲେ । ତା'ପର ଦିନ ଯେତେବେଳେ ହଜୁର ଅସର୍ ନମାଜ ପରେ ମସ୍‌ଜିଦ୍‌ରେ ସବୁଦିନ ପରି ବସିଲେ ସେଠାରେ ସେହି ମୌଲବୀ ସାହେବ ମଧ୍ୟ ଉପସ୍ଥିତ ଥିଲେ । ହଜୁର ଆ:ସ ମୁନ୍‌ଶି ସାହେବଙ୍କ ଆଡ଼କୁ ଦେଖି ସ୍ମିତହାସ୍ୟ ପ୍ରକାଶ କରି କହିଲେ ସେହି ରାତି ସମୟର ଓ୍ୱଲେମାମାନଙ୍କୁ ତାଙ୍କୁ (ଅର୍ଥାତ ଏହି ମୌଲବୀ ସାହେବଙ୍କୁ) ମଧ୍ୟ ଦେଖାଇଦିଅ । ସେହି ସମୟରେ ହଜୁର ଆ:ସ ମୌଲାନା ଅବ୍‌ଦୁଲ୍ କରିମ୍ ସାହେବଙ୍କୁ ମଧ୍ୟ ଗତକାଲିର ଘଟଣାବଳୀ ଶୁଣାଇଲେ । ଏଥିରେ ସେ ମଧ୍ୟ ହସିବାକୁ ଲାଗିଲେ । ହଜ୍‌ରତ୍ ମୁନ୍‌ଶି ସାହେବ୍ ମୁହମ୍ମଦ ଚିରାଗ୍ ଏବଂ ମୁଇନୁଦ୍ଦିନ୍‌ଙ୍କୁ ଡ଼ାକି ସେହି ମୌଲବୀ ସାହେବଙ୍କ ସମ୍ମୁଖରେ ଛିଡ଼ା କରାଇଦେଲେ । ସେହି ମୌଲବୀ ସାହେବ ଜଣକ ସେହି ଦୁଇଜଣ ଓ୍ୱଲେମାଙ୍କୁ ଦେଖି ସେଠାରୁ ଚାଲିଗଲେ ଏବଂ ଗୋଟିଏ ବଡ଼ ଥାଳିରେ ମିଠା ଧରି ଆସିଲେ ଓ ନିଜର ବାରଜଣ ସାଥିମାନଙ୍କ ସମେତ ହଜୁର ଆ:ସଙ୍କ ପବିତ୍ର ହାତରେ ବୟତ କରିନେଲେ । ***(ତାରିଖେ ଅହେମଦୀୟତ୍ ଖଣ୍ଡ-୧, ପୃ-୪୭୨-୪୭୫, ମୁଲ୍‌ଖସ୍)***

***ପୃଷ୍ଠା- ୮ ର ଅବଶିଷ୍ଟାଂଶ ......***

(୨୮୩) ଅମ୍‌ତୁଲ୍ ହଫିଜ୍ ବେଗମ୍ ସୁପୁତ୍ରୀ ସେଠ୍ ମୁହମ୍ମଦ୍ ଗୌସ୍ ହାଇଦ୍ରାବାଦ୍ ଦକ୍ଷିଣ

(୨୮୪) ସେଠ୍ ମୁହମ୍ମଦ୍ ଆଜମ୍ ହାଇଦ୍ରାବାଦ୍ ଦକ୍ଷିଣ

(୨୮୫) ଅଜିଜା ବେଗମ୍ ପତ୍ନୀ ସେଠ୍ ମୁହମ୍ମଦ୍ ଆଜମ୍ ହାଇଦ୍ରାବାଦ୍ ଦକ୍ଷିଣ

(୨୮୬) ଅମ୍‌ତୁଲ୍ ହଇ ବେଗମ୍ ସୁପୁତ୍ରୀ ସେଠ୍ ମୁହମ୍ମଦ୍ ଗୌସ୍ ହାଇଦ୍ରାବାଦ୍ ଦକ୍ଷିଣ

(୨୮୭) ମେହ୍‌ମୁଦା ବେଗମ୍ ପତ୍ନୀ ମୁହମ୍ମଦ୍ ମୁଇନୁଦ୍ଦିନ୍ ହାଇଦ୍ରାବାଦ୍ ଦକ୍ଷିଣ

(୨୮୮) ଅବ୍‌ଦୁଲ୍ ଅଜିଜ୍ ସକନା ଚକ୍ ସିକନ୍ଦର୍ ଜିଲ୍ଲା ଗୁଜ୍‌ରାତ୍

(୨୮୯) ଡ଼ାଃ ନଜିର୍ ଅହ୍‌ମଦ୍ ଓ୍ୱଲଦ୍ ସର୍‌ଦାର୍ ଅବ୍‌ଦୁର୍ ରହ୍‌ମାନ୍ ଆଫ୍ରିକା

(୨୯୦) ମୁହମ୍ମଦ ବଖ୍‌ଶ ଅହେମଦୀ ସନ୍‌ଓ୍ୱର୍ ରିୟାସତ୍ ପଟିୟାଲା ମା ଅହ୍‌ଲିୟା ଏଶ୍ କରାମତୁନ୍ ନିସା ସାହିବା

(୨୯୧) ଚୌଧୁରୀ କରିମୁଦ୍ଦିନ୍ ଭଟ୍ଟି ଚକ୍ ୩୧୩/୬୯ ପେନ୍‌ଶନର ମୁହାଜିର୍ କାଦିଆନ୍ ମୁତଓ୍ୱତନ୍ ସିଆଲ୍‌କୋଟ୍

(୨୯୨) ମୁହମ୍ମଦ ଶଫିଇ ଓ୍ୱଲଦ୍ ଶେଖ୍ ମୀର୍ ମୁହମ୍ମଦ୍ ନୈଶେହ୍‌ରା କକେଜଇଆଁ ଜିଲ୍ଲା ସିଆଲ୍‌କେଟ୍

(୨୯୩) ଅଲ୍ଲାଃ ଜଓ୍ୱାୟା ଅହେମଦୀ ସାକିନ୍ ଚିନୋଟ୍ ହାଲ୍ ଆଗ୍ରା ବୟତ ପ୍ରାୟ ୧୯୧୩ ମସିହା

(୨୯୪) ମରିୟମ୍ ଖାତୁନ୍ ପତ୍ନୀ ମୌଲବୀ ଅଲ୍ଲାଃଦତା ସାହେବ୍ ମରହୁମ୍ ଜମ୍ମୁ ହାଲ୍ ମୁହାଜିର୍ କାଦିଆନ୍

(୨୯୫) ସର୍‌ଦାର୍ ବେଶାରତ୍ ଅହ୍‌ମଦ୍ ଆଫ୍ରିକା ଓ୍ୱଲଦ୍ ମାଷ୍ଟର ଅବ୍‌ଦୁର୍ ରହ୍‌ମାନ୍ ସାହେବ ବି.ଏ କାଦିଆନ୍

(୨୯୬) ଡ଼ାଃ ଫତେହଦ୍ଦିନ୍ ଅହେମଦୀ ଜାଙ୍ଗପୁରୀ ସୁମ୍ମା କାଦିଆନୀ

(୨୯୭) ମରିୟମ୍ ଶାହ୍ ନଓ୍ୱାଜ୍ ଖାଁ ସୁପୁତ୍ରୀ ମିଆଁ ଅବ୍‌ଦୁର୍ ରଜାକ ସିଆଲ୍‌କୋଟି

(୨୯୮) ବିବି ନସିମା ଖାତୁନ୍ ଦାଦି (ଜେଜେ ମା) ମୋହ୍‌ତରମା ହଜ୍‌ରତ୍ ସାରା ବେଗମ୍ ର:ଅ ମୌଜା ଯମ୍‌ଗାଓଁ ଜିଲ୍ଲା ଭାଗଲ୍‌ପୁର୍ ବିହାର୍

(୨୯୯) ଶେଖ୍ ଅବ୍‌ଦୁଲ୍ଲାଃ ଓଭରସ୍କାଟ୍ ଗ୍ଲାସ୍‌ଗୋ ସ୍କଟ୍‌ଲ୍ୟାଣ୍ଡ

(୩୦୦) ଅଜିଜ୍ ବାନୁ ସୁପୁତ୍ରୀ ମୁନ୍‌ଶି ଫୟାଜ୍ ଅଲୀ ସରାଓ୍ୱା ଜିଲ୍ଲା ମେରଠ

(୩୦୧) ବାବୁ ଖୁଶି ମୁହମ୍ମଦ୍ ପାର୍ସଲ କ୍ଲର୍କ ଜିଲ୍ଲା ସୋହଦ୍‌ରାଃ କୋପ୍‌ରାଃ, ଜିଲ୍ଲା ଗୁଜ୍‌ରାଁଓ୍ୱାଲା

(୩୦୨) ନୁସ୍‌ରତ୍ ସୁଲ୍‌ତାନା ବେଗମ୍ ସାହିବା ଗୁଜ୍‌ରାତି ସୁମ୍ମା ଲାହୋରୀ

(୩୦୩) ମୁନ୍‌ଶି ଅବ୍‌ଦୁଲ୍ କରିମ୍ ମୌଜା ନୈଶେହ୍‌ରା କକେଜାଇଆଁ ଜିଲ୍ଲା ସିଆଲ୍‌କୋଟ

(୩୦୪) ସୟଦ୍ ମୁହମ୍ମଦ ହୁସୈନ୍ ଶାହ୍ ଓ୍ୱଲଦ୍ ଅତା ମୁହମ୍ମଦ ଶାହ୍ ମୁଖ୍‌ତାର୍ ଆମ୍ ସାହବ୍‌ଜାଦ୍‌ଗାନ୍ ମସିହ୍ ମଉଦ୍ ଆ:ସ ଓ୍ୱାଲିଦ୍ ଡ଼ାଃ ମୁହମ୍ମଦ ଜି ଅହେମଦୀ

(୩୦୫) କ୍ୟାପଟେନ୍ ଡ଼ାଃ ମୁହମ୍ମଦ୍ ଜି ଅହେମଦୀ ଓ୍ୱଲଦ୍ ସୟଦ୍ ମୁହମ୍ମଦ୍ ହୁସୈନ୍ ଶାହ୍ ମେଡ଼ିକାଲ୍ ଅଫିସର୍ ନନ୍‌କାନା ସାହେବ୍ ଜିଲ୍ଲା ଶେଖୋପୁରା

(୩୦୬) ବରକତୁନ୍ ନିସା ବେଗମ୍ ପତ୍ନୀ ସୟଦ୍ ମୁହମ୍ମଦ୍ ହୁସୈନ୍ ଶାହ୍ ମୁଖ୍‌ତାର୍ ଆମ୍ ସାହବ୍‌ଜଦ୍‌ଗାନ୍ ମସିହ୍ ମଉଦ୍ ଆ:ସ ଓ୍ୱାଲିଦ୍ ଡ଼ାଃ ମୁହମ୍ମଦ ଜି ଅହେମଦୀ

# ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାର ପ୍ରମାଣ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ଭବିଷ୍ୟତବାଣୀ ଆଲୋକରେ

(ହାଫିଜ୍ ସୟଦ୍ ରସୁଲ୍ ନିୟାଜ୍, ମୁବଲ୍ଲିଗ୍ ସିଲ୍‌ସିଲା, ନଜାରତ୍ ନଶ୍‌ରୋ ଇଶାଅତ୍ କାଦିଆନ୍)

ଯେଉଁଠାରେ ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ ଯେ, ଯେତେବେଳେ ମୁସଲମାନମାନେ ବାସ୍ତବିକ ନିଜ କର୍ମରେ ଦୁର୍ବଳ ହୋଇଯିବେ ସେତେବେଳେ ଇସ୍‌ଲାମ୍ ପତନର ଶିକାର ହେବ, ସେଠାରେ ମୁସଲ୍‌ମାନମାନଙ୍କୁ ଏ ସୁସମାଚାର ମଧ ଦେଇଥିଲେ ଯେ ଏହିଭଳି ସମୟରେ ଇସ୍‌ଲାମ୍‌ର ବିଜୟ ପାଇଁ ଅଲ୍ଲାଃ ତାଲା ଇମାମ୍ ମେହେଦୀଙ୍କୁ ପ୍ରେରଣ କରିବେ । ସେହି ମେହେଦୀଙ୍କୁ ଚିହ୍ନିବା ପାଇଁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ କେତେକ ଚିହ୍ନ / ନିଦର୍ଶନ ଉଲ୍ଲେଖ କରିଛନ୍ତି ଯଦ୍ୱାରା ମୁସଲମାନ ସେହି ମେହେଦୀଙ୍କର ବୟତ କରି ଆଧାତ୍ମିକ ଉନ୍ନତି କରିପାରିବେ ।

## କୁସୁଫ୍ ଓ୍ୱ ଖୁସୁଫ୍ (ସୂର୍ଯ୍ୟ ଓ ଚନ୍ଦ୍ରଗହଣ)ର ମହାନ୍ ଭବିଷ୍ୟବାଣୀ

ଇମାମ୍ ବାକର୍ ନିଜର ହଦିସ୍ ପୁସ୍ତକ ସୁନନେ ଦାରକୁତ୍‌ନିରେ ନିମ୍ନଲିଖିତ ହଦିସ୍ ଦରଜ କରିଛନ୍ତି:

”اِنَّ لِمَهْدِيِّنَا آيَتَيْنِ لَمْ تَكُوْنَا مُنْذُ خَلْقِ
السَّمٰوٰتِ وَالْأَرْضِ، يَنْكَسِفُ الْقَمَرُ
لِأَوَّلِ لَيْلَةٍ مِّنْ رَمَضَانَ ، وَ تَنْكَسِفُ
الشَّمْسُ فِيْ النِّصْفِ مِنْهُ، وَلَمْ تَكُوْنَا
مُنْذُ خَلَقَ اللّٰهُ السَّمٰوٰتِ وَ الْأَرْضَ“

(ସୁନନେ ଦାର୍ କୁତ୍‌ନି, କିତାବୁଲ୍ ଇଦୈନ୍, ବାବ୍ ସିଫତୁ ସଲାତୁଲ୍ ଖସୁଫ୍ ଓ୍ୱଲ୍‌କୁସୁଫ୍) ଅନୁବାଦ: ମୁହମ୍ମଦ ବିନ୍ ଅଲୀ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ: ନିଶ୍ଚିତରୂପେ ଆମ ମେହେଦୀଙ୍କ ନିମନ୍ତେ ଦୁଇଟି ଚିହ୍ନ / ନିଦର୍ଶନ ରହିଛି ଯାହା ଏ ପୃଥିବୀ ଓ ଆକାଶର ସୃଷ୍ଟି ହେବାଠାରୁ ନେଇ ଆଜି ପର୍ଯ୍ୟନ୍ତ ଘଟିନାହିଁ । ଚନ୍ଦ୍ରକୁ ରମ୍‌ଜାନ୍ ମାସରେ ତାକୁ ଗ୍ରହଣ ଲାଗୁଥିବା ରାତ୍ରିଗୁଡ଼ିକ ମଧ୍ୟରେ ପ୍ରଥମ ରାତିରେ ଗ୍ରହଣ ଲାଗିବ ଓ ସୂର୍ଯ୍ୟକୁ ମଧ୍ୟମ ତାରିଖରେ (ଅର୍ଥାତ ସୂର୍ଯ୍ୟପରାଗ ହେଉଥିବା ଧାର୍ଯ୍ୟ ତାରିଖ ମଧ୍ୟରୁ ମଧ୍ୟମ ତାରିଖରେ) ଗ୍ରହଣ ଲାଗିବ । ଏପରି ଘଟଣା ପୃଥିବୀ ଓ ଆକାଶ ସୃଷ୍ଟି ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ କେବେ ଘଟିନାହିଁ ।

ପୂର୍ବ ଧର୍ମଶାସ୍ତ୍ରଗୁଡ଼ିକରେ ଏହି ଚିହ୍ନ /ନିଦର୍ଶନର ଭବିଷ୍ୟବାଣୀ ଉଲ୍ଲେଖ ରହିଛି । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ମଧ୍ୟ ଏହି ଚିହ୍ନ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ଅଲ୍ଲାଃ ତାଲା କହିଛନ୍ତି:

وَخَسَفَ الْقَمَرُ. وَجُمِعَ الشَّمْسُ وَالْقَمَرُ
(القيامة: 9،10)

ଅର୍ଥାତ:- ଏବଂ ଚନ୍ଦ୍ରରେ ଗ୍ରହଣ ଲାଗିବ: ଏବଂ ସୂର୍ଯ୍ୟ ଓ ଚନ୍ଦ୍ରକୁ ଏକତ୍ରିତ କରାହେବ ।

*(ଅଲ୍‌କିୟାମାଃ: ୯,୧୦)*

ଏତଦ୍‌ବ୍ୟତୀତ ମୁସଲମାନମାନଙ୍କର ଦୁଇଟି ବଡ଼ ଫିର୍କା ଶିହା ଏବଂ ସୁନ୍ନି ଦୁହିଁଙ୍କର ହଦିସ୍ ପୁସ୍ତକରେ ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ ହେବା ମେହେଦୀଙ୍କ ପ୍ରକଟ ହେବାର ଲକ୍ଷଣ ରୂପେ ଅଭିହିତ କରାଯାଇଥିଲା ।

## ସୂର୍ଯ୍ୟ ଓ ଚନ୍ଦ୍ର ଗ୍ରହଣର ନିଦର୍ଶନୀୟ ପ୍ରକାଶ

ମୁସଲମାନମାନଙ୍କ ତରଫରୁ ବିଶେଷରୂପେ ଓ୍ୱଲେମାମାନଙ୍କ ତରଫରୁ ଯେବେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଭିଷଣ ବିରୋଧ କରାଗଲା ସେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସ ଅତ୍ୟନ୍ତ ବିନମ୍ର ହୋଇ ଅଲ୍ଲାଃ ତାଲାଙ୍କ ଛାମୁରେ ଏକ ବହୁତ ଲମ୍ବା ଦୁଆ କଲେ । ***(ନୁରୁଲ୍ ହକ୍, ଭାଗ-୧, ରୁହାନୀ ଖଜାଇନ୍, ଖଣ୍ଡ-୮, ପୃ-୧୮୪)*** । ଏହି ଦୁଆ (ପ୍ରାର୍ଥନା) କରିବାକୁ ପ୍ରାୟ ଏକ ମାସ ବିତିଥିବ ଯେ ଅଲ୍ଲାଃ ତାଲା ତାଙ୍କର ସେହି ଆକୁଳ ପ୍ରାର୍ଥନାକୁ ଗ୍ରହଣ କରିନେଲେ ଏବଂ ଅଲ୍ଲାଃ ତାଲା ତାଙ୍କର ସତ୍ୟତା ନିମନ୍ତେ ଚନ୍ଦ୍ର ଓ ସୂର୍ଯ୍ୟକୁ ଦୁଇଟି ଆକାଶୀୟ ସାକ୍ଷ୍ୟ ବନାଇ ଦେଲେ । ସୁତରାଂ ଠିକ୍ ଚତୁର୍ଦ୍ଦଶ ଶତାବ୍ଦୀ (ଚଉଦ ସଦି)ର ପ୍ରାରମ୍ଭରେ ଚନ୍ଦ୍ରଗ୍ରହଣ ପାଇଁ ଧାର୍ଯ୍ୟ ତାରିଖ (୧୩,୧୪,୧୫) ମଧ୍ୟରୁ ପ୍ରଥମ ରାତିରେ ଅର୍ଥାତ ୧୩ ରମ୍‌ଜାନ୍ ୧୩୧୧ ହିଜ୍‌ରୀ ମୁତାବକ ୨୧ ମାର୍ଚ୍ଚ ୧୮୯୪ ମସିହା ଦିନ ଗ୍ରହଣ ଲାଗିଲା ଏବଂ ସୂର୍ଯ୍ୟ ପରାଗ ପାଇଁ ଧାର୍ଯ୍ୟ ହୋଇଥିବା ତାରିଖ (୨୭,୨୮,୨୯) ମଧ୍ୟରୁ ମଧ୍ୟମ ତାରିଖ ଅର୍ଥାତ ୨୮ ରମ୍‌ଜାନ୍ ମୁତାବକ ୬ ଏପ୍ରିଲ୍ ୧୮୯୪ ମସିହାରେ ସୂର୍ଯ୍ୟ ପରାଗ ହେଲା । ତା'ପର ବର୍ଷ ଅର୍ଥାତ ୧୮୯୫ ମସିହାରେ ଏହି ମହାନ୍ ଚିହ୍ନ /ନିଦର୍ଶନ ଆମେରୀକାରେ ମଧ୍ୟ ପ୍ରକାଶ ହେଲା ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସ ଦୃଢ଼ତାର ସହିତ ନିଜ ସତ୍ୟତାପାଇଁ ଏହି ଚିହ୍ନକୁ ଉପସ୍ଥାପନ କରି ଲେଖିଲେ: "ଏହି ତେରଶହ ବର୍ଷ ମଧ୍ୟରେ ଅନେକ ଲୋକେ ମେହେଦୀ ହେବାର ଦାବି କରିଛନ୍ତି କିନ୍ତୁ କାହାପାଇଁ ଏହି ଆକାଶୀୟ ଚିହ୍ନ ପ୍ରକାଶ ହୋଇନାହିଁ.... ମତେ ସେହି ଈଶ୍ୱରଙ୍କ ରାଣ ଯାହାଙ୍କ ହାତମୁଠାରେ ମୋ ଜୀବନ ଅଛି, ସେ ମୋ ସତ୍ୟତା ପାଇଁ ଆକାଶରେ ଏ ଚିହ୍ନ ପ୍ରକାଶ କଲେ.... ମୁଁ ଖାନାକାବାରେ ଛିଡ଼ା ହୋଇ ହଲପ କରି କହିପାରିବି ଯେ ଏହି ଚିହ୍ନଦ୍ୱାରା ଶତାବ୍ଦୀ (ସଦି) ଚିହ୍ନିତ ହୋଇଗଲା । କାରଣ ଯେତେବେଳେ ଏ ଚିହ୍ନ ଚଉଦ ସଦି (ଚତୁର୍ଦ୍ଦଶ ଶତାବ୍ଦୀ)ରେ ଜଣେ ବ୍ୟକ୍ତିର ସତ୍ୟତା ପାଇଁ ପ୍ରକାଶିତ ହେଲା ସେତେବେଳେ ଏହା ଚିହ୍ନିତ / ଧାର୍ଯ୍ୟ ହୋଇଗଲା ଯେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ମେହେଦୀଙ୍କ ଆବିର୍ଭାବ ପାଇଁ ଚଉଦ ସଦିକୁ ହିଁ ଧାର୍ଯ୍ୟ କରିଥିଲେ"

***(ତୋହ୍‌ଫା ଗୋଲଡ଼୍ୱିୟା, ରୁହାନୀ ଖଜାଇନ୍, ଖଣ୍ଡ-୧୭, ପୃ-୧୪୨)***

ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜର ମଞ୍ଜୁମ୍ କଲାମ୍‌ରେ କହିଛନ୍ତି:
ଇସ୍‌ମଉ ସୌତସ୍ ସମା ଜାଅଲ୍ ମସିହ୍ ଜାଅଲ୍ ମସିହ୍
ନିଜ୍ ବିଶ୍‌ନଓ ଅଜ୍ ଜମିଁ ଆମଦ୍ ଇମାମେ କାମ୍‌ଗାର୍

## କାଦିଆନ୍‌ରେ ସୂର୍ଯ୍ୟ ପରାଗର ଦୃଶ୍ୟ

ଯେତେବେଳେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ଚିହ୍ନ ପ୍ରକାଶ ହେଲା ସେତେବେଳେ ବିଶେଷରୂପେ ମକ୍କାର ଅଧିବାସୀମାନେ ଖୁସିରେ ନାଚିବାକୁ ଲାଗିଲେ ଯେ ଏବେ ଇସ୍‌ଲାମ୍‌ର ଉନ୍ନତି କରିବା ସମୟ ଆସିଗଲା ଓ ଇମାମ୍ ମେହେଦୀ ଜନ୍ମ ହୋଇଗଲେଣି । ଏତଦ୍‌ବ୍ୟତିତ ସମସ୍ତ ଇସ୍‌ଲାମୀୟ ରାଷ୍ଟ୍ରମାନଙ୍କରେ ମଧ୍ୟ ବଡ଼ ଆନନ୍ଦ ପାଳନ କରାଗଲା । ଚନ୍ଦ୍ରଗ୍ରହଣ ହେବାପରେ ସୂର୍ଯ୍ୟପରାଗ ଦେଖିବାପାଇଁ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହିତ ନମାଜ କସୁଫ୍ ପାଠ କରିବା ନିୟତରେ ଅନେକ ସାହାବା କାଦିଆନ୍‌ରେ ଆସି ପହଂଚିଥିଲେ । ଅତଃ ହଜ୍‌ରତ୍ ମିର୍ଜା ଅୟୁବ୍ ବେଗ୍ ସାହେବ ର:ଅ କହନ୍ତି:-

"ରମ୍‌ଜାନ୍ ମାସରେ ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ ଲାଗିବାର ଭବିଷ୍ୟବାଣୀ ଦାର କୁତ୍‌ନି ଇତ୍ୟାଦି ହଦିସ୍‌ଗୁଡ଼ିକରେ ମେହେଦୀଙ୍କ ପାଇଁ ଲକ୍ଷଣ ସ୍ୱରୂପ ବର୍ଣ୍ଣିତ ରହିଛି । ମାର୍ଚ୍ଚ ୧୮୯୪ ମସିହାରେ ପ୍ରଥମେ ରମ୍‌ଜାନ୍ ମାସରେ ଚନ୍ଦ୍ରଗ୍ରହଣ ହେଲା । ଯେବେ ସେହି ରମ୍‌ଜାନ୍ ମାସରେ ସୂର୍ଯ୍ୟକୁ ଗ୍ରହଣ ଲାଗିବାର ସମୟ ପାଖେଇ ଆସିଲା ସେତେବେଳେ ଆମେ ଦୁଇଭାଇ ଏହା ମନସ୍ଥ କରି ଅର୍ଥାତ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହିତ ଏ ଚିହ୍ନ ଦେଖିବୁ, ତେଣୁ ଶନିବାର ଦିନ ସଂଧ୍ୟାବେଳେ ଲାହୋରରୁ ବାହାରି ପ୍ରାୟ ରାତି ଏଗାରଟା ବେଳେ ବଟାଲାରେ ପହଂଚିଲୁ । ତା'ପର ଦିନ (୬ ଏପ୍ରିଲ୍ ୧୮୯୪ ମସିହା) ସକାଳେ ଗ୍ରହଣ ଲାଗିବାର ଥିଲା । ଜୋର୍‌ରେ ପବନ ବହୁଥିଲା । ବାଦଲ ଗରଜୁଥିଲା ଓ ବିଜୁଳି ଚମକୁ ଥିଲା । ପବନ ବିପରୀତ ଦୀଗରୁ ବହୁଥିଲା ଫଳତ ଧୂଳିମାଟି ଆଖିରେ ପଡୁଥିଲା । ପାଦ ଠିକ୍‌ରେ ପଡୁନଥିଲା ଓ ରାସ୍ତା କେବଳ ବିଜୁଳି ଚମକର ଆଲୋକରେ ଦେଖାଯାଉଥିଲା । ତାଙ୍କ ସାଥିରେ ତାଙ୍କ ବନ୍ଧୁ ମୌଲବୀ ଅବ୍‌ଦୁଲ୍ ଅଲୀ ସାହେବ୍ ମଧ୍ୟ ଥିଲେ । ସମସ୍ତେ ଏହା ମନସ୍ଥ କଲେ ଯେ ଯାହା ପଛେ ତାହା ହେଉ ରାତାରାତି ଯାଇ କାଦିଆନ୍‌ରେ ପହଂଚିବାକୁ ହେବ । ସୁତରାଂ ତିନିଜଣଯାକ ରାସ୍ତାରେ ଛିଡ଼ା ହୋଇ ବହୁତ ଆକୁଳ ହୋଇ ଦୁଆ କଲୁଁ ଯେ ହେ ଅଲ୍ଲାଃ ! ପୃଥିବୀ ଓ ଆକାଶର ଅଧିକାରୀ ଅଲ୍ଲାଃ ! ଆମେ ତୋର ନିମିତ ଭକ୍ତ, ତୁମ ମସିହ୍‌ଙ୍କ ଦର୍ଶନ ପାଇଁ ଯାଉଅଛୁ, ଥଣ୍ଡା ପଡ଼ିଛି, ତୁମେ ହିଁ ଆମ ଉପରେ ଦୟା କର । ଆମ ପାଇଁ ରାସ୍ତାର ଅସୁବିଧାକୁ ଦୂର କରିଦିଅ ଏବଂ ଏହି ବିପରୀତ ମୁଖି ପବନକୁ ଦୂର କରିଦିଅ । ଏବେ ଦୁଆ (ପ୍ରାର୍ଥନା) କରିବାର ଶେଷ ଶବ୍ଦ ମୁହଁରେ ହିଁ ଥିଲା ଯେ ପବନର ଦୀଗ ପରିବର୍ତନ ହେଲା ଓ ସମ୍ମୁଖରୁ ବହିବା ପରିବର୍ତେ ପଛପଟୁ ବହିବାକୁ ଲାଗିଲା ଏବଂ ଯାତ୍ରାର ସହାୟକ ହୋଇଗଲା । ଏମିତି ଲାଗୁଥିଲା ଯେମିତି ଆମେ ପବନରେ

ଉଡ଼ି ଉଡ଼ି ଯାଉଅଛୁ । ଅଳ୍ପ ସମୟ ଭିତରେ ନହର୍ (ଛୋଟ ନଦୀ) ନିକଟରେ ପହଂଚିଗଲୁ । ଏଠାରେ କିଛିଟା ବର୍ଷା ହେବାକୁ ଲାଗିଲା । ନହର୍ ନିକଟରେ ଏକ କୋଠା ଥିଲା, ଆମେ ସେଥିରେ ପଶିଗଲୁ । ସେ ସମୟରେ ଗୁର୍‌ଦାସ୍‌ପୁର ଜିଲ୍ଲାର ଅଧିକାଂଶ ସଡ଼କ/ରାସ୍ତାରେ ଡ଼କାୟତି ହେଉଥିଲା । ଦିଆସିଲ୍ ଜଳାଇ ଦେଖିଲୁ ଯେ କୋଠା ଟି ଖାଲି ଅଛି ଏବଂ ତା'ଭିତରେ ଦୁଇଟି ଓପ୍‌ଲେ ଏବଂ ଗୋଟିଏ ମୋଟା ଇଟା ପଡ଼ିଥିଲା । ପ୍ରତ୍ୟେକ ଗୋଟିଏ ଗୋଟିଏ ନେଇ ନିଜ ମୁଣ୍ଡତଳେ ରଖିଲୁ ଓ ଭୂଇଁ ଉପରେ ଶୋଇ ପଡ଼ିଲୁ । କିଛି ସମୟ ପରେ ଆଖି ଖୋଲିବାରୁ ଦେଖିଲୁ ଯେ ତାରା ବାହାରିଛନ୍ତି ଆକାଶ ନିର୍ମଳ ହୋଇଯାଇଛି ଏବଂ ବାଦଲ ଓ ପାଣିପବନର ଚିହ୍ନବର୍ଣ୍ଣ ନଥିଲା । ତେଣୁ ଆମେ ସେଠାରୁ ବାହାରି ପଡ଼ିଲୁ ଓ ସହ୍‌ରି (ରୋଜା ରଖିବା ପାଇଁ ଖାଦ୍ୟ) ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଦସ୍ତର୍‌ଖାନ୍ (ଖାଇବା ଟେବୁଲ୍)ରେ ଖାଇଲୁଁ ।

ସକାଳେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହିତ କସୁଫ୍ (ସୂର୍ଯ୍ୟପରାଗ) ର ନମାଜ ପଢ଼ିଲୁଁ, ଯାହା ହଜ୍‌ରତ୍ ମୌଲଭି ମୁହମ୍ମଦ୍ ଅହ୍‌ସନ୍ ସାହେବ୍ ଅମ୍‌ରୋହି ମସ୍‌ଜିଦ୍ ମୁବାରକ୍‌ର ଛାତ ଉପରେ ପଢ଼ାଇଲେ । ପ୍ରାୟ ତିନିଘଂଟା ପର୍ଯ୍ୟନ୍ତ ଏହି ନମାଜ ଇତ୍ୟାଦି ଜାରି ରହିଲା । ଅନେକ ଲୋକେ ଅଇନା ଉପରେ କାଳି ଲଗାଇଥିଲେ ଓ ତା' ସାହାଯ୍ୟରେ ଗ୍ରହଣ ଦେଖିବାରେ ବ୍ୟସ୍ତ ଥିଲେ । ଏବେ ସାମାନ୍ୟ କାଳି ଆଇନାରେ ଲଗାଇବା ଆରମ୍ଭ ହୋଇଥିଲା ଯେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ କେହି ଜଣେ କହିଲେ ସୂର୍ଯ୍ୟଗ୍ରହଣ ଆରମ୍ଭ ହୋଇଗଲାଣି । ତେଣୁ ହଜ୍‌ରତ୍ ମସିହ ମଉଦ୍ ଆ:ସ ସେହି ଆଇନା କାଚ ସାହାଯ୍ୟରେ ଦେଖିଲେ ଯେ ତାହା ଅତ୍ୟନ୍ତ ହାଲୁକା କଳା ରଙ୍ଗର ଜଣାପଡ଼ିଲା । ଏଥିରେ ହଜୁର ଆ:ସ ଦୁଃଖ ପ୍ରକାଶ କରି କହିଲେ ଯେ ଏହି ଗ୍ରହଣକୁ ଆମେ ତ ଦେଖିନେଲୁ କିନ୍ତୁ ଏତେ ଅଳ୍ପ ମାତ୍ରାରେ ହୋଇଛି ଯେ ଏହା ସାଧାରଣ ଲୋକମାନଙ୍କ ଆଖିରୁ ଲୁଚି ରହିଯିବ ଯଦ୍ୱାରା ଏକ ମହାନ୍ ଭବିଷ୍ୟବାଣୀର ଚିହ୍ନ ସନ୍ଦେହରେ ରହିଯିବ । ହଜୁର ଆ:ସ ଅନେକ ଥର ଏକଥା କହିଲେ ଅଳ୍ପ ସମୟ ମଧ୍ୟରେ କାଳିମା (ସୂର୍ଯ୍ୟରେ ଗ୍ରହଣ ଲାଗିବାର ଅନ୍ଧକାର) ବଢ଼ିବାକୁ ଲାଗିଲା ଏପରିକି ସୂର୍ଯ୍ୟର ଅଧିକାଂଶ ଭାଗ ଅନ୍ଧକାର ହୋଇଗଲା" । ***(ଅସ୍‌ହାବେ ଅହେମଦ୍, ଖଣ୍ଡ-୧, ପୃ-୯୨-୯୪ ରିୱାୟତ୍ ହଜ୍‌ରତ୍ ମିର୍ଜା ଅୟୁବ୍ ବେଗ୍ ସାହେବ୍ ର:ଅ)***

## ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ଚିହ୍ନ / ନିଦର୍ଶନକୁ ଦେଖି ବୟତ କରିଥିବା ସାହାବା (ସାଥି)ମାନଙ୍କର ଘଟଣା

ଇମାମ୍ ମେହେଦୀଙ୍କ ସତ୍ୟତାର ନିଦର୍ଶନ ରୂପେ ଏହି ଭବିଷ୍ୟବାଣୀ ବହୁତ ପ୍ରଶିଦ୍ଧ ଓ ଲୋକପ୍ରିୟ ହୋଇସାରିଥିଲା । ଅତଏବ ଯେବେ ଏହି ନିଶାନ୍ (ଚିହ୍ନ / ନିଦର୍ଶନ) ପ୍ରକାଶ ହେଲା ସେତେବେଳେ ଖଳ ପ୍ରକୃତିର ଓ୍ୱଲେମାମାନେ ତାଙ୍କ ଆଚରଣ ଅନୁଯାୟୀ ଏହାକୁ ଅସ୍ୱୀକାର କଲେ ଏବଂ ସାଧାରଣ ମୁସଲମାନମାନଙ୍କୁ ଏହି ସତ୍ୟତା ଗ୍ରହଣ କରିବାରୁ ଯଥା ସମ୍ଭବ ରୋକିବା ପାଇଁ ଚେଷ୍ଟା କଲେ କିନ୍ତୁ ହଜାର ହଜାର ପୂଣ୍ୟ ସ୍ୱଭାବର ବ୍ୟକ୍ତିମାନଙ୍କୁ ଅହେମଦୀୟତ୍ ଗ୍ରହଣ କରିବାପାଇଁ ସୌଭାଗ୍ୟ ପ୍ରାପ୍ତ ହେଲା । ଅତଃ ହଜ୍‌ରତ୍ ମସିହ ମଉଦ୍ ଆ:ସ କହୁଛନ୍ତି:

"ଆମ ପାଇଁ ସୂର୍ଯ୍ୟ ଓ ଚନ୍ଦ୍ର ଗ୍ରହଣର ଚିହ୍ନ ପ୍ରକାଶ ହେଲା ଏବଂ ଶହ ଶହ ଲୋକେ ଏହା ଦେଖି ଆମ ଯାମତ୍‌ରେ ଦିକ୍ଷୀତ ହେଲେ । ଏହି ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ ଦ୍ୱାରା ଆମକୁ ଖୁସି ମିଳିଲା ଓ ବିରୋଧିମାନଙ୍କୁ ଅପମାନ/ଲଜ୍ୟା । କଣ ସେମାନେ ରାଣ ଖାଇ କହିପାରିବେ ଯେ କଣ ସେମାନଙ୍କର ମନ ଏକଥା ଚାହୁଁଥିଲା ଯେ ଏଭଳି ଅବସରରେ ଯେତେବେଳେ ଆମେ ମେହେଦୀ ମଉଦ୍ (ପ୍ରତିଶୃତ ମେହେଦୀ) ହେବାର ଦାବି କରିଅଛୁ, ଏହି ସମୟରେ ସୂର୍ଯ୍ୟ ପରାଗ ଓ ଚନ୍ଦ୍ରଗ୍ରହଣ ହୋଇଯାଉ ଏବଂ ଆରବ ଦେଶରେ ଏହାର ଚିହ୍ନବର୍ଣ୍ଣ ନ ରହୁ । ପୁଣି ଯେତେବେଳେ ଇଚ୍ଛା ବିପରୀତ ପ୍ରକାଶ ହେଲା ସେତେବେଳେ ଅବଶ୍ୟ ସେମାନଙ୍କର ମନ ଦୁଃଖିତ ହୋଇଥିବ ଓ ଏଥିରେ ସେମାନେ ନିଜର ଅପମାନ ବୋଧ କରିଥିବେ"

***(ଅନୱାରୁଲ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍, ଖଣ୍ଡ୦୯, ପୃ-୩୩)***

ଏହି ମହାନ୍ ଚିହ୍ନକୁ ଦେଖି ଅହେମଦୀୟତ୍‌ରେ ଦିକ୍ଷୀତ ହୋଇଥିବା ପୂଣ୍ୟବନ୍ତ ଲୋକମାନଙ୍କର ଅନେକ ଘଟଣାବଳୀ ମିଳୁଅଛି । ଦୁଇଟି ଘଟଣା ଉପସ୍ଥାପନ କରାଯାଉଅଛି:

(୧) ହଜ୍‌ରତ୍ ଖଲିଫତୁଲ୍ ମସିହ୍ ପଂଚମ ଅ:ବ:ଅ ନିଜର ବ୍ୟକ୍ତିଗତ ଅଭିଜ୍ଞତାକୁ ବର୍ଣ୍ଣନା କରି କହୁଛନ୍ତି:

"ବହୁତ ପୁରୁଣା କଥା । ପ୍ରାୟ ୧୯୬୬ ମସିହାର କଥା । ମୁଁ ସର୍ଗୋଧା ଇଲାକାକୁ ୱକ୍‌ଫେ ଆର୍‌ଜି କରିବାପାଇଁ ଯାଇଥିଲି ସେଠାରେ ଏକ ସୁଦୁର ଗ୍ରାମକୁ ଯିବାପାଇଁ ସୁଯୋଗ ମିଳିଲା । ସେଠାରେ ଜଣେ ବହୁତ ବୃଦ୍ଧା ମହିଳା ମିଳିଲେ । ଯେତେବେଳେ ଆମେ ନିଜର ପରିଚୟ ଦେଲୁ ଯେ ଆମେ ରବ୍‌ୱାରୁ ଆସିଛୁ ଓ ଆମେ ହେଉଛୁ ଅହେମଦୀ । ଏହା ଶୁଣି ସେ କହିଲେ ଯେ ମୁଁ ମଧ୍ୟ ଅହେମଦୀ ଅଟେ । ଆମେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାକୁ ଦେଖି ସେ ସମୟରେ ଅହେମଦୀ ହୋଇଥିଲୁ । ସେ କହିଲେ: ମୁଁ ଛୋଟ ପିଲା ଥିଲି ମୋ ମା'ବାପା ସେତେବେଳେ ଥିଲେ । ଏ ଇଲାକାରେ ବିଲ୍‌କୁଲ୍ ଜଙ୍ଗଲି ଅଚଂଳରେ, ଗ୍ରାମାଂଚଳରେ, ଗ୍ରାମିଣ ଅଶିକ୍ଷିତ ଲୋକମାନେ ମଧ୍ୟ ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣର ଚିହ୍ନ / ନିଦର୍ଶନକୁ ଦେଖି ଅହେମଦୀ ହୋଇଗଲେ । ଅଲ୍ଲାଃ ତାଲା ସେ ସମୟରେ ମଧ୍ୟ ଅନେକ ଲୋକଙ୍କୁ ଏହି ଚିହ୍ନ ଦ୍ୱାରା ହିଦାୟତ୍ (ସତ୍‌ପଥ/ମାର୍ଗଦର୍ଶନ) ପ୍ରଦାନ କରିଥିଲେ ।" ***(ଖୁତ୍‌ବା ଯୁମା ୩୦ ଜୁନ୍ ୨୦୦୬)***

(୨) "ହଜ୍‌ରତ୍ ଗୁଲାମ୍ ମୁହମ୍ମଦ ସାହେବ ର:ଅ ବର୍ଣ୍ଣନା କରୁଛନ୍ତି ଯେ ପ୍ରଥମେ ଗାଁରେ ବଦ୍‌ରୁଦ୍ଦିନ୍ ସାହେବ ନାମକ ଜଣେ ମୌଲବୀ ସାହାବ୍ ଥିଲେ । ସେ ସମୟରେ ମୋ ବୟସ ପ୍ରାୟ ପନ୍ଦରବର୍ଷ ହେବ । ମୁଁ ମୌଲବୀ ବଦ୍‌ରୁଦ୍ଦିନ୍ ସାହେବଙ୍କ ଘର ସମ୍ମୁଖରେ ଛିଡ଼ା ହୋଇଥିଲି ଯେ ଦିନ ବେଳା ସୂର୍ଯ୍ୟକୁ ଗ୍ରହଣ ଲାଗିଲା । ମୌଲବୀ ସାହେବ କହିଲେ: ସୁବ୍‌ହାନଲ୍ଲାଃ ! ମେହେଦୀ ସାହେବଙ୍କ ଲକ୍ଷଣ ପ୍ରକାଶ ହୋଇଗଲା ଓ ତାଙ୍କ ଆଗମନର ସମୟ ଆସିଯାଇଛି । କିଛିଦିନ ବିତିଯିବା ପରେ ମୌଲବୀ ସାହେବ ଅହେମଦୀ ହୋଇଗଲେ । ମୌଲବୀ ସାହେବ ଜଣେ ଅତ୍ୟନ୍ତ ନିଷ୍ଠାବାନ, ଉତମ ସ୍ୱଭାବ ଏବଂ ଖୋଲା ହୃଦୟର ବ୍ୟକ୍ତି ଥିଲେ । ସେ ନିଜ ମାଆ ବାପା ଓ ପତ୍ନୀଙ୍କୁ ଏକ ବର୍ଷ ଚେଷ୍ଟା କରି ଅହେମଦୀ କରିଦେଲେ ।" ***(ଖୁତ୍‌ବା ଯୁମା ୨୦ ମାର୍ଚ୍ଚ ୨୦୧୫)***

## ଚନ୍ଦ୍ର ଓ ସୂର୍ଯ୍ୟଗ୍ରହଣର ଚିହ୍ନ / ନିଦର୍ଶନକୁ ଅସ୍ୱୀକାର ଇଶ୍ୱରଙ୍କ କ୍ରୋଧକୁ ଡ଼ାକି ଆଣିଥାଏ

ଏହି ମହାନ୍ ନିଦର୍ଶନ ପ୍ରକାଶ ହେବାର ଆଜକୁ ୧୨୫ ବର୍ଷ ବିତିଗଲାଣି କିନ୍ତୁ ଦୁଃଖର ବିଷୟ ଆଜି ମଧ୍ୟ ମୁସଲମାନମାନେ ଓ ଅନ୍ୟାନ୍ୟ ଧର୍ମର ଲୋକମାନେ ଏ ପର୍ଯ୍ୟନ୍ତ ମଉଦେ ଅକ୍‌ୱାମେ ଆଲମ୍ (ଅର୍ଥାତ ଦୁନିଆର ପ୍ରତ୍ୟେକ ଧର୍ମରେ ବର୍ଣ୍ଣିତ ପ୍ରତିଶୃତ ସଂସ୍କାରକ)ଙ୍କ ଆଗମନକୁ ଅପେକ୍ଷା କରିରହିଛନ୍ତି । ଅତଏବ ଇଶ୍ୱରଙ୍କର ଏହି ଦୂତଙ୍କୁ ଅସ୍ୱୀକାର କରିବା ହେଉଛି ଇଶ୍ୱରଙ୍କ କ୍ରୋଧକୁ ଆମନ୍ତ୍ରଣ କରିବା । ହଜ୍‌ତର୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ପଂଚମ ଅ:ବ:ଅ କହୁଛନ୍ତି: "ଯଦି ଏହି ଚିହ୍ନ /ଲକ୍ଷଣ/ନିଦର୍ଶନ ପୂରଣ ହେଉଅଛି ତେବେ ମସିହ୍‌ଙ୍କ ଆଗମନକୁ ଏପର୍ଯ୍ୟନ୍ତ କାହିଁକି ଅପେକ୍ଷା କରାଯାଉଛି ? ମସିହ୍‌ଙ୍କୁ କାହିଁକି କୟାମତ୍ ସହିତ ମିଶାଇବାକୁ ଚେଷ୍ଟା କରାଯାଉଅଛି ? ଏହା କେବଳ ଏକ ହଟତା ଓ ଜିଦ୍ଦି । ଅଲ୍ଲାଃ ହିଁ ସେମାନଙ୍କୁ ବୁଦ୍ଧି ଦିଅନ୍ତୁ । ପୁଣି ଏକ ହଦିସ୍ ମସିହ୍‌ଙ୍କ ଆଗମନର ଚିହ୍ନ ସ୍ୱରୁପ ରହିଛି ଏବଂ ଏହା ଏପରି ହଦିସ୍, ତାହାକୁ ଯେବେ ମଧ୍ୟ ଅହେମଦୀମାନେ ଉପସ୍ଥାପନ କରିଥାନ୍ତି ସେତେବେଳେ ବିରୋଧିମାନେ ତାହାକୁ ଖଣ୍ଡନ କରିପାରୁନାହାନ୍ତି । ତାହା ହେଉଛି ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ ଏବଂ ଏହି ଚିହ୍ନ / ନିଦର୍ଶନକୁ ଆମେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସତ୍ୟତା ନିମନ୍ତେ ଉପସ୍ଥାପନ କରିଥାଉଁ....... ଏକ ଉଜ୍ଜ୍ୱଳ ଚିହ୍ନ ଯାହାକୁ ଚ୍ୟାଲେଞ୍ଜ ଆକାରରେ ଉପସ୍ଥାପନ କରାଯାଉଅଛି ଓ ଯାହାର ବ୍ୟାଖ୍ୟା ଇମାମ୍ ବାକର୍ ମଧ୍ୟ କରିଛନ୍ତି । ସେ କହିଛନ୍ତି ଯେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସମୟରେ ସୂର୍ଯ୍ୟ ଓ ଚନ୍ଦ୍ରକୁ ଗ୍ରହଣ ଲାଗିବାର ଥିଲା । ସୁତରାଃ ପୁଣି ଏବେ ଏ କଥା କହିବା ଯେ ଏପର୍ଯ୍ୟନ୍ତ ମସିହ୍ ମଉଦଙ୍କ ଆଗମନର ସମୟ ଆସିନାହିଁ ତାହେଲେ ଏହା ଖୁଦାଙ୍କ କ୍ରୋଧକୁ ଡ଼ାକି ଆଣିବା କଥା ହେବ ।" ***(ଖୁତ୍‌ବା ଯୁମା ୩/ ଫେବୃୟାରୀ ୨୦୦୬ ବହ୍‌ୱାଲା ଖୁତ୍‌ବାତେ ମସ୍‌ରୁର୍ ଖଣ୍ଡ-୪, ପୃ-୭୨)***

*ଆସ୍‌ମାଁ ମେରେ ଲିଏ ତୁନେ ବନାୟା ଇକ୍ ଗୱାହ୍*
*ଚାନ୍ଦ ଅଓର୍ ସୁରଜ୍ ହୁଏ ମେରେ ଲିଏ ତାରିକ୍ ଓ ତାର*
*ସାଫ୍ ଦିଲ୍ କୋ କସ୍‌ରତେ ଏଯାଜ୍ କି ହଜାତ୍ ନହିଁ*
*ଇକ୍ ନିଶାଁ କାଫି ହୈ ଗର୍‌ଦିଲ୍ ମେଁ ହୈ ଖୌଫେ୍ କର୍‌ଦିଗାର୍*
*ହୈ କୋଇ କାଜିବ୍ ଜାହାଁ ମେଁ ଲାଓ ଲୋଗୋ କୁଛ୍ ନଜିର୍*
*ମେରେ ଜୈସି ଜିସ୍‌କି ତାଇଦେଁ ହୁଇ ହୋଁ ବାର୍ ବାର୍*

ଇଶ୍ୱରଙ୍କ ନିକଟରେ ଏ ପ୍ରାର୍ଥନା ଯେ ଇଶ୍ୱର ମୁସଲମାନମାନଙ୍କୁ ଏବଂ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଏହି ମହାନ୍ ଚିହ୍ନକୁ/ନିଦର୍ଶନକୁ ବୁଝିବା ପାଇଁ ଏବଂ ମଉଦେ ଅକ୍‌ୱାମେ ଆଲମ୍‌ଙ୍କୁ ଗ୍ରହଣ କରିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍............

# ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାର ପ୍ରମାଣ ପୂର୍ବବର୍ତ୍ତୀ ବୁଜୁର୍ଗ (ଅର୍ଥାତ ସିଦ୍ଧପୁରୁଷମାନଙ୍କ) ଭବିଷ୍ୟତବାଣୀ ଆଧାରରେ

**(ମାସୁମୁର୍ ରଶିଦ୍ ତବ୍‌ରେଜ୍, ମୁରବୀ ସିଲ୍‌ସିଲା, ତାରିଖେ ଅହେମଦୀୟତ୍ ବିଭାଗ କାଦିଆନ୍)**

ଏ ଦୁନିଆରେ ଯେତେବେଳେ ବି କୌଣସି ପ୍ରତିଶ୍ରୁତ ନବୀ ବା ରସୁଲ୍ ପ୍ରକଟ ହୋଇଛନ୍ତି, ତାଙ୍କ ଆଗମନର ଖବର ଖୁଦାତାଲା ତାଙ୍କ ଆର୍ବିଭାବ ହେବା ପୂର୍ବରୁ ହିଁ ନିଜ ପ୍ରୀୟ ଭକ୍ତମାନଙ୍କୁ ଦେଇଥାଏ ଏବଂ ଏହି ଖବର ଖୁଦାତାଲାଙ୍କ ନିକଟତର ବୁଜୁର୍ଗ ଅର୍ଥାତ ଆସନ୍ତା ପିଢ଼ିଙ୍କ ପାଇଁ ଭବିଷ୍ୟବାଣୀ ରୂପରେ ସଂଚୟ କରିଯାଇଥାନ୍ତ। ସେହି ଭବିଷ୍ୟବାଣୀଗୁଡ଼ିକରେ ପ୍ରତିଶ୍ରୁତ ନବୀଙ୍କ ଆଗମନର ସମୟ ମଧ ବର୍ଣ୍ଣନା କରାଯାଇଥାଏ ଓ ସ୍ଥାନ ବି ବର୍ଣ୍ଣନା ହୋଇଥାଏ। ଏତଦ୍‌ବ୍ୟତିତ ଭବିଷ୍ୟବାଣୀଗୁଡ଼ିକରେ ପ୍ରତିଶ୍ରୁତ ଯୁଗର ଚିହ୍ନ / ଲକ୍ଷଣ ଏବଂ ବିଶେଷ ଗୁଣ ସମ୍ବନ୍ଧରେ ମଧ ଚର୍ଚ୍ଚା ହୋଇଥାଏ। ବାଇବେଲ୍‌ର ଅନେକ ସ୍ଥାନରେ ହଜ୍‌ରତ୍ ଇସା ଆ:ସଙ୍କ ସମ୍ବନ୍ଧରେ ମଧ ଓ ଆମ ପ୍ରୀୟ ମୁନୀବ ସୟଦ୍ ଓ ମୌଲା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ସମ୍ବନ୍ଧରେ ବନି ଇସ୍‌ରାଇଲ୍ ନବୀମାନଙ୍କ ଭବିଷ୍ୟବାଣୀଗୁଡ଼ିକରେ ମିଳିଥାଏ। ରସୁଲେ ଅକ୍ରମ୍ ସ:ଆ:ସ ନିଜ ସମ୍ପ୍ରଦାୟର ଓ୍ୱଲେମାମାନଙ୍କ ନିମନ୍ତେ କହିଛନ୍ତି:

عُلَمَاءُ اُمَّتِيْ كَاَنْبِيَاءِ بَنِيْ اِسْرَائِيْلَ

ଓ୍ୱଲମାଉ ଉମ୍ମତି କଅମ୍ବିୟାଇ ବନି ଇସ୍‌ରାଇଲ୍: ଅର୍ଥାତ ମୋ ସମ୍ପ୍ରଦାୟର ଓ୍ୱଲେମାମାନେ ବନି ଇସ୍‌ରାଇଲ୍‌ର ନବୀମାନଙ୍କ ସଦୃଶ ହେବେ।

ରସୁଲେ କରିମ୍ ସ:ଆ:ସଙ୍କ ଉମ୍ମତ (ସମ୍ପ୍ରଦାୟ)ରେ ଯେଉଁ ପୂଣ୍ୟବନ୍ତ ବୁଜୁର୍ଗମାନେ ଆସିଛନ୍ତି, ସେମାନେ ଆସିବାକୁ ଥିବା ପ୍ରତିଶ୍ରୁତ ମସିହ୍ ଓ ମେହେଦୀଙ୍କ ସମ୍ବନ୍ଧରେ ତାଙ୍କ ଆବିର୍ଭାବ ହେବା ପୂର୍ବରୁ ହିଁ ବନି ଇସ୍‌ରାଇଲ୍‌ର ନବୀମାନଙ୍କ ସଦୃଶ ଭବିଷ୍ୟବାଣୀ କରିଛନ୍ତି। ଏହି ସମସ୍ତ ଭବିଷ୍ୟବାଣୀଗୁଡ଼ିକ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହ୍‌ମଦ୍ କାଦିଆନି ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହେବା ଦ୍ୱାରା ଦିବାଲୋକ ପରି ପୂରଣ ହୋଇଗଲେ ଏବଂ ମହାଭାଗ ଆ:ସଙ୍କ ସତ୍ୟତା ନିମନ୍ତେ ଏକ ନିଦର୍ଶନ ସାବ୍ୟସ୍ତ ହୋଇଗଲେ। ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:

"ମୁସଲମାନମାନଙ୍କ ମଧ୍ୟରୁ ବହୁତ ଅହ୍‌ଲେ କଶଫ୍ (ଅର୍ଥାତ ଯେଉଁମାନେ ଆଲୌକିକ ଦୃଶ୍ୟ ଜାଗ୍ରତ ଅବସ୍ଥାରେ ବା ଅର୍ଦ୍ଧ ନିଦ୍ରିତ ଅବସ୍ଥାରେ ଅବଲୋକନ କରିଥାନ୍ତି) ଅଛିନ୍ତ, ଯେଉଁମାନଙ୍କର ସଂଖ୍ୟା ଏକ ହଜାରରୁ କିଛି ଅଧିକ ହେବ, ସେମାନେ ନିଜର ସେହି ଆଲୌକିକ ଦୃଶ୍ୟ ଜରିଆରେ ଈଶ୍ୱରଙ୍କ ବାଣୀର ସୂଚନାରୁ ଏକ ସ୍ୱରରେ ଏ କଥା କହିଯାଇଛନ୍ତି ଯେ ମସିହ୍ ମଉଦ୍‌ଙ୍କ ଆବିର୍ଭାବ ଚତୁର୍ଦ୍ଦଶ ଶତାବ୍ଦିର ପ୍ରାରମ୍ଭରୁ ଆଗକୁ କଦାପି ବଢ଼ିବ ନାହିଁ ଏବଂ ଏହା ଅସମ୍ଭବ ଯେ ବହୁସଂଖ୍ୟକ ଅହ୍‌ଲେ କଶଫ୍, ଯେଉଁମାନେ ପ୍ରାରମ୍ଭ ଓ ଶେଷରେ ଆସିଛନ୍ତି, ସେମାନେ ସମସ୍ତେ ମିଥ୍ୟାବାଦୀ ହେବେ ଏବଂ ସେମାନଙ୍କର ସମସ୍ତ ସୂଚନା ମଧ ମିଥ୍ୟା ହେବ"

***(ତୋହ୍‌ଫା ଗୋଲଡ଼୍ୱିୟା, ରୁହାନି ଖଜାଇନ୍, ଖଣ୍ଡ-୧୭, ପୃ-୩୨୬)***

(୧) ଉମ୍ମତର ଏପରି ପୂଣ୍ୟବାନ ବୁଜୁର୍ଗମାନଙ୍କ ମଧ୍ୟରୁ ଜଣେ ହୋଇଛନ୍ତି ଅଲାମାଃ ଅବ୍‌ଦୁଲ୍ ଓ୍ୱହାବ ଅଶ୍‌ଶେରାନୀ ରମ୍‌ମତୁଲ୍ଲାଃ ଆଲେ ହି ଅଲ୍‌ମତଓ୍ୱଫି ୯୭୬ ହିଜ୍‌ରୀରେ ନିଜର ପୁସ୍ତକ ଅଲୟଓ୍ୱାକିତ୍ ଓ୍ୱଲଜଓ୍ୱାହିର୍ ରେ ଉଲ୍ଲେଖ କରିଛନ୍ତି:

"مَوْلِدُهٗ لَيْلَةَ النِّصْفِ مِنْ شَعْبَانَ
سَنَةَ خَمْسِيْنَ وَمِائَتَيْنِ بَعْدَ الْاَلْفِ

ଅର୍ଥାତ: ଇମାମ୍ ମେହେଦୀ ଆ:ସଙ୍କ ଜନ୍ମ ୧୨୫୦ ହିଜ୍‌ରୀରେ ହେବ।

***(ନୂରୁଲ୍ ଅବ୍‌ସାର୍ ଫି ମନାକିବେ ଆଲେ ବୟତୁନ୍ ନବୀ ଅଲ୍‌ମୁଖ୍‌ତାର)***

(୨) ଦ୍ୱାଦଶ ଶତାବ୍ଦୀର ମୁଜଦ୍ଦିଦ୍ (ସଂସ୍କାରକ) ହଜ୍‌ରତ ଶାହ୍ ଓ୍ୱଲିଅଲ୍ଲାଃ ମୁହଦିସ୍ ଦେହ୍‌ଲୁଓ୍ୱି ରହମତୁଲ୍ଲାଃ ଆଲେହିଙ୍କୁ ସ୍ୱୟଂ ଅଲ୍ଲାଃ ତାଲା ଜ୍ଞାନ ପ୍ରଦାନ କରିଥିଲେ ଯେ

"اَلْمَهْدِيُّ تَهَيَّأَ لِلْخُرُوْجِ"

"ଅଲ୍‌ମହ୍‌ଦିୟୁ ତହୟଅ ଲିଲ୍‌ଖୁରୁଜି" ଅର୍ଥାତ ଇମାମ୍ ମେହେଦୀ ଆସିବାପାଇଁ ପ୍ରସ୍ତୁତ ଅଛନ୍ତି। ***(ତଫ୍‌ହିମାତେ ଇଲୈହା, ଖଣ୍ଡ-୨, ପୃ-୧୨୩)***

ନଓ୍ୱାବ ସିଦ୍ଦିକ ହସନ୍ ଖାନ୍ ସାହେବ୍ ନିଜର ରଚିତ ପୁସ୍ତକ ହୁଜଜୁଲ୍ କିରାମାଃ ଫି ଆସାରିଲ୍ କିୟାମାଃର ପୃ-୩୯୪ରେ ଇମାମ୍ ମେହେଦୀ ଆ:ସଙ୍କ ସମ୍ବନ୍ଧରେ ଲେଖିଛନ୍ତ। ସେହି ଫାର୍ସୀ ବାକ୍ୟର ଉର୍ଦ୍ଦୁ ଅନୁବାଦ ହେଉଛି ଏପରି:

ହଜ୍‌ରତ୍ ଶାହ୍ ଓ୍ୱଲିଅଲ୍ଲାଃ ମୋହଦିସ୍ ଦେହ୍‌ଲୁଓ୍ୱି ରହ୍‌ମୁଲ୍ଲା ଆଲେହି ଇମାମ୍ ମେହେଦୀ ଆ:ସଙ୍କ ଆବିର୍ଭାବ ହେବାର ତାରିଖ "ଚିରାଗ୍ ଦୀନ୍"ରେ ବର୍ଣ୍ଣନା କରିଛନ୍ତି। ତାହା ହୁରୁଫେ ଅବ୍‌ଜଦ୍ (ଅର୍ଥାତ ବର୍ଣ୍ଣାନୁକ୍ରମିକ) ଦୃଷ୍ଟିକୋଣରୁ ୧୨୬୮ ହେଉଛି।

(୩) ଦିଲ୍ଲୀ ଉପକଣ୍ଠରେ ପ୍ରାୟ ଆଠଶହ ବର୍ଷ ପୂର୍ବେ ଜଣେ ମହାନ୍ ଚମତ୍କାରୀ ସିଦ୍ଧ ପୁରୁଷ ହଜ୍‌ରତ୍ ନେମ୍‌ତୁଲ୍ଲାଃ ଶାହ୍ ଓ୍ୱଲି ରହ୍‌ମତୁଲ୍ଲାହ୍ ଆଲେହି ଆସିଛନ୍ତି। ତାଙ୍କର ପ୍ରସିଦ୍ଧ ଫାର୍ସୀ କସିଦାଃରେ ଶେଷ ଯୁଗର ଅବସ୍ଥା ସମ୍ବନ୍ଧରେ ସୂଚନା ମିଳିଥାଏ। ସେ କହୁଛନ୍ତି:

*ମେହେଦୀଏ ଓ୍ୱକ୍ତ ଓ୍ୱ ଇସା ଦୌରାଁ*
*ହର୍ ଦୋ ରା ଶାହ୍‌ସଓ୍ୱାର ମୈ ବିନମ୍*

ଅର୍ଥାତ ସେ ସମୟର ମେହେଦୀ ଏବଂ ଇସାଙ୍କୁ ମୁଁ ଘୋଡ଼ାରେ ଚଢ଼ି ଯାଇଥିବାର ଦେଖୁଅଛି। ***(ଅର୍‌ବଇନ୍ ଫି ଅହ୍ୱାଲଲ୍ ମେହେଦୀୟିନ୍, ମୁଦ୍ରଣ ୧୨୬୮ ହିଜ୍‌ରୀ "ଅସ୍‌ଲି କସିଦାଃ" ପ୍ରକାଶକ ପାକିସ୍ତାନ ଲାହୋର୍)***

(୪) ହଜ୍‌ରତ୍ ଶେଖ୍ ମୁହିଉଦ୍ଦିନ୍ ଇବ୍‌ନୁଲ୍ ଆରବୀ ରମେତୁଲ୍ଲାଃ ଆଲେହି ଅଲ୍‌ମୁତଓ୍ୱଫି ୬୩୮ ହିଜ୍‌ରୀ। ସେ ୬୨୮ ହିଜ୍‌ରୀରେ କହିଛନ୍ତି:

"وَيَكُوْنُ ظُهُوْرُهٗ بَعْدَ مَضِيِّ خ ف
ج مِنَ الْهِجْرَةِ"

"ଓ୍ୱ ୟକୁନୁ ଜୁହୁରୁହୁ ବାଦା ମଜିୟି ଖା ଫା ଜିମ୍ ମିନଲ୍ ହିଜ୍‌ରତି" ଅର୍ଥାତ ଇମାମ୍ ମେହେଦୀଙ୍କ ଆବିର୍ଭାବ ହିଜ୍‌ରୀ ବର୍ଷ ଅନୁସାରେ "ଖା ଫା ଜିମ୍" ବିତିଯିବାରେ ହେବ। ***(ମୋକଦ୍ଦମା ଇବ୍‌ନେ ଖୁଲ୍‌ଦୁନ୍, ପୃ-୩୫୪, ଅନୁବାଦକ ମୌଲାନା ସଇଦ୍ ହସନ୍ ଖାନ୍ ୟୁସୁଫି ଫାଜିଲ)***

ଖା ଫା ଜିମ୍ ର ବର୍ଣ୍ଣାନୁକ୍ରମିକ ସମଷ୍ଟି ସଂଖ୍ୟା ହେଉଛି ୬୮୩। (ଖା ୬୦୦, ଫା ୮୦, ଜିମ୍ ୩) ଯେବେକି ଏହି କଥନ ୬୨୮ ହିଜ୍‌ରୀର କଥନ। ତେଣୁ ୬୨୮ କୁ ଯଦି ୬୮୩ ସହିତ ମିଶାଇ ଦିଆଯାଏ ତାହେଲେ ୧୩୧୧ ହିଜ୍‌ରୀ ହେଉଅଛି। ଏହା ମେହେଦୀଙ୍କ କୁସୁଫ୍ ଓ୍ୱ ଖୁସୁଫ୍ (ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ) ଚିହ୍ନର ବର୍ଷ।

(୫) ଜଣେ ଇରାନୀ ବୁଜ୍‌ରୁଗ୍ ଶେଖ୍ ଅଲୀ ଅସ୍‌ଗର୍ ବରୋଜର୍‌ଦି ଯିଏ ବଡ଼ ବଡ଼ ଭାଷାଶର ଅଧିକାରୀ ଏବଂ ଅନେକ ପୁସ୍ତକର ରଚୟିତା, ସେ ନିଜର ପୁସ୍ତକ ନୂରୁଲ୍ ଅନ୍‌ଓ୍ୱାର୍ ପୃ-୨୧୫ରେ ଲେଖିଛନ୍ତି (ଫାର୍ସୀ ପଦର ଉର୍ଦ୍ଦୁ ଅନୁବାଦ ଏପରି)

ଅର୍ଥାତ "ସର୍ଗୀ" ବର୍ଷରେ ଯଦି ତୁମେ ଜୀବିତ ରହିଲ ତେବେ ଦେଶ ଓ ସାମ୍ରାଜ୍ୟ ଏବଂ ସମ୍ପ୍ରଦାୟ ଓ ଧର୍ମରେ ବିପ୍ଳବ ଆସିଯିବ। "ସୁର୍ଗୀ"ର ସଂଖ୍ୟା ଅବ୍‌ଜଦ୍ (ଅର୍ଥାତ ବର୍ଣ୍ଣାନୁକ୍ରମିକ) ହିସାବରେ ୧୨୯୦ ହେଉଛି।

***(ଇମାମ୍ ମେହେଦୀ କା ଜହୁର" ସଂକଳନ ମୁହମ୍ମଦ୍ ଅସଦୁଲ୍ଲାଃ କଶ୍ମିରୀ, ପୃ-୪୧୭)***

(୬) ଖ୍ୱାଜା ହସନ୍ ନିଜାମି ଯେତେବେଳେ ଆରବ ଗସ୍ତ କରିଥିଲେ ସେତେବେଳେ ସେଠିକାର ଓ୍ୱଲେମାମାନଙ୍କୁ ଇମାମ୍ ମେହେଦୀଙ୍କ ଅପେକ୍ଷା କରିଥିବା ସମ୍ବନ୍ଧରେ ଲେଖିଛନ୍ତି:

କେଡ଼େ ଆଶ୍ଚର୍ଯ୍ୟର କଥା ଯେ ଏହା ସେହି ସମୟ ହେବ ଏବଂ ୧୩୩୦ରେ ସନଓ୍ୱସିଙ୍କ ଖବର ମୁତାବକ ହଜ୍‌ରତ୍ ଇମାମ୍ ମେହେଦୀଙ୍କ ଆବିର୍ଭାବ ହୋଇଯିବ ଏବଂ ଯଦି ସେ ସମୟ ଏ ପର୍ଯ୍ୟନ୍ତ ଆସିନାହିଁ ତା'ହେଲେ ୪୦ ହିଜ୍‌ରୀ ପର୍ଯ୍ୟନ୍ତ ଆବିର୍ଭାବ ହେବା ନିଶ୍ଚିତ କାରଣ ଯଦି ଅନେକ ବୁଜ୍‌ରୁଗ୍ ମାନଙ୍କର ଭବିଷ୍ୟବାଣୀଗୁଡ଼ିକୁ ଏକାଠି କରାଯାଏ ତେବେ ୪୦ ପର୍ଯ୍ୟନ୍ତ ସମସ୍ତଙ୍କର ସହମତ ହୋଇଯାଉଛି।

***(ଶେଖ୍ ସନ୍‌ଓ୍ୱସି ଅଓର୍ ଜୁହୁରେ ଇମାମ୍ ମେହେଦୀ ଏ ଆଖିର୍‌ଜମାଁ ଶେଷ ପୃଷ୍ଠା)***

(୭) ହଜ୍‌ରତ୍ ହାଫିଜ୍ ବର୍‌ଖୁର୍‌ଦାର ଖାନ୍ ଆଲେହି ରହମତୁଲ୍ଲାଃ ଯିଏ ସିଆଲକୋଟ୍‌ର ଜଣେ ସିଦ୍ଧ ପୁରୁଷ ଥିଲେ। ସେ ମସିହ୍ ମଉଦ୍‌ଙ୍କ ଆଗମନ ସମ୍ବନ୍ଧରେ କହୁଛନ୍ତି : ***(ଫାର୍ସୀ ପଦର ଉର୍ଦ୍ଦୁ ଅନୁବାଦ ଏପରି):-*** ଅର୍ଥାତ:- ଯେତେବେଳେ ହିଜ୍‌ରୀ ବର୍ଷର ପୁରା ୧୩୦୦ ବର୍ଷ ଶେଷ ହୋଇଯିବ ସେତେବେଳେ ହଜ୍‌ରତ୍ ଇସାଙ୍କ ଆବିର୍ଭାବ ହେବ। ଏଠାରେ ଏକଥା ପ୍ରତି ଧାନ ଦେବାକୁ ହେବ ଯେ ହଜ୍‌ରତ୍ ହାଫିଜ୍ ବର୍‌ଖୁର୍‌ଦାର୍ ସାହେବ ର:ଅ ଇସା ଆ:ସଙ୍କ "ପ୍ରକଟ" ହେବା କଥା ସ୍ୱୀକାର କରିଛନ୍ତି। ଆକାଶରୁ ଓହ୍ଲାଇବା କଥା ନୁହେଁ।

(୮) ଜଣେ ପ୍ରଶିଦ୍ଧ ସିହା ବୁଜ୍‌ରୁଗ୍ ହଜ୍‌ରତ୍ ଅବୁ ସଇଦ୍ ଖାନମ୍ ହିନ୍ଦି ମଧ ଆସିଥିଲେ । ସେ କଶ୍‌ଫ୍ (ଜାଗ୍ରତ ଅବସ୍ଥାରେ ଏକ ଆଲୌକିକ ଦୃଶ୍ୟ) ଜରିଆରେ ହଜ୍‌ରତ୍ ଇମାମ୍ ମେହେଦୀ ଆ:ସଙ୍କୁ ଭେଟିଥିଲେ । ସେ ସମ୍ପୂର୍ଣ୍ଣ କଶଫ୍‌ଟି ବର୍ଣ୍ଣନା କରିବା ପରେ ଶେଷରେ କହିଛନ୍ତି:- **"କୁଲ୍ଲୁ ଜାଲିକା ବିକଲାମିଲ୍ ହିନ୍ଦ"** (ସାଫି ଶରହ୍ ଉସୁଲେ କାଫି, କିତାବୁଲ୍ ହୁଜାଃ, ବାବ୍ ମୋଲଦ୍ ସାହିବୁ ଜ୍‌ଜମାଁ, ଖଣ୍ଡ-୩, ଭାଗ-୨, ପୃ-୩୦୪) ଅର୍ଥାତ:- କଶ୍‌ଫ୍‌ରେ ହଜ୍‌ରତ୍ ଇମାମ୍ ମେହେଦୀ ଆ:ସ ଯେଉଁ ଭାଷାରେ ବାର୍ତ୍ତାଳାପ କଲେ ତାହାସବୁ ହିନ୍ଦୁସ୍ଥାନୀ ଭାଷା ଥିଲା ।

***(ଇମାମ୍ ମେହେଦୀ କା ଜୁହୁର୍, ପୃ-୩୬୩)***

ଯଦିଚ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମାତୃଭାଷା ପଞ୍ଜାବୀ ଥିଲା କିନ୍ତୁ ସେଥିରେ ହିନ୍ଦୁସ୍ତାନ୍‌ରେ କୁହାଯାଉଥିବା ଉର୍ଦ୍ଦୁଭାଷା ପ୍ରତି ଇଙ୍ଗିତ ରହିଛି । ଆପଣ ଆ:ସଙ୍କ ଅଧିକାଂଶ ଲେଖା/ରଚନା ଏହି ଭାଷାରେ ରହିଛି ।

(୯) ଆଉ ଜଣେ ସୁଫି ବୁଜ୍‌ରୁଗ୍ ହଜ୍‌ରତ୍ ଶେଖ୍ ହସନଲ୍ ଇରାକି "ଗାୟତୁଲ୍ ମକ୍‌ସୁଦ୍" ପୁସ୍ତକରେ ଲେଖିଛନ୍ତି:

"ମୁଁ ତୁମକୁ ଏକ କଥା ଶୁଣାଉଛି...... ଯେତେବେଳେ ମୁଁ ଶାମ୍ (ଅର୍ଥାତ ବର୍ତମାନର ସିରିଆ ଦେଶ)ରେ ଯୁବକ ଅବସ୍ଥାରେ ଜାମେ ବନି ଉମେୟାରେ ପ୍ରବେଶ କଲି, ମୁଁ ଜଣେ ବ୍ୟକ୍ତିଙ୍କୁ ଚଉକି ଉପରେ ବସି ମେହେଦୀ ଓ ତାଙ୍କ ଆବିର୍ଭାବ ବିଷୟରେ କଥା ହେଉଥିବାର ଶୁଣିଲି । ସେବେଠାରୁ ମୋ ମନ ଭିତରେ ମେହେଦୀଙ୍କ ପ୍ରତି ପ୍ରେମଭାବ ଜାଗ୍ରତ ହେଲା । ମୁଁ ଦୁଆ (ପ୍ରାର୍ଥନା) କରିବାରେ ଲାଗିଗଲି ଯେ ଅଲ୍ଲାଃ ତାଲା ମୋତେ ତାଙ୍କ ସହିତ ସାକ୍ଷାତ କରାଇଦିଅନ୍ତୁ । ଅତଏବ ମୁଁ ଏକ ବର୍ଷ ପର୍ଯ୍ୟନ୍ତ ଦୁଆ କରିଚାଲିଲି । ଦିନେ ମୁଁ ମଗ୍‌ରିବ୍ ନମାଜ ପରେ ମସ୍‌ଜିଦ୍‌ରେ ହିଁ ଥିଲି ଯେ ଅଚାନକ ଜଣେ ବ୍ୟକ୍ତି ମୋ ନିକଟରେ ଆର୍ବିଭାବ ହେଲେ । ତାଙ୍କ ମୁଣ୍ଡରେ ଅଜମି (ଅଣ ଆରବୀୟ) ଲୋକଙ୍କ ପରି ପଗଡ଼ି ବନ୍ଧା ହୋଇଥିଲା ଏବଂ ଓଟ ଲୋମର ଜୁବା (ପେଟିକୋଟ୍) ଥିଲା । ସେ ମୋ କାନ୍ଧକୁ ନିଜ ହାତରେ ସ୍ପର୍ଶ କଲେ ଓ କହିଲେ, ମୋ ସହିତ ସାକ୍ଷାତ କରିବାପାଇଁ ତୁମର କଣ ଆବଶ୍ୟକ ? ମୁଁ କହିଲି ତୁମେ କିଏ ? ସେ କହିଲେ ମୁଁ ହେଉଛି ମେହେଦୀ ଅତଏବ ମୁଁ ତାଙ୍କ ହାତକୁ ଚୁମ୍ବନ ଦେଲି"

***(ଗାୟତୁଲ୍ ମକ୍‌ସୁଦ୍, ଖଣ୍ଡ-୨, ପୃ-୮୧)***

ଏଥିରେ ପ୍ରତିଶୃତ ମେହେଦୀ ଅଣଆରବୀୟ ହେବାର ଖବର ଦିଆଯାଇଅଛି । ଏହି ହୱାଲା (ସନ୍ଦର୍ଭ)କୁ ଯଦି ପୂର୍ବ ହୱାଲା ସହିତ ମିଶାଇ ଦେଖାଯିବ ତା'ହେଲେ ପ୍ରତିଶୃତ ମେହେଦୀଙ୍କ ଆବିର୍ଭାବ ହିନ୍ଦୁସ୍ତାନରେ ହେବାପାଇଁ ସମୟ ପୂର୍ବରୁ ଖବର ଦିଆଯାଇଅଛି ।

(୧୦) ହଜ୍‌ରତ୍ ମୁହିଉଦ୍ଧିନ୍ ଇବ୍‌ନେ ଆରବୀ ରହେମୁଲ୍ଲାଃ ଆଲୈହେ, ଯାହାଙ୍କ ସମ୍ବନ୍ଧରେ ଆସିଛି ଯେ ସେ ହଜ୍‌ରତ୍ ରସୁଲେ କରିମ୍ ସ:ଆ:ସଙ୍କ ନିର୍ଦ୍ଦେଶ ମୁତାବକ, ଯାହା ତାଙ୍କୁ ରୋୟା (ସ୍ୱପ୍ନ) ଦ୍ୱାରା ହଜୁର ସ:ଆ:ସ କହିଥିଲେ, ଫଳତଃ ସେ ଏକ ପୁସ୍ତକ "ଫୁସୁସୁଲ୍ ହକମ୍" ରଚନା କଲେ । ସେଥିରେ ଏ ଭବିଷ୍ୟବାଣୀ କରିଛନ୍ତି କି ଆସିବାକୁ ଥିବା ମଉଦ୍ (ପ୍ରତିଶୃତ) ଯିଏ ଖାତମୁଲ୍ ଅଓଲିୟା ମଧ ଅଟନ୍ତି, ସେ ଯାଆଁଳା ଜନ୍ମ ହେବେ ।

ଭବିଷ୍ୟବାଣୀରେ ବତାଯାଇଅଛି ଯେ ଆସିବାକୁ ଥିବା ମଉଦ୍ (ପ୍ରତିଶୃତ ମେହେଦୀ) ଖାତମୁଲ୍ ଅଓଲାଦ୍ ହେବେ । ଖାତ୍‌ମୁଲ୍ ଅଓଲାଦ୍‌ର ଅର୍ଥ ହେଉଛି ଖାତମୁଲ୍ ଅଓଲିୟା (ଅର୍ଥାତ ଶ୍ରେଷ୍ଠ ୱଲି) ଦ୍ୱିତୀୟରେ ସେ ଜାଆଁଳା ଜନ୍ମ ହେବେ ଏବଂ ତାଙ୍କ ପୂର୍ବରୁ ତାଙ୍କର ଜଣେ ଭଉଣୀ ଜନ୍ମ ହେବେ ଏବଂ ତାଙ୍କର ଜନ୍ମସ୍ଥାନ ଚୀନ୍ ହେବ । ଆରବୀ ଭାଷାରେ "ଅସ୍‌ସିନ୍" ଶବ୍ଦ ବ୍ୟବହାର ହୋଇଛି । ଏହି ଶବ୍ଦଟି ଆରବୀରେ ଅଣଆରବୀୟ ଇଲାକା ବା ଦୂର ଦୂରାନ୍ତ ଇଲାକା ପାଇଁ ମଧ ବ୍ୟବହୃତ ହୋଇଥାଏ । ଏଠାରେ ମଧ ମଉଦ୍ (ପ୍ରତିଶୃତ) ନବୀ ମସିହ୍ ଓ ମେହେଦୀଙ୍କ ଜନ୍ମ ସ୍ଥାନ ଅଣଆରବୀୟ ଇଲାକା ବା ଦୂରଦୂରାନ୍ତ ଇଲାକା ବୋଲି ଦର୍ଶାଯାଇଅଛି ।

***(ଫୁସୁସୁଲ୍ ହକମ୍, ପୃ-୩୬ ଅନୁବାଦକ ମୌଲାନା ମୁହମ୍ମଦ୍ ମୁବାରକ୍ ଅଲୀ ହାଇଦ୍ରାବାଦୀ, ମୁଦ୍ରଣ ୧୩୦୮ ହିଜ୍‌ରୀ ମୁଦ୍ରଣ ଅହେମଦୀ କାନ୍‌ପୁର୍)***

ହଜ୍‌ରତ୍ ମୁହିଉଦ୍ଧିନ୍ ଇବ୍‌ନେ ଆରବୀ ରହମତୁଲ୍ଲାଃ ଆଲୈହେଙ୍କ ଆଉ ଏକ ରଚିତ ପୁସ୍ତକ ହେଉଛି "ଫତୁହାତେ ମକିୟା" । ଏହି ପୁସ୍ତକର ତୃତୀୟ ଖଣ୍ଡରେ ଆସିବାକୁ ଥିବା ପ୍ରତିଶୃତ ମେହେଦୀଙ୍କ ସାହାବା ଅର୍ଥାତ ସାଥିଗଣ ଏବଂ ନିକଟତର ଲୋକମାନଙ୍କ ବିଷୟରେ ଉଲ୍ଲେଖ ରହିଛି ।

ସୁତରାଂ ଲେଖା ହୋଇଛି:

"ସେମାନେ ସମସ୍ତେ ଅଜମୀ ଅର୍ଥାତ ଅଣଆରବୀୟ ହେବେ କିନ୍ତୁ ସେମାନେ ଆରବୀରେ କଥା ହେଉଥିବେ । ତାଙ୍କ ପାଇଁ ଜଣେ ହାଫିଜେ କୁର୍‌ଆନ୍ (ଅର୍ଥାତ ପବିତ୍ର କୁର୍‌ଆନ୍‌କୁ କଣ୍ଠସ୍ଥ କରିଥିବା ବ୍ୟକ୍ତି) ରହିଥିବେ ଯିଏ ତାଙ୍କ ରକ୍ତ ସମ୍ପର୍କୀୟ ହୋଇନଥିବେ କାରଣ ସେ କେବେ ବି ଖୁଦାଙ୍କ ଅବମାନନା କରିନଥିବେ । ସେହି ବ୍ୟକ୍ତି ଜଣକ ଉକ୍ତ ପ୍ରତିଶୃତ (ମେହେଦୀ)ଙ୍କ ସ୍ୱତନ୍ତ୍ର ମନ୍ତ୍ରୀ ଏବଂ ସର୍ବୋତମ ଅମୀନ୍ (ନ୍ୟାସୀ) ହେବେ ।"

***(ଫତୁହାତେ ମକିୟା, ଖଣ୍ଡ-୩, ପୃ-୩୬୪-୩୬୫)***

ସୁବ୍‌ହାନଲ୍ଲାଃ ! (ଅଲ୍ଲାଃ ପବିତ୍ରମୟ) ଏହି ଭବିଷ୍ୟବାଣୀରେ ଯେଉଁଠି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବାମାନଙ୍କ ବିଷୟ ବର୍ଣ୍ଣନା ହୋଇଛି ସେଠାରେ ହଜ୍‌ରତ୍ ହକିମୁଲ୍ ଉମ୍ମତ, ମୌଲାନା ନୁରୁଦ୍ଧିନ୍ ସାହେବ୍ ଖଲିଫତୁଲ୍ ମସିହ୍ ଅୱଲ୍ (ପ୍ରଥମ) ର:ଅଙ୍କ ପ୍ରତି ମଧ ସ୍ପଷ୍ଟ ଇସାରା ରହିଛି ।

(୧୧) ମୁଲ୍‌ତାନ୍‌ର ଜଣେ ପ୍ରଶିଦ୍ଧ ୱଲି ଏବଂ ସିଦ୍ଧ ପୁରୁଷ ହଜ୍‌ରତ୍ ଶେଖ୍ ମୁହମ୍ମଦ୍ ଅବ୍‌ଦୁଲ୍ ଅଜିଜ୍ ପାହାରୱି ରହେମୁଲ୍ଲାଃ ଅଲ୍ଲାଃଙ୍କ ନିକଟରୁ ଐଶିବାଣୀ ଦ୍ୱାରା ଖବର ପାଇ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାର ଚିହ୍ନ କୁସୁଫ୍ ଖୁସୁଫ୍ (ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ) ଅନୁଷ୍ଠିତ ହେବା ସମ୍ବନ୍ଧରେ ଭବିଷ୍ୟବାଣୀ କରିଛନ୍ତି । ***(ଫାର୍ସୀ ପଦର ଉର୍ଦ୍ଦୁ ଭାବାର୍ଥ ଏପରି):-***

ଅର୍ଥାତ ୧୩୧୧ ହିଜ୍‌ରୀରେ ସୂର୍ଯ୍ୟ ଏବଂ ଚନ୍ଦ୍ରକୁ ଏକତ୍ର ଏକମାସ ମଧରେ ଗ୍ରହଣ ଲାଗିବ ଏବଂ ଏହି ଦୁଇଟି ଚିହ୍ନ / ନିଦର୍ଶନ ସଚ୍ଚା ମେହେଦୀ ଓ ମିଥ୍ୟାବାଦୀ ଦଜ୍ଜାଲ୍‌ଙ୍କ ମଧରେ ପାର୍ଥକ୍ୟ କରିଦେବାର କାରଣ ସାବ୍ୟସ୍ତ ହେବ । ଏହି ଭବିଷ୍ୟବାଣୀରେ ସୂର୍ଯ୍ୟ ଏବଂ ଚନ୍ଦ୍ରଗ୍ରହଣ ୧୩୧୧ ହିଜ୍‌ରୀରେ ପ୍ରକାଶ ହେବାକଥା ବତାଯାଇଛି । ଠିକ୍ ସେହି ଭବିଷ୍ୟବାଣୀ ମୁତାବକ ୧୮୯୪ ମସିହାରେ ଏହି ଚିହ୍ନ / ନିଦର୍ଶନ ପ୍ରକାଶ ହୋଇଗଲା ।

ଉମ୍ମତେ ମୁହମ୍ମଦିୟାର ବୁଜୁର୍ଗ (ପୂଣ୍ୟବନ୍ତ ସିଦ୍ଧ ପୁରୁଷ୍ଟ)ମାନଙ୍କର ଏପରି ମହାନ ଭବିଷ୍ୟବାଣୀମାନ ରହିଛି ଯାହା ଏ ଯୁଗର ପ୍ରତିଶୃତ ମେହେଦୀ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହ୍‌ମଦ୍ ସାହେବ୍ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ଆ:ସଙ୍କ ସତ୍ୟତାକୁ ଜଗତ ସମ୍ମୁଖରେ ସର୍ବଦା ବର୍ଣ୍ଣନା କରୁଥିବ । ଅଲ୍ଲାଃ ତାଲା ଏହି ମହାନ ବୁର୍ଜୁଗମାନଙ୍କ ଦ୍ୱାରା ବର୍ଣ୍ଣିତ ଖବର ଗୁଡ଼ିକ ଉପରେ ସମଗ୍ର ଇସ୍‌ଲାମ୍ ଜଗତକୁ ଖୋଲା ହୃଦୟରେ ଚିନ୍ତା କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାକୁ ଏ ଜଗତ ଦଳ ଦଳ ହୋଇ ଗ୍ରହଣ କରୁ । ଆମିନ୍.......

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

# ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ହକମ୍ ଓ୍ୱ ଅଦଲ୍ ଅର୍ଥାତ ନ୍ୟାୟ ବିଚାରକ ଓ ମିମାଂସାକାରୀ ଆଇନାରେ

**(ଲଇକ୍ ଅହ୍‌ମଦ୍ ଡ଼ାର, ମୂରବୀ ସିଲ୍‌ସିଲା, ନଜାରତ୍ ଉଲିୟା କାଦିଆନ୍)**

ଇତିହାସ ସାକ୍ଷୀ ଅଛି ଯେ ଯେବେ ଯେବେ ଏ ଦୁନିଆରେ ଅଲ୍ଲାଃ ତାଲାଙ୍କ ଦୂତମାନେ ଆବିର୍ଭୁତ ହୋଇଛନ୍ତି ସେତେବେଳେ ସେମାନଙ୍କର ବିରୋଧ ହୋଇଛି ଏବଂ ଭିଷଣ ବିରୋଧ ହୋଇଛି । କାହିଁକି ଏପରି ହୋଇଥାଏ ? ଏଥିପାଇଁ କି ସେମାନେ ଯୁଗର ପ୍ରଥା/ଶୈଳୀଠାରୁ ଅଲଗା ହୋଇ ଆଉ କିଛି ନୂଆ ଦାବି କରିଥାନ୍ତି ଏବଂ ପ୍ରଶିଦ୍ଧ ବ୍ୟକ୍ତିଗଣଙ୍କ ରାୟ ବିପରୀତ ଘୋଷଣା କରିଥାନ୍ତି । ପୁଣି ଧିରେ ଧିରେ ସାଧାରଣ ଲୋକମାନଙ୍କ ମଧ୍ୟରୁ ପୂଣ୍ୟ ସ୍ୱଭାବ ସମ୍ପନ୍ନ ବ୍ୟକ୍ତିମାନଙ୍କ ଉପରେ ସେମାନଙ୍କର ସତ୍ୟତା ପରିପ୍ରକାଶ ହୋଇଯାଏ ଫଳତଃ ଏପରି ଲୋକମାନଙ୍କୁ ବିଶ୍ୱାସରୂପକ ଧନର ସୌଭାଗ୍ୟ ପ୍ରାପ୍ତ ହୋଇଥାଏ ଏବଂ ଅଲ୍ଲାଃଙ୍କ ତରଫରୁ ପ୍ରେରିତ ହୋଇଥିବା ଦୂତମାନଙ୍କ ସତ୍ୟତା ସୂର୍ଯ୍ୟାଲୋକ ପରି ପ୍ରକାଶ ହୋଇଥାଏ । ଶତୃମାନଙ୍କ ସମ୍ବନ୍ଧରେ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି:-

يٰحَسۡرَۃً عَلَی الۡعِبَادِ ۚ مَا یَاۡتِیۡہِمۡ مِّنۡ رَّسُوۡلٍ
اِلَّا کَانُوۡا بِہٖ یَسۡتَہۡزِءُوۡنَ (سورۃ یٰسٓ:31)

ଅନୁବାଦ:- ହାୟ ! (ଅବଜ୍ଞା-ପ୍ରବଣ) ପ୍ରାଣୀମାନଙ୍କ ନିକଟକୁ ଯେବେବି କୌଣସି ରସୁଲ୍ ଆସନ୍ତି, ସେତେବେଳେ ସେମାନେ ତାହାଙ୍କୁ ଘୃଣା ଚକ୍ଷୁରେ ଦେଖନ୍ତି (ଓ ଥଟ୍ଟା କରନ୍ତି) । ***(ସୁରଃ ୟାସିନ୍:୩୧)***

ଏବଂ ଈଶ୍ୱରୀୟ ଶୃଙ୍ଖଳାର ପ୍ରାଧାନ୍ୟ ବିଷୟରେ ଅନ୍ୟ ଏକ ସ୍ଥାନରେ ଅଲ୍ଲାଃ ତାଲା କହିଛନ୍ତି ଯେ:-

کَتَبَ اللّٰہُ لَاَغۡلِبَنَّ اَنَا وَ رُسُلِیۡ ؕ
اِنَّ اللّٰہَ قَوِیٌّ عَزِیۡزٌ (سورۃ المجادلہ:21)

ଅନୁବାଦ:- ଅଲ୍ଲାଃ ନିଷ୍ପତି କରିସାରିଛନ୍ତି, "ଆମ୍ଭେ ଓ ଆମ୍ଭର ରସୁଲ ବିଜୟୀ ହେବୁ", ଏବଂ ଅଲ୍ଲାଃ ବାସ୍ତବରେ ବଳୀୟାନ୍ (ଓ) ପରାକ୍ରମୀ । ***(ସୁରଃ ମୁଜାଦଲା:୨୧)***

ହଜ୍‌ରତ୍ ରସୁଲେ ଅକ୍‌ରମ୍ ସ:ଆ:ସ ଇସ୍‌ଲାମ୍‌ର ଆଗାମୀ ପରିସ୍ଥିତି ବିଷୟରେ ସୂଚନା ଦେଇଛନ୍ତି ଏବଂ ଶେଷ ଯୁଗର ଜଣେ ଈଶ୍ୱରୀୟ ଦୂତଙ୍କ ଆଗମନ ସମ୍ବନ୍ଧରେ ଭବିଷ୍ୟବାଣୀମାନ ମଧ୍ୟ କରିଛନ୍ତି ଯେ ଏହି ସମ୍ପ୍ରଦାୟରେ ଜଣେ ସେବକ ଆବିର୍ଭୁତ ହେବେ ଯିଏ ପଦବୀ ଦୃଷ୍ଟିରୁ ମସିହ୍, ମେହେଦୀ, ନିର୍ଣ୍ଣାୟକ ଏବଂ ନବୀଙ୍କ ସମ୍ମାନ ହେବେ । ଆକାଶୀୟ ବାଣୀଦ୍ୱାରା ତାଙ୍କୁ ସମ୍ବୋଧନ କରାଯିବ ଏବଂ ଅର୍‌ଶ୍ (ଈଶ୍ୱରଙ୍କ ସିଂହାସନ)ରୁ ତାଙ୍କୁ ଅତ୍ୟନ୍ତ ସମ୍ମାନ ଦିଆଯାଇ ଡ଼କାଯିବ । ତାହାଙ୍କୁ ମୋର ସଲାମ୍ କହିବ ଏବଂ ତାହାଙ୍କ ବୟତ କରିନେବ । ଉଦ୍ଦେଶ୍ୟ ଏହା ଥିଲା କି ତାଙ୍କୁ ବିରୋଧ କରିବାପାଇଁ ଅଂଟା ଭିଡ଼ିବ ନାହିଁ ବରଂ ତାଙ୍କ ଯମାତ୍‌ରେ ସାମିଲ ହୋଇଯିବ ।

ଠିକ୍ ସମୟରେ ଏବଂ ଯୁଗର ଆବଶ୍ୟକ ଅନୁଯାୟୀ ସେହି ସ୍ୱର୍ଗୀୟ ସମ୍ରାଟ ଆସିଲେ ଓ ଏ ଦାବି କଲେ ଯେ ମୁଁ ହେଉଛି ମସିହ୍ ମଉଦ୍, ମେହେଦୀ ମାହୁଦ୍, ହକମ୍‌ଓ୍ୱ ଅଦଲ (ଅର୍ଥାତ ଧର୍ମ ସଂକ୍ରାନ୍ତରେ ଥିବା ବିବାଦର ଉଚିତ ନ୍ୟାୟ ପ୍ରଦାନକାରୀ ଓ ନିଷ୍ପତିକାରୀ) ଏବଂ ନବୀ । ଏହି ଘୋଷଣା ପରେ ତାଙ୍କର ତୀବ୍ର ବିରୋଧ ହେବା ଆରମ୍ଭ ହୋଇଗଲା । ଏହି ଶୈଳୀ ତ ପୂନରାବୃତି ହେବାର ଥିଲା କାରଣ ପୂର୍ବରୁ ଭବିଷ୍ୟବାଣୀଗୁଡ଼ିକରେ ଏକଥା ବତାଇ ଦିଆଯାଇଥିଲା ଯେ ତାଙ୍କର ବିରୋଧ ହେବ ।

ହଦିସ୍‌ରେ ମସିହ୍ ମଉଦ ଆ:ସଙ୍କୁ **ହକମ୍ ଓ୍ୱ ଅଦଲ୍** ହେବାର ବିଶେଷ ଭାବରେ ଦର୍ଶାଯାଇଅଛି ଯେ ସେ ସମସ୍ତ ପ୍ରକାରର ଭିନ୍ନ ଭିନ୍ନ ଧାର୍ମିକ ପ୍ରସଙ୍ଗରେ **ହକମ୍ ଓ୍ୱ ଅଦଲ** ଅର୍ଥାତ ନ୍ୟାୟ ପ୍ରଦାନକାରୀ ଓ ନିଷ୍ପତିକାରୀ ହେବେ । ଅତଏବ ସେହି ହକମ୍ ଓ୍ୱ ଅଦଲ୍ ଆସିଲେ ଏବଂ ସମସ୍ତ ଧାର୍ମିକ ପ୍ରସଙ୍ଗରେ ନିଜର ନିଷ୍ପତି ଶୁଣାଇଲେ । ଯିଏ ତାଙ୍କର କଥା ମାନିଲେ ସେ ତାହାଙ୍କ ଯମାତ୍ ବୋଲାଇଲେ । ଏତଦ୍‌ବ୍ୟତୀତ ବାକି ସମସ୍ତେ କ୍ଷତି ଉଠାଇଲେ ।

କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଜଣେ ନ୍ୟାୟ ପ୍ରଦାନକାରୀ ଓ ନିଷ୍ପତିକାରୀ ହିସାବରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁ ନିର୍ଦ୍ଦେଶ ଜାରି କରିଛନ୍ତି, ତାହାର ବିବରଣୀ ନିମ୍ନରେ ସଂକ୍ଷିପ୍ତ ରୂପେ ଦିଆଗଲା ।

### ଓ୍ୱଫାତେ ମସିହ୍ ଅର୍ଥାତ ହଜ୍‌ରତ୍ ଇସା ଆ:ସଙ୍କ ଦେହାନ୍ତ

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର:ଅ କହିଛନ୍ତି:-

"ପଂଚମ ଭୁଲ ହଜ୍‌ରତ୍ ମସିହ୍ ଆ:ସଙ୍କ (ଯୀଶୁ ଖ୍ରୀଷ୍ଟଙ୍କ) କୃଶ ଦେବା ଘଟଣା ସମ୍ବନ୍ଧରେ ଥିଲା । ସେଥିରେ ମୁସଲମାନ, ଇହୁଦୀ ଏବଂ ଇସାଇ ସମସ୍ତେ ଲିପ୍ତ ଥିଲେ । ମୁସଲମାନମାନେ କହୁଥିଲେ ଯେ ଇହୁଦୀମାନେ ହଜ୍‌ରତ୍ ଇସା (ଯୀଶୁ)ଙ୍କ ପରିବର୍ତେ ଆଉ କାହାକୁ କୃଶ ଉପରେ ଲଟକାଇ ଦେଇଥିଲେ ଏବଂ ଖୁଦାତାଲା ତାଙ୍କୁ ଆକାଶକୁ ଉଠାଇ ନେଇଥିଲା । ଇହୁଦୀ ଏବଂ ଇସାଇ କହୁଥିଲେ ଯେ ହଜ୍‌ରତ୍ ମସିହ୍ (ଯୀଶୁ)ଙ୍କୁ କୃଶ ଉପରେ ଲଟକାଇ ମାରି ଦିଆଯାଇଥିଲା । ମୁସଲମାନମାନଙ୍କ ଭାବନାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏପରି ଖଣ୍ଡନ କରିଛନ୍ତି:-

ହଜ୍‌ରତ୍ ମସିହ୍ (ଯୀଶୁ)ଙ୍କ ପରିବର୍ତେ ଅନ୍ୟ କାହାକୁ କୃଶ ଉପରେ ଲଟକାଇବା ସମ୍ପୂର୍ଣ୍ଣ ଜୁଲମ ଥିଲା । ଯଦି ସେହି ବ୍ୟକ୍ତିର ଇଚ୍ଛା ମୁତାବକ ତାଙ୍କୁ କୃଶରେ ଲଟକାଇ ଦିଆଯାଇଥିଲା ତେବେ ତାହାର ପ୍ରମାଣ ଇତିହାସରୁ ମିଳିବା ଉଚିତ । ପୁଣି ଯଦି ମସିହ୍‌ଙ୍କୁ ଖୁଦାତାଲା ଆକାଶକୁ ଉଠାଇ ନେବାର ଥିଲା ତେବେ ଅନ୍ୟଜଣେ ଗରୀବକୁ କୃଶରେ ଲଟକାଇବାର ଆବଶ୍ୟକ କଣ ଥିଲା ? ଅତଏବ୍ ଏହା ଭୁଲ୍ କଥା ଯେ ମସିହ୍‌ଙ୍କ ସ୍ଥାନରେ ଅନ୍ୟ କାହାକୁ କୃଶ ଉପରେ ଲଟକାଇ ଦିଆଗଲା । ସେହିପରି ତାଙ୍କୁ ଆକାଶକୁ ଉଠାଇ ନିଆଯିବା କଥା ମଧ୍ୟ ଭୁଲ୍ । ଅପରପକ୍ଷେ ଆପଣ ଆ:ସ ଇହୁଦୀ ଓ ଖ୍ରୀଷ୍ଟିୟାନ୍‌ମାନଙ୍କର କଥାକୁ ଖଣ୍ଡନ କରିଛନ୍ତି ଯେ ମସିହ୍ (ଯୀଶୁ) କୃଶରେ ମରିଯାଇଛନ୍ତି ଏବଂ ପ୍ରମାଣ କରିଦେଲେ ଯେ ହଜ୍‌ରତ୍ ମସିହ୍‌ଙ୍କୁ କୃଶ ଉପରୁ ଜୀବିତ ଓହ୍ଲାଇ ଦିଆଯାଇଥିଲା । ଏହିପରି ଖୁଦାତାଲା ତାଙ୍କୁ ଲାନତି (ଅଭିଶପ୍ତ) ମୃତ୍ୟୁରୁ ବଂଚାଇ ଦେଲେ ।

ଏବେ ଦେଖ ୧୯ଶହ ବର୍ଷ ପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉକ୍ତ ଘଟଣା ପ୍ରସଙ୍ଗରେ ଅସଲ ସତ୍ୟାସତ୍ୟକୁ ଉପସ୍ଥାପନ କରିବା କେତେ ବଡ଼ କାମ । ବିଶେଷ ରୂପେ ଯେବେ ଆମେ ଦେଖିଥାଉଁ ଯେ ହଜ୍‌ରତ୍ ମସିହ୍ (ଯୀଶୁ)ଙ୍କର କୃଶ ଉପରୁ ଜୀବିତ ଓହ୍ଲାଇବାର ପ୍ରମାଣ ଆପଣ ଆ:ସ ଖୁଦ୍ ଇଞ୍ଜିଲ୍‌ରୁ ହିଁ ଦେଇଛନ୍ତି । ଉଦାହରଣ ସ୍ୱରୁପ ଏହା କି ହଜ୍‌ରତ୍ ମସିହ୍‌ଙ୍କଠାରୁ ଏକଦା ସେ ସମୟର ଓ୍ୱଲେମାମାନେ ନିଶାନ୍ (ଐଶ୍ୱରୀକ ନିଦର୍ଶନ/ଚିହ୍ନ) ମାଗିଲେ । ସେ (ଯୀଶୁ) ଏହାର ଉତରରେ କହିଲେ:-

"ଏ ଯୁଗର ଖରାପ ଏବଂ ବ୍ୟଭିଚାରୀ ଲୋକେ ନିଶାନ୍ ମାଗୁଛନ୍ତି କିନ୍ତୁ ୟୋନାହ୍ ନବୀଙ୍କ ନିଶାନ୍ ବ୍ୟତିତ ଅନ୍ୟ କୌଣସି ନିଶାନ୍ ତାଙ୍କୁ ଦିଆଯିବ ନାହିଁ । କାରଣ ଯେମିତି ୟୋନାହ୍ ତିନିରାତି ତିନିଦିନ ମାଛ ପେଟ ଭିତରେ ଥିଲେ ସେମିତି ଇବ୍‌ନେ ଆଦମ୍ (ଆଦମଙ୍କ ପୁତ୍ର) ତିନିରାତି ଓ ତିନିଦିନ ଭୂଇଁ ତଳେ ରହିବ ।"

***(ମତା, ବାବ୍-୧୨, ଆୟତ ୩୯-୪୦)***

ତୌରାତ୍‌ରୁ ପ୍ରମାଣିତ ଯେ ହଜ୍‌ରତ୍ ୟୁନୁସ୍ ଆ:ସ ତିନି ଦିନ ପର୍ଯ୍ୟନ୍ତ ମାଛ ପେଟ ଭିତରେ ଜୀବିତ ରହିଥିଲେ ଓ ପୁଣି ଜୀବନ୍ତ ବାହାରିଥିଲେ । ତେଣୁ ଏହା ଜରୁରୀ ଥିଲା ଯେ ହଜ୍‌ରତ୍ ମସିହ୍ ନାସିରି ଆ:ସ ମଧ୍ୟ କୃଶ ଦିଆଯିବା ଘଟଣା ପରେ ଜୀବିତ ଅବସ୍ଥାରେ କବର ଭିତରେ ପ୍ରବେଶ କରିବେ ଓ ଜୀବିତ ହିଁ ବାହାରିବେ । ଅତଏବ ଏପରି ଭାବନା ରଖିବା ଅର୍ଥାତ ହଜ୍‌ରତ୍ ମସିହ ଆ:ସ କୃଶ ଉପରେ ମରିଯାଇଥିଲେ ବୋଲି, ଏହା ଇଞ୍ଜିଲ୍ (ମୁତାବକ ବିଲ୍‌କୁଲ୍ ଭୁଲ କଥା ଓ ଇଞ୍ଜିଲ୍‌ର) ବିରୋଧ କଥା । ଏହାଦ୍ୱାରା ମସିହ୍ (ଯୀଶୁ)ଙ୍କ ମିଥ୍ୟା ପ୍ରମାଣିତ ହେବ । ଇସାଇମାନଙ୍କ ମୁକାବିଲାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଏହା ଏତେ ବଡ଼ ଅସ୍ତ୍ର ଯେ ଏହା ତାଙ୍କ କାର୍ଯ୍ୟର ମହାନତାକୁ ପ୍ରମାଣ କରିବାପାଇଁ ଏକା ଯଥେଷ୍ଟ । କିନ୍ତୁ ଆପଣ ଆ:ସ ଏତିକିରେ ସନ୍ତୁଷ୍ଟ ହେଲେନାହିଁ ବରଂ ଇତିହାସରୁ ପ୍ରମାଣ କରିଦେଲେ ଯେ ହଜ୍‌ରତ୍ ମସିହ୍ ନାସ୍‌ରୀ (ଯୀଶୁ) ଆ:ସ କୃଶ ଦିଆଯିବା ଘଟଣା ପରେ କାଶ୍ମିର୍ ଚାଲିଗଲେ ଏବଂ ସେଠାରେ ଯାଇ ମୃତ୍ୟୁବରଣ କଲେ । ଏହିପରି ତାଙ୍କ ଜୀବନୀର ତଥ୍ୟକୁ ଲୁକ୍କାୟିତ ପରଦା ମଧ୍ୟରୁ ବାହାର କରି ପ୍ରକାଶ କରିଦେଲେ । ***(ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କେ କାର୍‌ନାମେ, ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୧୦, ପୃ-୧୭୦-୧୭୧***

### ଖତ୍‌ମେ ନବୁଓ୍ୱତ୍

ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ଏମ୍.ଏ. ର:ଅ କହିଛନ୍ତି:-

"ପୁଣି ରିସାଲତ୍ (ଅବତାରତ୍ୱ) ସମ୍ବନ୍ଧରେ ମତଭେଦ ଥିଲା ଯେ ପ୍ରତ୍ୟେକ ପ୍ରକାରର ନବୁଓ୍ୱତ୍ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କଠାରେ ଶେଷ ହୋଇଯାଇଅଛି । ଏବେ କୌଣସି ବ୍ୟକ୍ତି, ସେ ଆପଣ ସ:ଆ:ସଙ୍କ ନିକଟରୁ ଆଶିର୍ବାଦ ପାଇଥିବା ସତ୍ୱେ ଓ ଆପଣ ସ:ଆ:ସଙ୍କ ଶରିୟତ୍ ର ସେବକ ହୋଇଥିବା ସତ୍ୱେ ମଧ୍ୟ ନବୀ ପଦବାଚ୍ୟ ହୋଇପାରିବ ନାହିଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପ୍ରମାଣ ଦେଇ ସାବ୍ୟସ୍ତ କରିଦେଲେ

ଯେ ଖାତ୍‌ମୁନ୍ ନବିୟିନ୍‌ର ଏପରି ଅର୍ଥ ନୁହେଁ ଯାହା ବୁଝାଯାଉଅଛି ଏବଂ ଅବତାରତ୍ୱର ଅନୁଷ୍ଠାନ ବନ୍ଦ ହେବାର ଅର୍ଥ ଏହା ନୁହେଁ ଯେ ଏବେ କୌଣସି ପ୍ରକାରର ନବୀ ଆସିପାରିବେ ନାହିଁ କାରଣ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପରେ କେବଳ ଶରିୟତ୍ (ଐଶି ପୁସ୍ତକ/ବିଧାନ) ଆଣୁଥିବା ନବୁଓ୍ୱତ୍‌ର ଦ୍ୱାର ବନ୍ଦ ହୋଇଯାଇଛି କିନ୍ତୁ ଅଣ ଶରିୟତି ଏବଂ ଛାୟା ନବୁଓ୍ୱତ୍‌ର ଦ୍ୱାର ବନ୍ଦ ହୋଇନାହିଁ । ଯଦି ନବୁଓ୍ୱତ୍‌ର ସମସ୍ତ ବିଭାଗକୁ ବନ୍ଦ କରିଦିଆଯାଏ ଓ ବିଚ୍ଛିନ୍ନ ବୋଲି ଧରାଯାଏ ତେବେ ଏହାର ଅର୍ଥ ଏପରି ହେବ କି ନଉଜୁବିଲ୍ଲା (ଈଶ୍ୱର ଏପରି ନ କରନ୍ତୁ) ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଅସ୍ତିତ୍ୱ ଉମ୍ମତେ ମୁହମ୍ମଦୀୟା (ଅର୍ଥାତ ମୁସଲମାନମାନଙ୍କ)ଠାରୁ ଏକ ମହାନ କରୁଣା ଓ ଐଶି ପୁରସ୍କାରକୁ ଛଡ଼ାଇ ନେବାର କାରଣ ସାବ୍ୟସ୍ତ ହେଲା । ଅତଏବ୍ ଆପଣ ଆ:ସ (ଅର୍ଥାତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ) ଅନୁକରଣ ଓ ବୈଦ୍ଧିକ ଜ୍ଞାନ ଦ୍ୱାରା ଏହି ସମସ୍ୟାର ମିଥ୍ୟାକୁ ପ୍ରମାଣିତ କରି ସତ୍ୟତା ପ୍ରତିପାଦନ କଲେ ।

(ଦେଖନ୍ତୁ ହଜ୍‌ରତ୍ ମିର୍ଜା ସାହେବ ଆ:ସଙ୍କ ରଚିତ ପୁସ୍ତକ "ଏକ୍ ଗଲତି କା ଅଜାଲା, ତୋହ୍‌ଫା ଗୋଲ୍‌ଡ଼ୱିୟା, ନୁଜୁଲୁଲ୍ ମସିହ୍ ଏବଂ ହକିକତୁଲ୍ ଓ୍ୱହି ଇତ୍ୟାଦି)"

***(ତବ୍‌ଲିଗି ହିଦାୟତ୍, ପୃ-୧୦୮-୧୦୯)***

## ପବିତ୍ର କୁର୍‌ଆନ୍ ଏବଂ ହଦିସ୍‌ର ସ୍ଥାନ ଓ ପଦମର୍ଯ୍ୟାଦା

କମ୍‌ରୁଲ୍ ଅମ୍ବିୟା ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଏମ୍.ଏ ର:ଅ କହିଛନ୍ତି:-

"ପୁଣି ପବିତ୍ର କୁର୍‌ଆନ୍ ଏବଂ ହଦିସ୍‌ର ସ୍ଥାନ ଓ ପଦମର୍ଯ୍ୟାଦା ବିଷୟରେ ଅର୍ଥାତ ଏହି ଦୁଇଟି ମଧ୍ୟରେ କିଏ ଅନ୍ୟ ଉପରେ କାଜି (ଅର୍ଥାତ ବିଚାରପତି) ? ଏପରି ଭାବନାମାନ ପ୍ରକାଶ ପାଇଛି ଯେ ତାହା ସବୁ ଶୁଣି ଜଣେ ମୁସଲମାନ୍‌ର ଶରୀର କମ୍ପି ଉଠିଥାଏ । ମୁସଲମାନମାନଙ୍କର ଗୋଟିଏ ଫିର୍କା (ଦଳ) ପବିତ୍ର କୁର୍‌ଆନ୍‌କୁ ପଛରେ ପକାଇ ଦେଇଥିଲା ଏବଂ ହଦିସ୍ ଆଗରେ ଏକ ପ୍ରତିମା ସଦୃଶ ପଡ଼ିଯାଇଥିଲେ । ଆପଣ ଆ:ସ ଏହି ବିଷୟଗୁଡ଼ିକ ଉପରେ ବହୁତ ବଡ଼ ବଡ଼ ତର୍କ ବିତର୍କ କରିଛନ୍ତି । ଗୋଟିଏ ପକ୍ଷେ ଆପଣ ଆ:ସ ସୁନ୍ନତକୁ ହଦିସ୍‌ଠାରୁ ଅଲଗା ବୋଲି ପ୍ରମାଣିତ କଲେ ଏବଂ ଅପରପକ୍ଷେ ପବିତ୍ର କୁର୍‌ଆନ୍, ସୁନ୍ନତ ଏବଂ ହଦିସ୍‌ର ଅଲଗା ଅଲଗା ସ୍ଥାନ ଓ ପଦମର୍ଯ୍ୟାଦାକୁ ଯୁକ୍ତି ଏବଂ ପ୍ରମାଣ ସହିତ ସ୍ଥାପନ କଲେ । (ଦେଖନ୍ତୁ ଅଲ୍‌ହକ୍ ଲୁଧିୟାନା, ରିଭ୍ୟୁ ବର୍ ମୁବାହିସା ଚକଡାଲୁଓ୍ୱି ଏବଂ କଶ୍‌ତି ନୂହ୍ ଇତ୍ୟାଦି)

***(ତବ୍‌ଲିଗି ହିଦାୟତ୍, ପୃ-୧୧୦)***

ପବିତ୍ର କୁର୍‌ଆନ୍ ଏବଂ ହଦିସ୍‌ର ସ୍ଥାନ ଓ ପଦମର୍ଯ୍ୟାଦା ସମ୍ବନ୍ଧରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କହିଛନ୍ତି:-

"ତେରତମ ଭୁଲ ଲୋକମାନଙ୍କର ଏହା ହୋଇଥିଲା ଯେ ସେମାନେ ଭାବୁଥିଲେ ଯେ ପବିତ୍ର କୁର୍‌ଆନ୍ ହେଉଛି ହଦିସ୍ ଅଧିନରେ । ଏମିତିକି ଏକଥା ମଧ୍ୟ କହି ଦେଉଥିଲେ ଯେ ହଦିସ୍‌ଗୁଡ଼ିକ ପବିତ୍ର କୁର୍‌ଆନ୍‌ର ଆୟତଗୁଡ଼ିକୁ ମନ୍‌ସୁଖ୍ (ବାତିଲ୍) କରିପାରେ । ହଜ୍‌ରତ୍ ମସିହ ମଉଦ୍ ଆ:ସ ଏହି ଭୁଲକୁ ଏପରି ଦୂର କଲେ ଯେ ଆପଣ ଆ:ସ କହିଲେ:- ପବିତ୍ର କୁର୍‌ଆନ୍ ହେଉଛି ହାକିମ ଓ ହଦିସ୍ ହେଉଛି ତାହାର ଅଧିନସ୍ଥ । ଆମେ କେବଳ ସେହି ହଦିସ୍‌ଗୁଡ଼ିକୁ ମାନିବୁ ଯାହା ପବିତ୍ର କୁର୍‌ଆନ୍ ଅନୁଯାୟୀ ଥିବ ନଚେତ ରଦ୍ଦ କରିଦେବୁ । ସେହିଭଳି ଯେଉଁ ହଦିସ୍‌ଗୁଡ଼ିକ ପ୍ରକୃତିର ନିୟମ ଅନୁଯାୟୀ ଥିବ ତାହା ସ୍ୱୀକାରୀୟ ହେବ କାରଣ ଖୁଦାତାଲାଙ୍କ ବାଣୀ ଓ ତାହାର କାର୍ଯ୍ୟ କେବେ ବି ବିପରୀତ ହୋଇପାରେନାହିଁ ।" ***(ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କେ କାର୍‌ନାମା, ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୧୦, ପୃ-୧୫୯-୧୬୦)***

### ନାସିଖ୍ ମନ୍‌ସୁଖ୍ (ବାତିଲ ହେବା)

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର:ଅ କହୁଛନ୍ତି:- "ମୁସଲମାନମାନଙ୍କ ମନରେ ଦ୍ୱିତୀୟ ଭାବନା ଏହା ସୃଷ୍ଟି ହୋଇଯାଇଥିଲା ଯେ ପବିତ୍ର କୁର୍‌ଆନ୍‌ର ଏକ ଅଂଶ ବାତିଲ୍ ହୋଇଯାଇଛି । ହଜ୍‌ରତ୍ ମସିହ ମଉଦ୍ ଆ:ସ ଏହାର ଉତର ଅତି ସୂକ୍ଷ୍ମ ଓ ସୁନ୍ଦରଭାବେ ଦେଲେ । ତାହା ହେଉଛି ଏପରି କି ଯେଉଁ ଆୟତଗୁଡ଼ିକୁ ଲୋକମାନେ ମନ୍‌ସୁଖ୍ (ଅର୍ଥାତ ବାତିଲ) ଅଭିହିତ କରିଥିଲେ, ସେଥି ମଧ୍ୟରୁ ଏମିତି ତତ୍ୱଜ୍ଞାନ ବାହାର କଲେ ଯେ ତାହାସବୁ ଶୁଣି ଶତ୍ରୁମାନେ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ଏବଂ ଆପଣ ଆ:ସଙ୍କ ଦ୍ୱାରା ବତାଯାଇଥିବା ସିଦ୍ଧାନ୍ତ ଅନୁଯାୟୀ ପବିତ୍ର କୁର୍‌ଆନ୍‌ର ଗୋଟିଏ ଆୟତ ମଧ୍ୟ ଏପରି ନାହିଁ ଯାହାର ଆବଶ୍ୟକ ପ୍ରମାଣିତ ନ କରାଯାଇପାରେ । ଏବେ ସେହି ଗୈର୍ ଅହେମଦୀ (ଅଣଅହେମଦୀ) ଯେଉଁମାନେ କିଛି ଆୟତଗୁଡ଼ିକୁ ବାତିଲ୍ ହୋଇଛି ବୋଲି କହୁଥିଲେ ସେମାନେ ଇସ୍‌ଲାମ୍‌ର ଶତ୍ରୁମାନଙ୍କ ସମ୍ମୁଖରେ ସେହି ଆୟତଗୁଡ଼ିକୁ ଉପସ୍ଥାପନ କରି ଇସ୍‌ଲାମ୍‌ର ଶ୍ରେଷ୍ଠତା ପ୍ରମାଣ କରୁଛନ୍ତି ।" ***(ହଜ୍‌ରତ୍ ମସିହ୍ ମଉଦ୍ କେ କାର୍‌ନାମେ, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୧୦, ପୃ-୧୪୭)***

ପୁଣି ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅ କହୁଛନ୍ତି "ହଜ୍‌ରତ୍ ମସିହ ମଉଦ୍ ଆ:ସ ବତାଇଛନ୍ତି ଯେ ପବିତ୍ର କୁର୍‌ଆନ୍‌ର ଗୋଟିଏ ଶଦ୍ଦ ବି ମନ୍‌ସୁଖ୍ ଅର୍ଥାତ ବାତିଲ ନୁହେଁ । ଯେଉଁ ଆୟାତଗୁଡ଼ିକୁ ମନ୍‌ସୁଖ୍ ହୋଇଥିବାର କୁହାଯାଉଥିଲା, ସେସବୁର ଅତି ସୁନ୍ଦର ଅର୍ଥ ଓ ଭାବାର୍ଥ ବର୍ଣ୍ଣନା କରିଛନ୍ତି" ***(ହଜ୍‌ରତ୍ ମସିହ୍ ମଉଦ୍ କେ କାର୍‌ନାମେ, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୧୦, ପୃ-୧୫୯)***

ନାସିଖ୍ ମନ୍‌ସୁଖ୍ ସନ୍ଦର୍ଭରେ ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ୍ ଆ:ସ କହିଛନ୍ତି:-

ଏବଂ ସତ୍ୟ ହେଉଛି ଏହା କି ପବିତ୍ର କୁର୍‌ଆନ୍‌ରେ ବାସ୍ତବିକ କିଛି ବାତିଲ କରିବା ବା ବୃଦ୍ଧି ଘଟାଇବା ଅନୁଚିତ କାରଣ ଏହାଦ୍ୱାରା ତାହାର ପ୍ରତ୍ୟାଖାନ ହେଉଅଛି (ଅର୍ଥାତ ପବିତ୍ର କୁର୍‌ଆନ୍ ମିଥ୍ୟା ବୋଲି ଅଭିହିତ ହେଉଅଛି) । ହନ୍‌ଫିମାନଙ୍କର ଉସୁଲେ ଫିକା (ଧର୍ମବିଧି ସଂକ୍ରାନ୍ତିୟ ନିୟମ କାନୁନ୍ ଉପରେ ପର୍ଯ୍ୟବେଶିତ) ପୁସ୍ତକ "ନୂରୁଲ୍ ଅନ୍‌ଓ୍ୱାର୍"ର ପୃ ନଂ-୯୧ରେ ଲେଖା ହୋଇଛି ଯେ ପ୍ରତ୍ୟେକ ଧର୍ମ ସକ୍ରାନ୍ତିୟ ବିଷୟ ପବିତ୍ର କୁର୍‌ଆନ୍‌ରେ ଦରଜ ରହିଛି । ତା ବାହାରେ କିଛି ବି ବସ୍ତୁ ନାହିଁ । ଯଦି ତଫ୍‌ସୀର୍ (ବ୍ୟାଖ୍ୟା)ରେ ବର୍ଣ୍ଣିତ ହୋଇଥିବା କଥାଗୁଡ଼ିକ ଯାହା ତାକୁ ସମର୍ଥନ କରୁଛନ୍ତି, ତାହା ସବୁ ବର୍ଣ୍ଣନା କରାଯାଏ ତେବେ ଏଥିସକାଶେ ଗୋଟିଏ ଦଫ୍‌ତର୍ ଦର୍‌କାର୍ । ଅତଏବ୍ ବାସ୍ତବିକ କଥା ହେଉଛି ଏହା କି ଯେଉଁ ବିଷୟ ପବିତ୍ର କୁର୍‌ଆନ୍‌ରୁ ଅଲଗା ବା ତାହାର ବିରୋଧି ହୋଇଥାଏ ତାହା ପ୍ରତ୍ୟାଖ୍ୟାନ ଯୋଗ୍ୟ ଏବଂ ସଠିକ୍ ହଦିସ୍‌ଗୁଡ଼ିକ ପବିତ୍ର କୁର୍‌ଆନ୍‌ରୁ ଅଲଗା ନୁହେଁ । କାରଣ ପ୍ରକାଶ୍ୟ ଐଶିବାଣୀ ସାହାଯ୍ୟରେ ସେହି ସମସ୍ତ ବିଷୟବସ୍ତୁଗୁଡ଼ିକ ପବିତ୍ର କୁର୍‌ଆନ୍‌ରୁ ବାହାରିଛି ଓ ପ୍ରାପ୍ତ ହୋଇଅଛି । ହଁ ଏକଥା ସତ୍ୟ ଯେ ସେହି ନିୟମକାନୁନକୁ ବାହାର କରିବା ଓ ପ୍ରମାଣିତ କରି ଦେଖାଇବା ରସୁଲୁଲ୍ଲାଃଙ୍କ ବ୍ୟତୀତ ବା ସେହି ବ୍ୟକ୍ତିଙ୍କ ବ୍ୟତୀତ ଯିଏ ଛାୟା ରୂପରେ ସେହି ସିଦ୍ଧତାରେ ପହଂଚିଯାଇଥିବ, ଆଉ କାହାର କାର୍ଯ୍ୟ ନୁହେଁ । ଏଥିରେ କିଛି ସନ୍ଦେହ ନାହିଁ ଯେ ଯାହାଙ୍କୁ ଛାୟା ସଦୃଶ ଅଲ୍ଲାଃଙ୍କ ଆର୍ଶୀବାଦ ଏପରି ଶିକ୍ଷା ପ୍ରଦାନ କରିଅଛି ଯାହା ତା'ର ପ୍ରୀୟ ରସୁଲ୍‌ଙ୍କୁ ପ୍ରାପ୍ତ ହୋଇଥିଲା, ସେ ତାଙ୍କୁ ତତ୍ୱଜ୍ଞାନ, ସତ୍ୟତା ଏବଂ ପବିତ୍ର କୁର୍‌ଆନ୍‌ର ସୂକ୍ଷ୍ମାତିସୂକ୍ଷ୍ମ ବିଷୟ ସମ୍ବନ୍ଧରେ ଅବଗତ କରାଯାଇଥାଏ ।" ***(ଅଲ୍‌ହକ୍ ଲୁଧିୟାନା, ବହଓ୍ୱାଲା ତଫ୍‌ସୀର୍ ମସିହ୍ ମଉଦ୍ ଆ:ସ, ପୃ-୧୮୫-୧୮୬)***

ଆଜି ଆମକୁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଯୁକ୍ତିଯୁକ୍ତ ପ୍ରମାଣର ଆଲୋକରେ ଚେଷ୍ଟା କରିବା ଉଚିତ ଯେ ଆମେ ସଂସାରବାସୀଙ୍କୁ ବତାଇବା ଯେ ଏହି ସବୁ ବିଷୟବସ୍ତୁଠାରୁ ଅଲଗା ରହି ସେମାନେ କ୍ଷତିରେ ରହୁଛନ୍ତି । ହଜ୍‌ରତ୍ ମସିହ ମଉଦ୍ ଆ:ସ ଆସି ମୌଳିକ ବିଶ୍ୱାସ ଓ ଆସ୍ଥା ସମ୍ବନ୍ଧରେ ସଠିକ୍ ନିଷ୍ପତି ଦେଇଛନ୍ତି ଏବଂ ତାଙ୍କ ପରେ ଖିଲାଫତ୍ ଅହମଦୀୟା ଜରିଆରେ ଆଗାମୀ କୟାମତ୍ ପର୍ଯ୍ୟନ୍ତ ଅନ୍ୟାନ୍ୟ ପ୍ରସଙ୍ଗରେ ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ୍ ଆ:ସଙ୍କ ଶିକ୍ଷାର ଅକ୍ଷ ମଧ୍ୟରେ ରହି ହିଁ ସର୍ବଦା ମାର୍ଗଦର୍ଶନ ମିଳିଚାଲିବ । ଏହିପରି ଏହି ଉମ୍ମତ / ସମ୍ପ୍ରଦାୟ ଜମାତ୍ ଅହେମଦୀୟା ଜରିଆରେ ବାସ୍ତବିକ ଓ ଅସଲ ଉନ୍ନତିର ରାଜପଥରେ ଆଗକୁ ଆଗକୁ ବଢ଼ି ଚାଲିଥିବ । ଅଲ୍ଲାଃ ହିଁ ସାହାଯ୍ୟକାରୀ !

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ଖଲିଫତୁଲ୍ ସାନି (ଦ୍ୱିତୀୟ) ର:ଅ କହିଛନ୍ତି:

"ଏ ସଂସାର କିଛି ଦିନ ପାଇଁ । କାହାକୁ ଜଣାନାହିଁ କିଏ କେତେ ଦିନ ବଂଚିବ । ଶେଷରେ ସମସ୍ତଙ୍କୁ ମରିବାକୁ ହେବ ଓ ଅଲ୍ଲାଃଙ୍କ ନିକଟରେ ହାଜର ହେବାକୁ ପଡ଼ିବ । ସେତେବେଳେ ସଠିକ୍ ବିଶ୍ୱାସ/ଆସ୍ଥା ଏବଂ ସତ୍‌କର୍ମ ବ୍ୟତୀତ ଆଉ କିଛି କାମରେ ଆସିବନାହିଁ । ଗରୀବ ଲୋକ ବି ଏ ସଂସାର ଛାଡ଼ି ଖାଲି ହାତରେ ଯିବ ଏବଂ ଧନି ମଧ୍ୟ ଯିବ । ନା ସମ୍ରାଟ/ରାଜାମାନେ ଏ ଦୁନିଆରୁ କିଛି ନେଇଗଲେ ନା ଦରିଦ୍ରମାନେ କିଛି ନେଇଗଲେ । ସାଥିରେ କେବଳ ଇମାନ୍ (ବିଶ୍ୱାସ)ଯିବ ବା ସତ୍‌କର୍ମ ଯିବ । ତେଣୁ ଅଲ୍ଲାଃ ତାଲାଙ୍କ ଦୂତ ଉପରେ ବିଶ୍ୱାସ ଆଣନ୍ତୁ ଫଳତଃ ଅଲ୍ଲାଃଙ୍କ ତରଫରୁ ଆପଣମାନଙ୍କୁ ସୁରକ୍ଷା ଦିଆଯିବ । ଇସ୍‌ଲାମ୍‌ର ଆବାଜ୍‌କୁ ଗ୍ରହଣ କରନ୍ତୁ ଯଦ୍ୱାରା ଶାନ୍ତି ଓ ସୁରକ୍ଷାରୁ ଆପଣମାନଙ୍କୁ ଭାଗ ମିଳିବ"

***(ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୭, ପୃ-୫୯୫-୫୯୬ ଦାଓ୍ୱତୁଲ୍ ଅମୀର୍)***

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ପର୍ଯ୍ୟନ୍ତ ଏହାର ମିଆଦ ପୁରିଯିବ । ଏହି ସମୟ ପର୍ଯ୍ୟନ୍ତ ଏହି ଦରଖାସ୍ତକୁ ଛପାଇ କୌଣସି ଇସ୍ତହାର ମାଧ୍ୟମରେ ନପଠାଇଲେ ଏହା ବୁଝାଯିବ ଯେ ଆପଣ ସେଥିରୁ ମଧ୍ୟ ପଳାୟନ କଲେ ।" ***(ସିର୍ରୁଲ୍ ଖିଲାଫତ, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡଃ ପୃଷ୍ଠା ୪୧୭)***

ହଜରତ ମସିହ ମଉଦ[ଅସ] ପରବର୍ତ୍ତୀ ସମୟରେ ସେହି ପୁରସ୍କାର ଦୁଇଟଙ୍କାକୁ ବୃଦ୍ଧି କରିଦେଲେ କିନ୍ତୁ ଭୁଲ ବାହାର କରିବା ତଥା ପୁରସ୍କାର ନେବା ପାଇଁ ସେ କେତେକ ଜରୁରୀ ସର୍ତ୍ତ ରଖିଥିଲେ । ଏଥି ସମ୍ବନ୍ଧରେ ମସିହ ମଉଦ[ଅସ] ଏହିପରି କହିଛନ୍ତି:

"କୁତ୍ସାରଟନାକାରୀ କଠୋର ପନ୍ଥୀ ବିଶେଷତଃ ଶେଖ୍ ମୁହମ୍ମଦ ହୁସେନ ସାହେବ ବଟାଲୁଇ, ଯିଏ ଆମର ଆରବୀ ପୁସ୍ତକଗୁଡିକୁ ମିଥ୍ୟା ଦୋଷ ବାହାର କରିବାକୁ ମନସ୍ଥ କରିଛନ୍ତି, ହିଂସା ଓ ଅଜ୍ଞାନତା ବଶତଃ ଏହି ଲେଖକଙ୍କ ଠିକ ଓ ତ୍ରୁଟିହୀନ ବିଷୟକୁ ମଧ୍ୟ ତ୍ରୁଟିପୂର୍ଣ୍ଣ ଶ୍ରେଣୀରେ ଅନ୍ତର୍ଭୁକ୍ତ କରି ଦେଉଛନ୍ତି । କିନ୍ତୁ ପ୍ରକୃତରେ ଆମର ଜାଣତରେ କିମ୍ବା ଅଜାଣତରେ ଭୁଲ କେବଳ ତାହା ହିଁ ହେବ, ଯାହାର ବିରୁଦ୍ଧରେ ଯଥାର୍ଥ ଭାବରେ ଆମ ପୁସ୍ତକଗୁଡିକ ମଧ୍ୟରେ ଅନ୍ୟ କୌଣସି ସ୍ଥାନରେ ଲେଖାଯାଇ ନଥିବ । ମାତ୍ର ଯେବେ କି ଗୋଟିଏ ସ୍ଥାନରେ କୌଣସି ସଂଯୋଗ ବଶତଃ ଭୁଲ ହୋଇଥିବ, ଅଥଚ ସେହି ଶୈଳୀରେ ଲେଖାଯାଇଥିବା ଅନ୍ୟ ଦଶ କୋଡିଏ କିମ୍ବା ପଚାଶ ସ୍ଥାନରେ ସଠିକ ଉପାୟରେ ଦେଖିବାକୁ ମିଳୁଥିବ, ତେବେ ନ୍ୟାୟ ଓ ବିଶ୍ୱାସ ଦୃଷ୍ଟିରୁ ତାହାକୁ ନିର୍ଭୁଲ ରଚନା ବୋଲି ବୁଝିବାକୁ ହେବ । କିନ୍ତୁ ଭୁଲ ଅର୍ଥରେ ନୁହେଁ । ଯେପରି କ୍ଷୀପ୍ର ଗତିରେ ଏହି ପୁସ୍ତକମାନ ଲେଖା ଯାଇଛି, ଯଦି ତାହାକୁ ଧ୍ୟାନରେ ରଖି ବିଚାର କରାଯାଏ, ତା'ହେଲେ ଏହା ଆମ ପ୍ରତି ମହା ଅତ୍ୟାଚାର ହେବ । ତେଣୁ ସେହି ରଚନାଗୁଡିକୁ ଅଭ୍ୟାସଗତ ବୋଲି ଧରି ନେବାକୁ ହେବ । ପବିତ୍ର କୁରଆନକୁ ଛାଡିଦେଲେ କୌଣସି ମାନବ ଦେହୀଙ୍କର କଥନ ଦୋଷତ୍ରୁଟିରୁ ଶୂନ୍ୟ ନୁହେଁ । ଏ କଥା ବଟାଲୁଇ ସେହବଙ୍କୁ ଜଣା ଅଛି ଯେ ଲୋକମାନେ ସାହିତ୍ୟ ସାଧକ ଉମରୁଲ୍ କୈସ୍ ଓ ହରିହୀଙ୍କ ରଚନାରୁ ମଧ୍ୟ ଭୁଲ ବାହାର କରିଛନ୍ତି । କିନ୍ତୁ କ'ଣ ଏପରି ଜଣେ ବ୍ୟକ୍ତି ଯିଏ ଦୈବାତ ଏକ ଭୁଲ ଧରିଲେ, ତାକୁ ସେହି ମହାନ ସାହିତ୍ୟକ ଉମରୁଲ କୈସ ଓ ହରୀରଙ୍କ ସ୍ତରରେ ପରିଗଣିତ କରାଯାଇ ପାରିବ ? ତାହା କଦାପି ନୁହେଁ ଏବଂ ପରର ଛିଦ୍ରାନ୍ୱେଷ କରିବା ସହଜ, ଯାହା ଏକ ସାଧାରଣ ଲୋକ ମଧ୍ୟ କରିପାରେ ।

ଆମ ପକ୍ଷରୁ 'ହମାମତୁଲ ବୁଶ୍‌ରା' ଓ 'ନୁରୁଲ ହକ୍' ମୁକାବିଲାରେ ପତ୍ରିକା ଲେଖିବାର ପାଇଁ ୧୮୯୪ ମସିହା ଜୁନ ଶେଷ ତାରିଖ ମଧ୍ୟରେ ମିଆଦ ଦିଆଯାଇଥିଲା, ତାହା ବି ପୁରି ଯାଇଛି । ମାତ୍ର କୌଣସି ମୌଲବୀ ପ୍ରତିଯୋଗୀତା ମୂଳକ ପତ୍ରିକା ଲେଖିବା କାରଣରୁ ପୁରସ୍କାର ରାଶି ଠୁଳ କରିବା ପାଇଁ ଆବେଦନ ପଠାଇ ନାହାନ୍ତି । ସେ ସମୟ ମଧ୍ୟ ବିତିଯାଇଛି ଅଥଚ ସେମାନେ ଛିଦ୍ର ଖୋଜିବା ଯାହା ସର୍ବଦା ଅଯୋଗ୍ୟ ଓ ହିଂସା ପରାୟଣ ଲୋକଙ୍କ କାମ, ସେଥିପାଇଁ ବହୁତ ଛାଟିପିଟି ହେଲେ ଏବଂ କେତେକ ସୁବିଧାବାଦୀ ଲୋକ କେତେକ ଆକସ୍ମିକ ଭୁଲ ବାହାର କରି ପୁରସ୍କାରର ଆଶାୟୀ ପ୍ରାର୍ଥୀ ହେଲେ । ମାତ୍ର ଟିକିଏ ବି ଆଖି ଖୋଲି ଦେଖିଲେ ନାହିଁ ଯେ ପ୍ରତ୍ୟେକ ଭୁଲ ପିଛା ପୁରସ୍କାର ପାଇବା ପାଇଁ ଏହି ସର୍ତ୍ତ ଅଛି ଯେ ସେହି ଲୋକ ପ୍ରଥମେ ପ୍ରତିଯୋଗିତା ମୂଳକ ପତ୍ରିକା ଲେଖିବ ନଚେତ ସେହି ହିଂସା ପରାୟଣ ଛିଦ୍ର ଖୋଜୁଥିବା ବ୍ୟକ୍ତି ଯାହାଙ୍କର ବ୍ୟକ୍ତିଗତ ଜ୍ଞାନ କିଛି ହେଲେ ନାହିଁ, ସେପରି ଲୋକ ଦୁନିଆରେ ହଜାରେ କ'ଣ ଲକ୍ଷ ଲକ୍ଷ ଅଛନ୍ତି, କାହା କାହାକୁ ପୁରସ୍କାର ଦିଆଯିବ । ପ୍ରଥମେ ସେମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ ମୋର ଏହି 'ସିର୍‌ରୁଲ୍ ଖିଲାଫାଃ'ର ମୁକାବିଲାରେ ପତ୍ରିକା ଲେଖନ୍ତୁ ଏବଂ ପୁଣି ଯଦି ସେମାନଙ୍କ ପତ୍ରିକା ତ୍ରୁଟିଶୂନ୍ୟ ବାହାରିବ ଏବଂ ଆମ ପତ୍ରିକାର ଗୁଢଭେଦ ଓ ସୂକ୍ଷ୍ମତତ୍ତ୍ୱରେ ଆମ ପଲା ଭାରି ହେବ, ତା'ହେଲେ ଆମ ଠାରୁ ପ୍ରତିଯୋଗୀତା ମୂଳକ ପତ୍ରିକାର ପୁରସ୍କାର ବ୍ୟତୀତ ପ୍ରତି ଭୁଲ ସକାଶେ ଦୁଇଟଙ୍କା ମଧ୍ୟ ନେଇ ଯାଆନ୍ତୁ, ଯାହା ପାଇଁ ଆମେ ପ୍ରତିଶୃତି ଦେଇଛୁ । ନଚେତ ଏପରି ଛିଦ୍ର ବାହାର କରିବା ତ ଲଜ୍ଜାଜନକ କଥା ହେବ । **ଓସ୍‌ସଲାମୁ ଅଲା ମନିତ୍ ତବଅଲ୍ ହୁଦା** ।" (ପରିଶିଷ୍ଟ ପୃ ୩୧୬)

ଏବେ ଆମେ ନିମ୍ନରେ ପ୍ରଦତ ହଜରତ ମସିହ ମଉଦ[ଅସ]ଙ୍କର କେତେକ ନିର୍ଦ୍ଦେଶାବଳୀ ଉଲ୍ଲେଖ କରୁଛୁ, ଯହିଁରୁ ଏହା ଜଣା ପଡିଯିବ ଯେ ଶେଖ ମୁହମ୍ମଦ ହୁସେନ ବଟାଲୁଇ ପ୍ରକୃତରେ ଆରବୀର କୌଣସି ଗଭୀର ଜ୍ଞାନ ରଖି ନଥିଲେ । ନା ସେ କେବେ ଆରବୀର ପଦ୍ୟ କହିଛନ୍ତି ନା ସେ କୌଣସି ପୁସ୍ତକ ଲେଖିଛନ୍ତି । ତାଙ୍କର ଫାର୍ସି ଭାଷାରେ ମଧ୍ୟ ଜ୍ଞାନ ନଥିଲା । ସୁତରାଂ ହଜରତ ମସିହ ମଉଦ[ଅସ] କହିଛନ୍ତି:

"ଶେଖ ବଟାଲୁଇ ସାହେବ ନିଜ ମତାନୁଯାୟୀ ଆମର ପୁସ୍ତକ ତବ୍‌ଲିଗ (ପ୍ରଚାର ଭିତିକ)ର କେତେକ ଭୁଲ ବାହାର କରିଛନ୍ତି । ଆମେ ପରିତାପର ସହିତ ଲେଖୁଛୁ ଯେ କ୍ରୋଧର ଆବେଗ ବଶତଃ କିମ୍ବା ଅଜ୍ଞାନ କାରଣରୁ ନିର୍ଭୁଲ ତଥା ନିୟମିତ କ୍ରମ ବିନ୍ୟାସ ଓ ଶବ୍ଦ ବିନ୍ୟାସକୁ ମଧ୍ୟ ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇଲେ । ଯଦି ଏହି ପ୍ରସଙ୍ଗ ପାଇଁ କୌଣସି ବିଶେଷ ସଭା ଆୟୋଜିତ ହୁଅନ୍ତା, ତା'ହେଲେ ଆମେ ତାଙ୍କୁ ବୁଝାଇ ଦିଅନ୍ତୁ ଯେ ଏପରି ତରବରିଆ ଯୋଗୁଁ କ'ଣ ସବୁ ଦୁଃଖ ଉଠାଇବାକୁ ପଡିଥାଏ । କୟାମତର ଚିହ୍ନ ପ୍ରକାଶ ହୋଇ ଗଲାଣି । କିନ୍ତୁ ଏପରି ଜ୍ଞାନ ଓ ନାମଧାରୀ ମୌଲବୀ!!! ସେହିସବୁ ଭୁଲ ଯାହାକୁ ସେ ଅତି ଜ୍ଞାନୀ ବୋଲି ବାହାର କରିଛନ୍ତି, ଯଦି ସେସବୁକୁ ଏକତ୍ର କରି ଲେଖାଯାଏ, ତେବେ ତାହା ଦୁଇ ବା ଦେଢ ଧାଡି ପାଖାପାଖି ହେବ ଏବଂ ସେଥି ମଧ୍ୟରୁ ଅଧିକାଂଶ ଲେଖକଙ୍କ ଦୃଷ୍ଟିରୁ ଉହ୍ୟ ରହିଯାଇଥିବ । ଏବଂ ତିନୋଟି ଏପରି ଭୁଲ ଯାହା ନଜର ଆଢୁଆଳରେ ରହିଯାଇଥିବା ଯୋଗୁଁ ରହିଯାଇଛି । ଅବଶିଷ୍ଟ ଶେଖ ସାହେବଙ୍କ ନିଜର ବୁଦ୍ଧିଭ୍ରମ ବା ଅବୁଝା ପଣର କ୍ଷତି, ଯେଉଁଥିରୁ ପ୍ରମାଣ ମିଳୁଛି ଯେ ଶେଖ ସାହେବ କେବେ ଆରବୀ ବ୍ୟାକରଣ ପ୍ରତି ଧ୍ୟାନ ଦେଇ ନାହାନ୍ତି । ଉତମ ହୋଇଥାନ୍ତା ଯଦି ସେ ଚୁପ ରହିଥାନ୍ତେ ଓ ନିଜକୁ ପ୍ରଘଟ ନକରିଥାନ୍ତେ । ଆମର ଆଗ୍ରହ ଥିଲା ଯେ ଶେଖ ସାହେବ ଆମ ପୁସ୍ତକ ଗୁଡିକର ମୁକାବିଲାରେ କୌଣସି ସ୍ୱଷ୍ଟ ତତ୍ତ୍ୱଜ୍ଞାନ ମୂଳକ ପଦ୍ୟ ରଚନା ଓ ପ୍ରସାରଣ ଯୋଗ୍ୟ କରି ପ୍ରକାଶିତ କରନ୍ତେ । ଯଦ୍ୱାରା ସେ ଆମଠାରୁ ପୁରସ୍କାର ନେଇଥାନ୍ତେ ଓ ଆମ ଠାରୁ ଏହାର ସ୍ୱୀକାରୋକ୍ତି ନେଇଥାନ୍ତେ ଯେ ପ୍ରକୃତରେ ସେ ଜଣେ ବିଦ୍ୱାନ ଓ ଆରବୀ ପଣ୍ଡିତ ।"

(ସିର୍‌ରୁଲ ଖିଲାଫାଃ, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୮, ପୃ ୪୧୫)

ପୁଣ୍ୟଶ୍ଳୋକ କହିଛନ୍ତି: "ଏଠାରେ ଏହା ମଧ୍ୟ ମନେ ରଖିବାକୁ ପଡିବ ଯେ ଶେଖ ବଟାଲୁଇ ଯେଉଁ ପ୍ରକାରେ ଏହି ବିନୀତର କେତେକ ଆରବୀ ପଙ୍‌କ୍ତିରୁ ଭୁଲ ବାହାର କରିଛନ୍ତି ଯଦି ସେଥିରୁ କିଛି ସାବ୍ୟସ୍ତ ହୁଅନ୍ତା, ତା'ହେଲେ କେବଳ ଏତିକି ଯେ ଏବେ ସେହି ଶେଖ୍‌ଙ୍କର ଔଦ୍ଧତ୍ୟ ଓ ନିର୍ଲଜ୍ଜତା ଏପରି ସ୍ତରରେ ପହଂଚିଗଲାଣି ଯେ ଠିକଟା ତାଙ୍କ ଦୃଷ୍ଟିରେ ଭୁଲ ଓ ବାଗ୍ମିତା ତଥା ଶବ୍ଦ ପ୍ରୟୋଗର ଦକ୍ଷତା ତାଙ୍କ ନଜରରେ ପ୍ରଭାବଶୂନ୍ୟ ଦେଖାଯାଉଛି । ଜଣାନାହିଁ ଯେ ଏହି ଅଜ୍ଞାନୀ ଶେଖ କେଉଁ ପର୍ଯ୍ୟନ୍ତ ନିଜର ମୁହଁ ଲୁଚାଇ ବୁଲୁଥିବ ଏବଂ କିପରି ତିରସ୍କୃତ ହେବା ଟା ତାହା ଭାଗ୍ୟରେ ଲେଖା ଅଛି । କେତେକ ବିଚାରଶୀଳ ବ୍ୟକ୍ତି ତାହାର ଏହି କଥା ଶୁଣି ଓ ପରର ଛିଦ୍ର ଖୋଜୁଥିବା ଲୋକ ବିଷୟରେ ସୂଚନା ପାଇ ତାହା ପାଇଁ କାନ୍ଦୁଛନ୍ତି ଯେ ଏହି ବ୍ୟକ୍ତି କାହିଁକି ଅଜ୍ଞାନ ଅନ୍ଧାରର ପଙ୍କିଳ ଭିତରେ ଫସି ରହିଛି ।" ***(କରାମାତୁସ୍ ସାଦେକୀନ୍, ରୁହାନି ଖଜାୟିନ ଗ୍ରନ୍ଥଖଣ୍ଡ ୭, ପୃ ୬୩)***

"ମୁଁ ପାଠକମାନଙ୍କୁ ବିଶ୍ୱାସ ଦେଉଛି ଯେ ଶେଖ ବଟାଲୁଇ ଆରବୀ ଜ୍ଞାନ ପାଇବାର ହତଭାଗା ସାବସ୍ତ୍ୟ ହୋଇଛି । ଭୁଲ ବାହାର କରିବା ସେହି ଲୋକମାନଙ୍କ କାର୍ଯ୍ୟ ଯେଉଁମାନେ ଆଧୁନିକ ସାହିତ୍ୟ ଓ ପୁରାତନ ଆରବୀ ପ୍ରତି ଦୃଷ୍ଟି ନିବିଦ୍ଧ କରିଥାନ୍ତି । ଆରବୀ ଲୋକ ସାହିତ୍ୟ ଓ ଏହାର ଅଭାବ ସମ୍ବନ୍ଧରେ ଅବଗତ ଥାଆନ୍ତି । ହଜାର ହଜାର ଆରବୀ କାବ୍ୟ ସେମାନଙ୍କ ଦୃଷ୍ଟି ସମ୍ମୁଖରେ ରହିଥିବ । ତାଙ୍କର ପଦାଙ୍କ ଅନୁସରଣ କରିବା ଓ ଯୁକ୍ତି ତତ୍ତ୍ୱର ବିଶେଷ ଦୃଷ୍ଟାନ୍ତମାନଙ୍କର ସାଧାରଣ ନିୟମ ପ୍ରଚଳନ କରିବାରେ ପାରଦର୍ଶିତା ହାସଲ କରିଥିବା । ମାତ୍ର ବିଚାରା ଶେଖ ତ ଉର୍ଦ୍ଦୁଜ୍ଞାନ ବିବର୍ଜିତ, ସେ ପୁଣି ସାହିତ୍ୟ ଜ୍ଞାନ ଓ ଗୁଢତତ୍ତ୍ୱଭିତିକ ସୂକ୍ଷ୍ମ ଜ୍ଞାନ କାହୁଁ ଜାଣିବ ? କେହି କେବେ ଦେଖିଛି କି ଶୁଣିଛି ଯେ ସେହି ମହାଶୟ ଦୁଇ ଚାରି ଶହ ଆରବୀ ପଦ୍ୟ ଗାୟନ ଶୈଳୀରେ ପ୍ରକାଶିତ କରିଛନ୍ତି ? ମୋ ପକ୍ଷେ ଏହା ଆଶା କରିବା ବୃଥା ଯେ ଜଣେ କବି ମାର୍ମିକ ଜ୍ଞାନ କରିପାରିବ କିମ୍ବା ଜଣେ ବ୍ୟକ୍ତି ଧାଡି ପରେ ଧାଡି ସୂକ୍ଷ୍ମ ତତ୍ତ୍ୱ ଆରବୀରେ ଲେଖି ପାରିବ । ହଁ ସେ ଜଣେ ଉର୍ଦ୍ଦୁ ଭାଷାବିତ୍ ନିଶ୍ଚୟ ।"

**(କରାମାତୁସ୍ ସାଦେକୀନ୍, ରୁହାନି ଖଜାୟିନ ଗ୍ରନ୍ଥଖଣ୍ଡ ୭, ପୃ ୬୪)**

**ମୂଳ ଉର୍ଦ୍ଦୁ: ମନସୁର ଅହମଦ ମସରୁର**
**ସମ୍ପାଦକ ସାପ୍ତାହିକ ବଦର**
**ଓଡିଆ ଅନୁବାଦ: ଇଂ ରୌଶନ ଖାନ**
**ଅଧ୍ୟକ୍ଷ ରିଭ୍ୟୁ କମିଟି ଓଡିଶା**

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**
ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:
୧୮୦୦ ୩୦୧୦ ୨୧୩୧
(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)
Web.www.alislam.org
www.ahmadiyyamuslimjamaat.in



ମସଜିଦ ମୁବାରକ (ଇସଲାମାବାଦ, ୟୁ.କେ)



ମସଜିଦ ଫଜଲ (ଲଣ୍ଡନ, ୟୁ.କେ)



ମସଜିଦ ନୁସରତ ଜାହାଁ (କୋପନହେଗେନ, ଡେନମାର୍କ)




ମସଜିଦ ଅକ୍‌ସା (ରବ୍ୱା, ପାକିସ୍ତାନ)



ମସଜିଦ ମସରୁର (ଭର୍ଜିନିୟା, ଆମେରିକା)



ମସଜିଦ ବୈତୁଲ ଅହଦ (ନିଗୋୟା, ଜାପାନ)



ମସଜିଦ ବୈତୁସ ସମଦ (ବାଲଟିମୁର, ଆମେରିକା)



ମସଜିଦ ବୈତୁଲ୍ ହମୀଦ (ଫୁଲ୍ଡା, ଜର୍ମାନୀ)

ବିଶ୍ୱବ୍ୟାପ୍ତ ଜମାଅତ ଅହମଦୀୟା ଆଜି ପୃଥିବୀର ୨୧୩ ଗୋଟି ଦେଶରେ ପ୍ରତିଷ୍ଠା ହୋଇସାରିଛି ।
ପୃଥିବୀର ବିଭିନ୍ନ ଦେଶମାନଙ୍କରେ ଜମାଅତ ଅହମଦୀୟା ତରଫରୁ ନିର୍ମିତ କେତେକ ମସଜିଦର ମନୋରମ ଦୃଶ୍ୟ

EDITOR
Qamarul Haque Khan
SUB EDITOR
Maqsood Ali Khan (M.A.)
Mob (91+) 9437128786
e-mail:odiabadar@gmail.com

Registered with the Registrar of the Newspapers for India at No. PUN ODI/2016/68750

ସାପ୍ତାହିକ ବଦର କାଦିୟାନ Weekly BADAR Qadian
Qadian - 143516 Distt. Gurdaspur (Pb.) INDIA
Vol. 06 Thursday 4-11 March 2021 Issue 9-10

MANAGER
SHAIKH MUJAHID AHMAD
Mobile : +91 99153 79255
e -mail:managerbadrqnd@gmail.com
SUBSCRIPTION
ANNUAL: Rs.500
(Per issue : Rs.9/-)
(Weight : 20-50 gms/issue)

## ହଦିସରେ ଉଲ୍ଲେଖ ଅଛି ଯେ ମସିହ ମଉଦଙ୍କ ଅବତରଣ ଏକ ମିନାରା ପାର୍ଶ୍ୱରେ ଦାମସ୍କର ପୂର୍ବ ଦିଗରେ ହେବ

### ବଂଧୁଗଣ ! ଏହି ମିନାରା ଏଥିପାଇଁ ନିର୍ମାଣ କରାଯାଉଛି, ଯଦ୍ଦ୍ୱାରା ହଦିସ ଅନୁଯାୟୀ ଏହା ପ୍ରତିଶ୍ରୁତ ମସିହଙ୍କ ଯୁଗର ସ୍ମୃତିଚିହ୍ନ ହେବ

## ଏହି 'ମିନାରତୁଲ୍ ମସିହ' ମଧ୍ୟ ଦାମସ୍କର ପୂର୍ବ ଦିଗରେ ରହିଛି



ପୁଣ୍ୟଶ୍ଳୋକ ମସିହ ମଉଦ କହିଛନ୍ତି:

ହେ ବନ୍ଧୁଗଣ ! ଏହି ମିନାରା ଏଥିପାଇଁ ପ୍ରସ୍ତୁତ କରାଯାଉଛି, ଯଦ୍ଦ୍ୱାରା ହଦିସ ଅନୁଯାୟୀ ମସିହ ମଉଦଙ୍କ ଯୁଗର ସ୍ମାରକୀ ରୂପେ ପରିଚିତ ହେବ । ତତ୍‌ସହିତ ମହତ୍ତ୍ୱପୂର୍ଣ୍ଣ ଭବିଷ୍ୟତ ବାଣୀ ମଧ୍ୟ ପୂରଣ ହୋଇଯିବ, ଯାହାର ଉଲ୍ଲେଖ ପବିତ୍ର କୁରଆନର ଏହି ପଙ୍କ୍ତିରେ ରହିଛି ! **'ସୁବ୍‌ହାନଲ୍ଲଜି ଅସ୍‌ରା ବିଅବ୍‌ଦେହୀ ଲୈଲମ୍ ମିନଲ୍ ମସଜିଦିଲ୍ ହରାମେ ଇଲଲ୍ ମସଜିଦିଲ୍ ଅକ୍‌ସା ଅଲ୍ଲଜି ବାରକ୍‌ନା ହୌଲହୂ ।'** ଏବଂ ଯେଉଁ ମିନାରାର ଉଲ୍ଲେଖ ହଦିସରେ ମଧ୍ୟ ଅଛି ଯେ ମସିହଙ୍କ ଅବତରଣ ମିନାରା ପାର୍ଶ୍ୱରେ ହେବ । ଦାମସ୍କର ସୂଚନା ସେହି ମୁସଲିମ ହଦିସରେ ଦିଆଯାଇଛି, ଯାହାର ଅଭିପ୍ରାୟ ତ୍ରିତ୍ୱବାଦର ବୀଜବପନ ଦାମସ୍କ ଠାରେ ପ୍ରଥମେ ହୋଇଥିଲା । ମସିହ ମଉଦ ଅବତରଣ କରିବା ଏହି କାରଣରୁ ଉଦ୍ଦିଷ୍ଟ ଯେ ତିନୋଟି ଈଶ୍ୱର ପୂଜାର ସିଦ୍ଧାନ୍ତକୁ ଲୋପ କରି ପୁନର୍ବାର ଏକ ଈଶ୍ୱରଙ୍କ ମହିମାକୁ ସଂସାରରେ ଉଦ୍‌ଭାସିତ କରାଯିବ । ଏହାର ସମ୍ୟକ ସୂଚନା ଦେବା ପାଇଁ ବର୍ଣ୍ଣନା କରାଯାଇଛି ଯେ ମସିହଙ୍କ ମିନାରା ଯାହା ନିକଟରେ ସେ ଅବତୀର୍ଣ୍ଣ ହେବେ, ତାହା ଦାମସ୍କର ପୂର୍ବ ଦିଗରେ ଅବସ୍ଥିତ । ଏହି ଉକ୍ତିଟି ମଧ୍ୟ ଯଥାର୍ଥ । କାରଣ କାଦିୟାନ ଜିଲ୍ଲା ଗୁରଦାସପୁର ପଞ୍ଜାବରେ ରହିଛି । ଯାହା ଲାହୋରର ଦକ୍ଷିଣ ପଶ୍ଚିମରେ ରହିଛି ଏବଂ ଯାହା ଦାମସ୍କର ଠିକ ପୂର୍ବ ଦିଗକୁ ମଧ୍ୟ ରେଖାଙ୍କିତ କରୁଛି । ଏଥିରୁ ସାବ୍ୟସ୍ତ ହେଉଛି ଯେ ଏହି 'ମିନାରତୁଲ୍ ମସିହ' ମଧ୍ୟ ଦାମସ୍କର ପୂର୍ବ ଦିଗରେ ରହିଥିବାର ସୂଚଉଛି । ପ୍ରତ୍ୟେକ ସତ୍ୟର ଅନିସନ୍ଧିତ୍ସୁଙ୍କ ପକ୍ଷେ ଏହା ଉଚିତ ହେବ ଯେ 'ଦାମସ୍କ' ଶବ୍ଦ ଉପରେ ଗଭୀର ଚିନ୍ତା କରୁ ଯେ ଏଥିରେ କ'ଣ ରହସ୍ୟ ଅଛି ? ଯାହା ସକାଶେ ଏହା ଲେଖାଯାଇଛି ଯେ ମସିହ ମଉଦ ଦାମସ୍କର ପୂର୍ବ ଦିଗରେ ଅବତୀର୍ଣ୍ଣ ହେବେ । ଏବେ ଆମ ପ୍ରତିପକ୍ଷ ଏହି ଦାମସ୍କ ସଂକ୍ରାନ୍ତୀୟ ହଦିସକୁ ବାରମ୍ବାର ପଢୁଥିଲେ ସୁଦ୍ଧା କେବଳ ଏକ କାହାଣୀ ପରି ବୁଝି ନେଇଛନ୍ତି । କିନ୍ତୁ ମନେ ରଖନ୍ତୁ, ଏହା କାହାଣୀ ନୁହେଁ । ଈଶ୍ୱର ଅଯଥା କାର୍ଯ୍ୟରୁ ପବିତ୍ର । ବରଂ ଏହି ହଦିସର ଶବ୍ଦାବଳୀରେ ଯେପରି ପ୍ରଥମେ ଦାମସ୍କର ଉଲ୍ଲେଖ କରାଗଲା ଏବଂ ପୁଣି ତାହାର ପୂର୍ବ ଦିଗରେ ଏକ ମିନାରାକୁ ଦର୍ଶାଗଲା, ସେଥି ମଧ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ଭେଦ ରହିଛି । ଯାହାକୁ ବର୍ତ୍ତମାନ ଆମେ ବର୍ଣ୍ଣନା କରିଛୁ । ଅର୍ଥାତ ତାହାର ତାତ୍ପର୍ଯ୍ୟ ହେଉଛି, ତ୍ରିତ୍ୱବାଦ ଓ ତିନି ଈଶ୍ୱରଙ୍କ ମୂଳଭିତ୍ତି ଦାମସ୍କରେ ପଡିଥିଲା । ଏହି ଶିର୍କ୍ ଅର୍ଥାତ ଅନେକେଶ୍ୱର ପୂଜାର କ୍ଷେତ ପ୍ରଥମେ ଦାମସ୍କରେ ହିଁ ଅଙ୍କୁରିତ ହେଲା, ପୁଷ୍ପିତ ହେଲା ଏବଂ ପୁଣି ଏହି ବିଷ ମଞ୍ଜି ଅନ୍ୟତ୍ର ମଧ୍ୟ ମାଡିଗଲା । ସୁତରାଂ ଏହି କଥା ଯେହେତୁ ଈଶ୍ୱରଙ୍କୁ ଜଣାଥିଲା ଯେ ମନୁଷ୍ୟକୁ ଈଶ୍ୱର କରି ଗଢ଼ିବାର ଭିଭିପ୍ରସ୍ତର ପ୍ରଥମେ ଦାମସ୍କରେ ସ୍ଥାପନ କରାଯାଇଥିଲା । ତେଣୁ ଈଶ୍ୱର ଏହି ଯୁଗର ପ୍ରସଙ୍ଗ ଉପସ୍ଥାପନ କରିବା ପୂର୍ବକ ଯେତେବେଳେ ଈଶ୍ୱରଙ୍କ ପରାକ୍ରମ ଏହି ମିଥ୍ୟା ଶିକ୍ଷାକୁ ଲୋପ କରିଦେବ, ସେତେବେଳେ ପୁଣି ଦାମସ୍କର କଥା ଉଠାଇଲେ ଓ କହିଲେ ଯେ ମସିହଙ୍କ ମିନାରା ଅର୍ଥାତ ତାହାଙ୍କ ଜ୍ୟୋତିର ପ୍ରକାଶ ସ୍ଥଳ ଦାମସ୍କର ପୂର୍ବ ଦିଗ ଆଡକୁ ରହିଥିବ । ଏହାର ଅର୍ଥ ନୁହେଁ ଯେ ତାହା ଦାମସ୍କ ମଧ୍ୟରେ ଏକ ଅଂଶ ବା ସେହିଠାରେ ହିଁ ରହିଛି, ଯେପରିକି ଦୁର୍ଭାଗ୍ୟବଶତଃ ଭୁଲ ଅର୍ଥରେ ବୁଝାଯାଉଛି । ବରଂ ଏହାର ତାତ୍ପର୍ଯ୍ୟ ହେଉଛି, ମସିହ ମଉଦଙ୍କ ଦିବ୍ୟାଲୋକ ସୂର୍ଯ୍ୟ ସଦୃଶ ଦାମସ୍କର ପୂର୍ବ ଦିଗରୁ ଉଦୟ ହୋଇ ପଶ୍ଚିମର ଅନ୍ଧକାରକୁ ଦୂର କରିଦେବ । ଏହା ଏକ ସୂକ୍ଷ୍ମ ରହସ୍ୟ ପ୍ରତି ସଙ୍କେତ ରୂପେ ରହିଥିଲା । କାରଣ ମସିହଙ୍କ ମିନାରାକୁ ଯାହାର ନିକଟରେ ସେ ଅବତରଣ କରିବ, ଦାମସ୍କର ପୂର୍ବ ପଟକୁ ଦର୍ଶାଯାଇଛି ଏବଂ ଦାମସ୍କରୁ ଆରମ୍ଭ ହୋଇଥିବା ତ୍ରିତ୍ୱବାଦ ତାହାର ପଶ୍ଚିମ ପଟେ ରଖାଯାଇଛି । ଏତାଦୃଶ ଭାବରେ ଅନ୍ତିମ ଯୁଗ ସମ୍ବନ୍ଧରେ ଏହି ଭବିଷ୍ୟତ ବାଣୀ କରାଯାଇଛି ଯେ ଯେତେବେଳେ ମସିହ ମଉଦ ଆସିବେ, ପୂର୍ବ ଦିଗର ସୂର୍ଯ୍ୟ ପରି ତାହାର ଅଭ୍ୟୁଦୟ ଘଟିବ । ଏହାର ମୁକାବିଲା କରି ତ୍ରିତ୍ୱବାଦ ଅଭିଯାନର ମୃତପ୍ରାୟ ଦୀପଶିଖା ଦିନକୁ ଦିନ ପଶ୍ଚିମ ଦିଗରେ ଲିଭି ଲିଭି ନିଷ୍ପ୍ରଭ ହୋଇଯିବ । କାରଣ ପୂର୍ବ ଦିଗରୁ ଉଦୟ ହେବା ଈଶ୍ୱରଙ୍କ ପୁସ୍ତକରେ ପ୍ରଗତିର ଚିହ୍ନ ଏବଂ ପଶ୍ଚିମ ଦିଗକୁ ଅପସରି ଯିବା ପତନାଭିମୁଖୀ ହେବାର ପ୍ରତୀକ ।

(ମଜ୍‌ମୁଆ ଇସ୍ତେହାରାତ୍, ତୃତୀୟ ଖଣ୍ଡ, ପୃଷ୍ଠା ୨୮୭-୨୯୪)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor : Qamrul Haque Khan